




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୫ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 25 JANUARY 2022
Vol.No. 33 ■ No. 24 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ପଞ୍ଜାବ ନିର୍ବାଚନ ପାଇଁ ବିଜେପି ସହ କ୍ୟାପ୍ଟେନ ଅମରିନ୍ଦର ସିଂଙ୍କ ଦଳ ସହ ମେଣ୍ଟ

## ବିଜେପି ହାତରେ ୬୫, କ୍ୟାପ୍ଟେନଙ୍କ ଦଳକୁ ୩୭ ଆସନ

ଚଣ୍ଡିଗଡ, ୨୪/୦୧ (ନି.ପ୍ର): ଆସନ୍ତା ମାସରେ ହେବାକୁ ଥିବା ପଞ୍ଜାବ ନିର୍ବାଚନ ପାଇଁ ବିଜେପି ସହ କ୍ୟାପ୍ଟେନ ଅମରିନ୍ଦର ସିଂଙ୍କ ଦଳ ସହ ମେଣ୍ଟ ହୋଇଛି। ଏହି ନିର୍ବାଚନରେ ବିଜେପି ୬୫ଟି ଆସନରେ ପ୍ରତିଦ୍ୱନ୍ଦିତା କରିବ। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅମରିନ୍ଦର ସିଂଙ୍କ ନୂଆ ଦଳ ପଞ୍ଜାବ ଲୋକ କଂଗ୍ରେସ ୩୭ଟି ଆସନରେ ପ୍ରତିଦ୍ୱନ୍ଦିତା କରିବ। ସେହିପରି ତୃତୀୟ ସହଯୋଗୀ ଦଳ ଶିରୋନାମା ଅକାଳି ଦଳକୁ ମିଳିଛି ୧୫ଟି ଆସନ। ଆସନ୍ତା ଫେବୃଆରୀରେ ପଞ୍ଜାବରେ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ୧୧୭ ବିଶିଷ୍ଟ ବିଧାନସଭା ଆସନରୁ ପ୍ରଥମ



ପର୍ଯ୍ୟାୟରେ ଅମରିନ୍ଦର ସିଂ ୨୨ ଜଣ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି । ପଟିଆଲା ସହରୀ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ କ୍ୟାପଟ୍ଟେନ ଅମରିନ୍ଦର। ସେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ୱିନ୍ ବିଲିଟି ଥିବା ପ୍ରାର୍ଥୀଙ୍କୁ ସେ ଗୁରୁତ୍ୱ ଦେଇଛନ୍ତି । ଏଥିସହ ରାଜ୍ୟର ସବୁ ବର୍ଗରୁ ପ୍ରତିନିଧିତ୍ୱ ପାଇଁ ସୁଯୋଗ ଦିଆଯାଇଛି। କ୍ୟାପ୍ଟେନ ପାଇଥିବା ୩୭ଟି ଅସନ ମଧ୍ୟରୁ ୨୬ଟି ହେଉଛି ମାଲୱା ଅଞ୍ଚଳର। ଯେଉଁଠି କ୍ୟାପ୍ଟେନ ଅମରିନ୍ଦର ସିଂଙ୍କ ପାରିବାରିକ ଦବ୍‌ଦବା ରହିଛି। ଏହି ସବୁ ଅଞ୍ଚଳରେ ୨୦୦୭ ନିର୍ବାଚନରେ କ୍ୟାପଟ୍ଟେନଙ୍କ ଚୟନ ପ୍ରାର୍ଥୀମାନେ ବିଜୟ ହୋଇଥିଲେ। ଏହି ନିର୍ବାଚନରେ କ୍ୟାପଟେନଙ୍କ ସେହି ରଣନୀତି ତାଙ୍କୁ ସହାୟକ ହୋଇପାରେ ବୋଲି ସେ ଆଶା ରଖିଛନ୍ତି। ସେହିପରି ଉକ୍ତ ଅଞ୍ଚଳରେ ଦିଆଯାଇଥିବା ପ୍ରାର୍ଥୀମାନେ ବେଶ ଜଣାଶୁଣା। ସେମାନଙ୍କରେ ପାଖରେ ଦୃଢ଼ ରାଜନୈତିକ ଦକ୍ଷତା ଅଛି ବୋଲି ଅମରିନ୍ଦର କହିଛନ୍ତି । ଏହି ପ୍ରାର୍ଥୀମାନଙ୍କ ମଧ୍ୟରେ ଫରଜାନା ଅଲାମ ନାମ୍ନୀ ଜଣେ ମହିଳା ଅଛନ୍ତି । ସମ୍ପୃକ୍ତ ମହିଳା ମାଲେରକୋଟଲା ଆସନରୁ ଲଢ଼ିବେ।

## ବଢି ବଢି ଚାଲିଛି ଋଷ-ୟୁକ୍ରେନ୍ ବିବାଦ

ନୂଆଦିଲ୍ଲୀ,୨୪/୦୧: ଋଷ ଓ ୟୁକ୍ରେନ୍ ଭିତରେ ବିବାଦ ଏତେ ଆଗକୁ ବଢିଯାଇଛି ଯେ, ଏବେ ଯୁଦ୍ଧ ପରିସ୍ଥିତିକୁ ଏଡାଇବା କଷ୍ଟକର ହୋଇ ପଡିଛି । ଆମେରିକାର କହିବା କଥା ପରିସ୍ଥିତି ଏବେ ଅସମ୍ଭାଳ ହୋଇ ସାରିଛି । କୌଣସି ବି ମୁହୂର୍ତରେ ଋଷିଆ, ୟୁକ୍ରେନ୍ ଉପରେ ଆକ୍ରମଣ କରିପାରେ । ଏଭଳି ଆଶଙ୍କା ଏଥିପାଇଁ କରାଯାଉଛି ଯେ, ଋଷ ଗୁପ୍ତ ଭାବେ ୟୁକ୍ରେନ୍ରେ ଥିବା ନିଜ ଦୂତାବାସ ଖାଲି କରିଦେଇଛି । ସେପଟେ ଋଷ ସହ ଲଢେଇ ପାଇଁ କାନାଡା ନିଜର କିଛି ସେନା ୟୁକ୍ରେନ୍ ପଠାଇ ଦେଇଛି । କେବଳ ସେତିକି ନୁହେଁ ବ୍ରିଟେନ୍ ମଧ ନିଜର ଋଷ ସହ ମୁକାବିଲା ପାଇଁ ନିଜର କିଛି ଲଢୁଆ ଟାଙ୍କ ୟୁକ୍ରେନ୍ ପଠାଇ



ଦେଇଛି । ଯାହା ଲାଗୁଛି ୟୁକ୍ରେନ୍ ଓ ଋଷିଆ ମଧ୍ୟରେ ଯୁଦ୍ଧ ହେବା ଏକ ପ୍ରକାର ସ୍ଥିର । ଋଷ ଓ ୟୁକ୍ରେନ ମଧ୍ୟରେ ଗତ କିଛି ମାସ ଧରି ବିବାଦ ଲାଗି ରହିଛି । ଆଉ ଏ ବିବାଦ ଏତେ ମାତ୍ରାରେ ବଢି ଯାଇଛି ଯେ, କୌଣସି ବି ମୁହୂର୍ତରେ ଦୁଇ ଦେଶ ମଧ୍ୟରେ ହୋଇପାରେ ଯୁଦ୍ଧ । ଯୁଦ୍ଧ ପରିସ୍ଥିତି ଦେଖି ୟୁକ୍ରେନ୍ ସପକ୍ଷରେ ୟୁରୋପର ବିଭିନ୍ନ ଦେଶ ଛିଡା ହେବା ସହ ଆମେରିକା ମଧ ସହଯୋଗର ହାତ ବଢାଇଥିବା ଦେଖିବାକୁ ମିଳିଛି । ଆଉ ଦୁଇ ଦେଶରେ କୌଣସି ବି ପରିସ୍ଥିତିରେ ଯୁଦ୍ଧ ହୋଇପାରେ ବୋଲି ଅନେକ ସଂକେତ ମିଳୁଛି । ଋଷ ଗତ ତିନି ମାସ ଧରି ୟୁକ୍ରେନ୍ ସୀମାରେ ଟ୍ୟାଙ୍କ, ମିଜାଇଲ ଆଉ ଅନ୍ୟ ଯୁଦ୍ଧାସ୍ତ୍ର ସହ ଲକ୍ଷାଧିକ ସେନା ଠୁଳ କରିବାରେ ଲାଗିଛି । ସେପଟେ ୟୁକ୍ରେନ୍ ସମର୍ଥନରେ ବାହାରିଛି ନାଟୋ । ଆମେରିକା ସମର୍ଥିତ ପାଶ୍ଚାତ୍ୟ ଦେଶଗୁଡିକର ସୈନ୍ୟ ସଙ୍ଗଠନ ନାଟୋ ଋଷର ଆକ୍ରାମଣାତ୍ମକ ଆଭିମୁଖ୍ୟକୁ ନିନ୍ଦା କରିବା ସହ ୟୁକ୍ରେନ୍କୁ ସହାୟତା କରିବା ନେଇ ଘୋଷଣା କରିଛି । ୟୁକ୍ରେନ୍ ନାଟୋର ପୂର୍ଣ୍ଣ ସଦସ୍ୟ ହୋଇ ନଥିଲେ ବି ତାକୁ ନାଟୋର ପୂର୍ଣ୍ଣ ସମର୍ଥନ ମିଳିଛି । ନାଟୋର ସଦସ୍ୟ ଦେଶ ୟୁକ୍ରେନ୍କୁ ଯୁଦ୍ଧାସ୍ତ୍ର ପଠାଇବା ଆରମ୍ଭ କରିଦେଇଛି । ଋଷ ଓ ୟୁକ୍ରେନ୍ ସୀମାରୁ ଯେଭଳି ଦୃଶ୍ୟ ଆସୁଛି, ତାକୁ ଦେଖି ଲାଗୁଛି କୌଣସି ବି ମୁହୂର୍ତରେ ଦୁଇ ଦେଶ ମଧ୍ୟରେ ହୋଇପାରେ ଯୁଦ୍ଧ । ଆଉ ଯଦି ପ୍ରକୃତରେ ଯୁଦ୍ଧ ହୁଏ ତାହାଲେ ମହାବିନାଶକୁ ଏଡାଇବା ଅସମ୍ଭବ । ୟୁକ୍ରେନ୍ ସହ ଲାଗିଥିବା ▶▶ପୃଷ୍ଠା ୭

### ୨୬ରୁ ବଢିବ ଶୀତ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସରୁ ରାଜ୍ୟରେ ଶୀତ ବୃଦ୍ଧି ହେବାର ସମ୍ଭାବନା ରହିଛି । ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ୩ ରୁ ୫ ଡ଼ିଗ୍ରୀ ଖସିବ। ଫଳରେ ଶୀତ ବଢିବ। ୨୬ ତାରିଖରୁ ପାଗ ମଧ୍ୟ ଶୁଖିଲା ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ଅନୁଗୁଳ, ଢ଼େଙ୍କାନାଳ ଓ କେନ୍ଦୁଝର ଆଦି ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଜାନୁଆରୀ ୨୫ରୁ ୨୬ ତାରିଖ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, ଖୋର୍ଦ୍ଧା ଓ କଟକ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ପଡ଼ିବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଜାନୁଆରୀ ୨୬ରୁ ୨୭ ତାରିଖ ମଧ୍ୟରେ କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି।

## ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟରେ ଆଡ୍‌ମିଶନ ମାମଲାର ହେବ ଖୋଳତାଡ଼

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ଭଦ୍ରକ କଲେଜରେ ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟରେ ଆଡ୍‌ମିଶନ ମାମଲାର ହେବ ଖୋଳତାଡ। ସବୁ ଭିନ୍ନକ୍ଷମ ସାର୍ଟିଫିକେଟ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଲେ ଉଚ୍ଚଶିକ୍ଷା ସଚିବ। ସେଥିପାଇଁ ସବୁ ସରକାରୀ ଓ ବେସରକାରୀ କଲେଜ ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି। ଜିଲ୍ଲାର ଉପଜିଲ୍ଲାଧୀଶଙ୍କ ଦ୍ୱାରା ସବୁ ଭିନ୍ନକ୍ଷମ ସାର୍ଟିଫିକେଟ ଯାଞ୍ଚ ନିର୍ଦ୍ଦେଶ। ଯାଞ୍ଚରେ ଯଦି କେହି ଫେକ୍ ଜଣାପଡ଼ିଲା, ତାହାହେଲେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚଶିକ୍ଷା ସଚିବ। ଜାଲ୍ ସାର୍ଟିଫିକେଟ ଦେଇଥିବା ପିଲାଙ୍କ ଆଡମିଶନ ରଦ୍ଦ ସହ ସ୍ଥାନୀୟ ଥାନାରେ ଏତଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ ଦେଇ ଭଦ୍ରକ





କଲେଜରେ ଆଡମିଶନ ଅଭିଯୋଗ ହୋଇଥିଲା। ଯାହାଫଳରେ ୮୦ ପ୍ରତିଶତ ମାର୍କ ରଖି ପିଲା ସିଟ୍ ପାଇନଥିଲେ। ଅଥଚ ୪୦ ପ୍ରତିଶତ ମାର୍କ ଥିବା ପିଲା କଲେଜରେ ନାଁ ଲେଖାଉଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଏବିଭିପି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏବିଭିପି ଅଭିଯୋଗ ଅନୁସାରେ, ଏହି କଲେଜରେ ବେଆଇନ୍ ତଥା ଜାଲ ସାର୍ଟିଫିକେଟରେ ଆଡମିଶନ୍ କରାଯାଇଛି। ଏହା ପଛରେ ବିଜେଡିର ରାଜ୍ୟ ଯୁଗ୍ମ ସମ୍ପାଦକଙ୍କ ହାତ ରହିଛି।

### ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କରୋନାରେ ସଂକ୍ରମିତ



ଭୁବନେଶ୍ୱର, ୨୪/୦୧ (ନି.ପ୍ର): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି, ମୁଁ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛି। ଏବେ ଡାକ୍ତରୀ ଚିକିତ୍ସାରେ ରହିଛି। ଯେଉଁମାନେ ଗତକିଛି ଦନି ଭିତରେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନେ କୋଭିଡ ନିୟମ ମାନନ୍ତୁ ଏବଂ ସତର୍କ ରୁହନ୍ତୁ।

## ଷ୍ଟକ୍ ମାର୍କେଟରେ ଜବରଦସ୍ତ ଘାଟା

ମୁମ୍ବାଇ, ୨୪/୦୧: ସୋମବାର ସେନସେକ୍ସକୁ ଲାଗିଛି ଜବରଦସ୍ତ ଝଟ୍‌କା। ସୋମବାର ସେନସେକ୍ସର ଇକ୍ୟୁଟି ବେଞ୍ଚ ମାର୍କ ୧୫୪୬ ପଏଣ୍ଟରୁ ୫୮,୦୦୦ ଲିଭେଲକୁ ହ୍ରାସ ଘଟିଛି। ଅନ୍ତର୍ଜାତୀୟ ବଜାରରେ ବେପାର ଘାଟା ଯୋଗୁ ଏଭଳି ପରିସ୍ଥିତି ଉପୁଜି ଥିବା କୁହାଯାଉଛି। ଏଥିସହ ବିଦେଶୀ ପୁଞ୍ଜି ନିବେଶରେ ନିଷ୍କ୍ରିୟତା ଦିନକୁ ଦିନ ବାଣିଜ୍ୟକୁ ପ୍ରବାବିତ କରୁଛି। ଆରମ୍ଭରୁ ଏକ ଧିମା ଗତିରୁ ଅଗ୍ରସର ହୋଇଥିବା ସେନ୍?ସେକ୍ସ ଅପରାହ୍ନ ବେଳକୁ ସାମାନ୍ୟ ପିକ୍‌ରେ ପହଞ୍ଚିଥିଲା। ପ୍ରାୟ ସମସ୍ତ ସୂଚକାଙ୍କ ରେଡ୍? ମାର୍କରେ ସୀମିତ ରହି ବନ୍ଦ ହୋଇଥିଲା। ୩୦ ସେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ସେନସେକ୍ସ ୧,୫୪୫,୬୭ ପଏଣ୍ଟ ଅର୍ଥାତ ୨.୬୨ ପ୍ରତିଶତରେ କ୍ଲୋଜ୍ ହୋଇଥିଲା। ସେହିପରି ନିଫଟି ୪୬୮.୦୫ ପଏଅଣ୍ଟକୁ ଖସିଥିଲା। ସବୁ ସେନସେକ୍ସ ଉପାନାଦ ରେଡ୍ ମାର୍କରୁ ଅଗ୍ରସର ହୋପାରି ନଥିଲା । ସବୁଠୁ କ୍ଷତି ସହିଛି ବାଜାଜ୍



ଫାଇନାନ୍ସ। ଏସୀୟ ମିଶ୍ରିତ ବଜାର ତୁଳନାରେ ଆଜି ଭାରତୀୟ ବଜାରର ଆରମ୍ଭ ଅତି ଦୁର୍ବଳ ଥିଲା। ଆଜିର ବେପାରରେ ପ୍ରାୟ ୩ ପ୍ରତିଶତ କ୍ଷତି ହୋଇଛି। ଉଭୟ ସେନସେକ୍ସ ଓ ନିଫଟିରେ ପ୍ରବଳ ହ୍ରାସ ପରିଲକ୍ଷିତ ହେବା ଯୋଗୁଁ ନିବେଶକମାନେ ଅତିକମରେ ୯ ଲକ୍ଷ ୧୫ ହଜାର କୋଟି ଟଙ୍କାର କ୍ଷତି ସହିଥିବା ଅନୁମାନ କରାଯାଉଛି । ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ ଆଜି ୧୮୧ ପଏଣ୍ଟ ହ୍ରାସ ସହ ଆରମ୍ଭ ହୋଇଥିଲା । ଦିନ ମଧ୍ୟରେ ଏହା ପ୍ରାୟ ୨ ହଜାର ପଏଣ୍ଟ ହ୍ରାସ ପାଇଥିଲା । ପରେ ସ୍ଥିତିରେ ଟିକିଏ ସୁଧାର ଆସିବାରୁ ସେନସେକ୍ସ ନିଜର କ୍ଷତିକୁ କିଛିଟା ଭରଣା କରିଥିଲା । ଶେଷରେ ୧୫୪୫.୬୭ ପଏଣ୍ଟ ହ୍ରାସ ସହ ୫୭,୪୯୧.୫୧ ପଏଣ୍ଟ ସହ ବନ୍ଦ ହୋଇଥିଲା । ଅନ୍ୟପକ୍ଷରେ ଆଜି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ନିଫଟି ୬୧ ପଏଣ୍ଟ ହ୍ରାସ ସହ ଖୋଲିଥିଲା । ପରେ ଏହି ହ୍ରାସ ମାତ୍ରା ବଢିଚାଲିଥିଲା । ଦିନ ମଧ୍ୟରେ ନିଫଟି ସର୍ବାଧିକ ୫୦୦ ପଏଣ୍ଟ ହ୍ରାସ ପାଇଥିଲା । ବନ୍ଦ ହେବା ବେଳକୁ ନିଫଟି ନିଜର କ୍ଷତିକୁ କିଛିଟା ଭରଣା କରିବା ସହ ୪୬୮ ପଏଣ୍ଟ ହ୍ରାସ ପାଇ ୧୭୧୪୯ ପଏଣ୍ଟରେ ବନ୍ଦ ହୋଇଥିଲା ।

## ଉତ୍ତରଭାରତରେ ପ୍ରବଳ ତୁଷାରପାତ : ହାଡଭଙ୍ଗା ଶୀତର ପ୍ରକୋପ

ନୂଆଦିଲ୍ଲୀ,୨୪/୦୧: ଥଣ୍ଡାରେ ଥରୁଛି ଉତରଭାରତ । ରାଜଧାନୀ ଦିଲ୍ଲୀରେ ୧୨୨ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା । ସହରରେ ଜାନୁଆରୀ ୨୪ ସୁଦ୍ଧା ରେର୍କଡ ୮୮.୨ ମିଲିଲିଟର ବର୍ଷା । ଉତରଖଣ୍ଡରୁ ମଧ ଆସିଲା ପ୍ରବଳ ତୁଷାରପାତ ଦୃଶ୍ୟ । ଧଳା ବରଫରେ ଘୋଡେଇ ରହିଛି ବାବା ବଦ୍ରିନାଥଙ୍କ ମନ୍ଦିର । ସେପଟେ ରାଜସ୍ଥାନ, ହରିଆଣା ଓ ପଶ୍ଚିମ ଉତରପ୍ରଦେଶରେ ପ୍ରବଳ କହୁଡି ଯୋଗୁଁ ଯାତାୟାତରେ ଅସୁବିଧା ଦେଖାଦେଇଛି । ଶୀତରେ ଥରୁଛି ଉତରଭାରତ । ଉତର ଭାରତୀୟ



ରାଜ୍ୟ ଗୁଡିକରେ ଶୀତର ପ୍ରକୋପ ଜାରି ରହିଛି । ସେପଟେ ରାଜଧାନୀ ଦିଲ୍ଲୀରେ ୧୨୨ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା । ପ୍ରଥମ ଥର ପାଇଁ ଜାନୁଆରି ମାସରେ ପ୍ରବଳ ବର୍ଷା ହେବା ଫଳରେ ଦିଲ୍ଲୀରେ ହାଡ ଭଙ୍ଗା ଶୀତ ଅନୁଭୂତ ହେଉଛି । ସହରରେ ସର୍ବନିମ୍ନ ତାପମାତା ୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ଉତରାଖଣ୍ଡ, ରାଜସ୍ଥାନ, ହରିଆଣା, ଉତରପ୍ରଦେଶ ଆଦି ରାଜ୍ୟ ଗୁଡିକରେ ହାଲୁକା ବରଫ ବର୍ଷା ଦେଖିବାକୁ ମିଳିଛି । ବିଭିନ୍ନ ଅଂଚଳରେ କୁହୁଡି ଛାଇ ରହିବା ଫଳରେ ଯାତାୟତରେ ଭିଷଣ ଅସୁବିଧା ଦେଖାଦେଇଛି । ସେପଟେ ଜାମ୍ମୁ କାଶ୍ମିରେ ମଧ ପ୍ରବଳ ବର୍ଷା ଯୋଗୁ ଅରେଂଜ ଆର୍ଲେଟ ଜାରି କାଲା ପାଣିପାଗ ବିଭାଗ । ଉତରାଖଣ୍ଡରେ ପ୍ରବଳ ▶▶ପୃଷ୍ଠା ୭

## କରୋନା ସଂକ୍ରମଣ କମୁଛି, ଦଶମ-ଦ୍ୱାଦଶ ଶ୍ରେଣୀ ପରୀକ୍ଷା ହେବ : ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ଛାତ୍ର ଛାତ୍ରୀ ମାନେ ପାଠ ପଢନ୍ତୁ, ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ରୁହନ୍ତୁ । ପରୀକ୍ଷା କିଭଳି ସଠିକ୍ ଭାବେ ହେବ ସେନେଇ ପ୍ରସ୍ତୁତି ଚାଲିଛି । ଦଶମ ଓ ଦ୍ୱାଦଶ ପରୀକ୍ଷା ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହି ସୂଚନା ଦେଇଛନ୍ତି । ଶ୍ରୀ ଦାଶ କହିଛନ୍ତି ଯେ, ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ପାଇଁ ପିଲାମାନେ ପ୍ରସ୍ତୁତ ହୁଅନ୍ତୁ । କରୋନା ଗ୍ରାଫ୍ ତଳମୁହାଁ ହେଉଛି, ସ୍ଥିତିରେ ସୁଧାର ଆସୁଛି । ପରୀକ୍ଷା କିଭଳି ସଠିକ୍ ଭାବେ ହେବ ସେନେଇ ପ୍ରସ୍ତୁତି ଚାଲିଛି । ଖାସ କରି ପିଲାମାନେ ପାଠ ପଢନ୍ତୁ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ରୁହନ୍ତୁ । ମାଟ୍ରିକ ଫାଷ୍ଟ ସମେଟିଭ୍ ପରୀକ୍ଷା ସରିଛି । ଫଳାଫଳ ଠିକ୍ ସମୟରେ ବାହାରିବ ବୋଲି ସେ ପ୍ରକାଶ କରିଛନ୍ତି ।

### ରାଜ୍ୟରେ ଆଉ ୫ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୫ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୫୨୫ ହୋଇ ଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର, କଟକ, କେନ୍ଦୁଝର, ଖୋର୍ଦ୍ଧା ଓ ସୁନ୍ଦରଗଡ ଜିଲ୍ଲାରେ ଜଣେ – ଜଣେ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ପଞ୍ଚାୟତ ମଇଦାନ ସରଗରମ : ଦେଖାନାହାଁନ୍ତି ତିନି କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ,୨୪/୦୧: ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ମାହୋଲ ସରଗରମ ଥିବା ବେଳେ ବିଜେପିର ପ୍ରମୁଖ ଚେହରା ପ୍ରଚାର ମଇଦାନକୁ ଆସିବେ କି ନାହିଁ ତାକୁ ନେଇ କର୍ମୀ ମହଲରେ ସନ୍ଦେହ ସୃଷ୍ଟି ହୋଇଛି । ୩ କେନ୍ଦ୍ରମନ୍ତ୍ରୀଙ୍କ ଭିତରୁ ଧର୍ମେନ୍ଦ୍ର ପ୍ରଧାନ ଉତରପ୍ରଦେଶ ନିର୍ବାଚନ ଦାୟିତ୍ୱରେ ଥିବା ବେଳେ ବିଶ୍ୱେଶ୍ୱର ଟୁଡୁ ଅଫିସରଙ୍କୁ ମାଡ ମାରିବା ଅଭିଯୋଗ ଆସିବା ପରେ ଏବେ ନୂଆଦିଲ୍ଲୀରେ ଡେରା ପକାଇଛନ୍ତି । ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଜେଡି ସହାୟତାରେ ରାଜ୍ୟସଭା ଯାଇ ମନ୍ତ୍ରୀ



ହୋଇଥିବାରୁ ରାଜ୍ୟ ସରକାରଙ୍କ ପ୍ରତି ତାଙ୍କ ଆଭିମୁଖ୍ୟ ସ୍ୱଷ୍ଟ ହୋଇପାରୁନାହିଁ । ବିଜେପି ପାଇଁ ଭାରି ପଡିବ କି ତିନି କେନ୍ଦ୍ରମନ୍ତ୍ରୀଙ୍କ ଅଭାବ ? ପଞ୍ଚାୟତ ନିର୍ବାଚନରେ ଦଳର ମଙ୍ଗ ଧରିବାକୁ ରାଜ୍ୟ ନେତୃତ୍ୱ ସକ୍ଷମ ତ ? ଏହି ପ୍ରଶ୍ନ ସେତେବେଳେ ଉଠିଛି, ଯେତେବେଳେ ବିଜେପିର ତିନି ପ୍ରମୁଖ ଚେହେରା ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ବିଶ୍ୱେଶ୍ୱର ଟୁଡୁ ବର୍ତମାନ ରାଜ୍ୟ ବାହାରେ ଡେରା ପକାଇଛନ୍ତି । ଏହି ପ୍ରସଙ୍ଗରେ ବିଜେପି ଶିବିର ଚୁପ୍ ଥିବା ବେଳେ ତୃଣମୂଳ ସ୍ତରରେ କିନ୍ତୁ ନେତା ଓ କର୍ମୀଙ୍କ ଭିତରେ ଚିନ୍ତା ବଢିବାରେ ଲାଗିଛି । ୨୦୧୭ ପଂଚାୟତ ନିର୍ବାଚନରେ ବିଜେପି ପାଇଁ ନିର୍ବାଚନର ପ୍ରଚାର ଡୋର ଥରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କୁହାଯାଏ ଧର୍ମେନ୍ଦ୍ରଙ୍କ ରଣନୀତି ଫଳରେ ଶାସକଦଳକୁ ଚକମା ଦେଇ ▶▶ପୃଷ୍ଠା ୭

## ଗୋଷ୍ଠୀ ସଂକ୍ରମଣ ମୁହାଁ ଓଡିଶା

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ଗୋଷ୍ଠୀ ସଂକ୍ରମଣ ଓଡ଼ିଶାକୁ ମୁହାଁଇଛି। ଦେଶର ମେଟ୍ରୋ ସହରଗୁଡ଼ିକରେ ଗୋଷ୍ଠୀ ସଂକ୍ରମଣ ଅଛି, ହେଲେ ଆମ ରାଜ୍ୟରେ ଆରମ୍ଭ ହୋଇନାହିଁ । ଗୋଷ୍ଠୀ ସଂକ୍ରମଣ ହୋଇଛି ଅର୍ଥ ସ୍ଥାନୀୟ ଅଂଚଳରେ ଓମିକ୍ରନ ସଂଖ୍ୟା ବଢ଼ିଛି। ଆମ ରାଜ୍ୟରେ କେତେ ପ୍ରତିଶତ ସଂକ୍ରମଣ ହେଲାଣି ତାହାକୁ ଜାଣିବା ପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ। କିଛି ଦିନ ତଳେ ହୋଇଥିବା ଜେନମ ସିକ୍ୱେନସିଂ ଅନୁସାରେ ୬୦ ପ୍ରତିଶତ ଥିଲା। ଏବେ ନିଶ୍ଚୟ ବଢିଥିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ବାହାର ଦେଶର ଯାତ୍ରୀଙ୍କ ଆଗମନ ବିନା ଯଦି



ଗୋଟିଏ ସ୍ଥାନରେ ରୋଗ ଓ ରୋଗୀ ସଂଖ୍ୟା ବଢୁଛି, ତାର ଅର୍ଥ ଗୋଷ୍ଠୀ ସଂକ୍ରମଣ ହୋଇଛି। ଅନ୍ୟ ଦେଶରେ ଏଭଳି ଘଟିଛି। ଆଉ କିଛି ଦିନରେ ଭାରତରେ ବି ଗୋଷ୍ଠୀ ସଂକ୍ରମଣ ହୋଇଯିବ। ଏବେ ରାଜ୍ୟରେ ବହୁତ କମ ସଂକ୍ରମିତ ହସ୍ପିଟାଲରେ ଆଡମିଟ ହେଉଛନ୍ତି। ମାତ୍ର ୨ ପ୍ରତିଶତରୁ କମ୍ ଆଡମିଟ ହୋଇଛନ୍ତି। ଯଦି ସାମାନ୍ୟ ଲକ୍ଷଣ ରହୁଛି ତା'ହେଲେ ଟେଷ୍ଟ କରନ୍ତୁ, ଟେଷ୍ଟ ନ କଲେ ଘରେ ସମସ୍ତଙ୍କୁ ହେବାର ଆଶଙ୍କା ରହିଛି। ଏଯାଏଁ ରାଜ୍ୟରେ ଜଣେ ବି ଓମିକ୍ରନ ରୋଗୀଙ୍କର ମୃତ୍ୟୁ ହୋଇନି। ଏଯାଏଁ ରାଜ୍ୟରେ ସଂକ୍ରମଣ ତଳ ମୁହାଁ ହୋଇଛି ବୋଲି କହି ହେବନାହିଁ। ଆମକୁ ଆହୁରି କିଛିଦିନ ଅପେକ୍ଷା କରିବାକୁ ହେବ।

# କନ୍ଧମାଳ ଜିଲ୍ଲାକୁ ଅଶାନ୍ତ କରିବାକୁ ପୁଣି ଷଡ଼ଯନ୍ତ୍ର: ବେଆଇନ ଭାବେ ଚାଲିଛି ଧର୍ମାନ୍ତରୀକରଣ

କନ୍ଧମାଳ ,୨୪/୧ (ନି.ପ୍ର): ଯୋଜନାବଦ୍ଧ ଭାବେ ହିନ୍ଦୁ ଦେବା ଦେବୀଙ୍କୁ ଅପମାନ ସୂଚକ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି । କନ୍ଧମାଳ ଜିଲ୍ଲାକୁ କିଛିଦିନ ବ୍ୟବଧାନ ପରେ ପୁଣି ଅଶାନ୍ତ କରିବାକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠିର ଷଡ଼ଯନ୍ତ୍ର ଚାଲିଥିବା ନେଇ ଅଭିଯୋଗ ହେଉଛି । ପୂର୍ବରୁ ଏନେଇ ଦୁଇ ଦୁଇ ଥର ଜିଲ୍ଲାରେ ଶାନ୍ତି ଭଙ୍ଗ ହୋଇ ଜିଲ୍ଲା ଦୁଇ ଦୁଇଟି ଦଙ୍ଗା ସାମ୍ନା କରିଥିବା ବେଳେ ପ୍ରଶାସନ ଏଥିରୁ କିଛି ଶିକ୍ଷା ପାଇ ପାରିନଥିବା ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନିକ ସ୍ଥାଣୁତା ଓ ଦାଇତ୍ୱହୀନତା ଯୋଗୁଁ ଜିଲ୍ଲା ଦୁଇ ଦୁଇ ଥର ଅଶାନ୍ତ ହୋଇଥିବା ନେଇ ମତ ରଖିଛନ୍ତି ଜିଲ୍ଲାର ବୁଦ୍ଧିଜୀବୀ । ଜିଲ୍ଲାରେ ବେଆଇନ ଭାବେ ଧର୍ମାନ୍ତରୀକରଣ ଚାଲିଥିବା ଓ ଜିଲ୍ଲାକୁ ପୁଣି ଅଶାନ୍ତ କରିବାକୁ ଯୋଜନାବଦ୍ଧ ଭାବେ ସଂଖ୍ୟାଗରିଷ୍ଠ ହିନ୍ଦୁ ଧର୍ମର ଦେବା ଦେବୀଙ୍କୁ ଅପମାନ ସୂଚକ ମନ୍ତବ୍ୟ ଦେବା ଓ କାର୍ଯ୍ୟକରିବା ନେଇ ଅଭିଯୋଗ ଉଠିଛି । ବାଲିଗୁଡା ଥାନା ବାଟାଗୁଡା(ବଣ୍ଡେମିଲା) ଗ୍ରାମର କନ୍ଧ କୁଇ ଆଦିବାସୀଙ୍କର ପୂଜା ପଦ୍ଧତି ହେଲା ଧରଣୀ ପେନୁ / ଦାର୍ନିପେନୁ । ଗ୍ରାମବାସୀଙ୍କ ପକ୍ଷରୁ ଏହି ପେନୁ ପୂଜା କରୁଥିବା ପୂଜକଙ୍କୁ ଜମି ଓ ଘର ଯୋଗାଇ ଦିଆଯାଇଥାଏ । ସେହି ଭଳି ଏହି ଗାଁର ପ୍ରଦୀପ ମଲିକଙ୍କୁ ଦୀର୍ଘଦିନ ଧରି ପୂଜା ଦାଇତ୍ୱ ଦିଆଯାଇ ଜମି ଓ ଘର ଗ୍ରାମବାସୀ ଯୋଗାଇ ଦେଇଥିଲେ । କିନ୍ତୁ ଗତ କିଛିଦିନ ପୂର୍ବରୁ ପ୍ରଦୀପ ଗାଁର କାହାକୁ ନ ଜଣାଇ କିଛି ଷଡଯନ୍ତ୍ରକାରୀଙ୍କ ପ୍ରଲୋଭନ ଓ ଚକ୍ରାନ୍ତରେ ବେଆଇନ ଭାବେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ବେଳେ ଗ୍ରାମବାସୀଙ୍କ ପ୍ରଦତ ଜମି ଓ ଘରକୁ ଟଂଚକତା କରି ନିଜ ନାମରେ ପଟା କରେଇନେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଏନେଇ ୧୦-୦୧-୨୦୨୨ ରେ ଲିଖିତ ଭାବେ ବାଲିଗୁଡା ଥାନାରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ପୂଜା ପାଇଁ ବ୍ୟବହୃତ ମୂଲ୍ୟବାନ ଧାତୁର ମୁକୁଟ, ଢାଲ, ଓ ପୂଜା ସାମଗ୍ରୀକୁ ହଡପ କରି ନିଆଯାଇଥିବା ବେଳେ ଷଡ଼ଯନ୍ତ୍ରକାରୀ କିଛି ଲୋକଙ୍କ ସହ ମିଶି ଧରାଣୀପେନୁ ଖମ୍ବକୁ ପୋଡ଼ି ଦେଇଛନ୍ତି ପ୍ରଦୀପ ଓ ତାଙ୍କ ସହଯୋଗୀ । ଏହାର ଭିଡ଼ିଓ କ୍ଲିପ ପୋଲିସକୁ ଦିଆଯାଇଥିଲେ ମଧ୍ୟ ପୋଲିସର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନରେ ସିଥିଳତା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଂଚଳବାସୀ । ସେହିଭଳି କିଛିଦିନ ପୂର୍ବେ ଜଣେ ଯୁବକ ଉଦେଶ୍ୟ ମୂଳକ ଭାବେ ବାରମ୍ବାର ହିନ୍ଦୁ ଦେବା ଦେବୀଙ୍କ ପ୍ରତି ଅଶ୍ଳୀଳ ଟିପ୍ପଣୀ ଦେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଥିବା ବେଳେ ପ୍ରଶାସନର ନୀରବତା ପରେ କୋର୍ଟର ହସ୍ତକ୍ଷେପ ଓ ନିର୍ଦ୍ଦେଶ ପରେ ଉକ୍ତ ଯୁବକକୁ ଗିରଫ କରି ଜେଲ ପଠେଇଥିଲା ପୋଲିସ । ସେହିଭଳି ଜିଲ୍ଲାରେ ଷଡଯନ୍ତ୍ର ଓ ଯୋଜନା କରି ଅନାଥ ଆଶ୍ରମ ନାରେ , ସରକାରୀ , ଜଙ୍ଗଲ , ଆଦିବାସୀ ଜମିକୁ ହଡପ କରି ପରେ ଅନାଥ ଆଶ୍ରମ ବନ୍ଦ କରି ଉକ୍ତ ଜାଗାରେ ଚର୍ଚ୍ଚ ନିର୍ମାଣ କରାଯାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏନେଇ ପ୍ରଶାସନିକ ନୀରବତା ନିରପେକ୍ଷତା ପ୍ରତି ପ୍ରଶ୍ନବାଚି ସୃଷ୍ଟି କରିଛି । ସଂଖ୍ୟା ଗରିଷ୍ଠ ହିନ୍ଦୁଙ୍କର ପୁଞ୍ଜିଭୂତ ଅସନ୍ତୋଷ ଏକ ବିସ୍ଫୋରକ ରୂପ ନେଇ ଜିଲ୍ଲାକୁ ଯେ ପୁଣି ଅଶାନ୍ତ ନ କରିବ ଏହାକୁ ଏଡାଇ ଦିଆଯାଇ ନପାରେ । ପ୍ରଶାସନ ଏସବୁରେ ତୀକ୍ଷ୍ଣ ଦୃଷ୍ଟିରଖି ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ମତ ପ୍ରକାଶ ପାଇଛି ।

## ମିତ୍ରସଂଘ ପକ୍ଷରୁ ରକ୍ତଦାନ ଶିବିର

ପୁରୀ,୨୪/୧ (ନି.ପ୍ର): ନେତାଜୀ ସୁବାଷ ବୋଷ ଓ ବୀର ସୁରେନ୍ଦ୍ରସାଏଙ୍କ ଜୟନ୍ତୀ ଉପଲକ୍ଷେ ସାମାଜିକ ଓ ସ୍ୱେଚ୍ଛାସେବୀ ଅଗ୍ରଣୀ ଅନୁଷ୍ଠାନ ମିତ୍ରସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବଡ଼ଦାଣ୍ଡ ସ୍ଥିତ ଭକ୍ତ ସାଲବେଗ ସ୍ମୃତି ପୀଠ ଠାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନିଲ ମହାନ୍ତି , ସମ୍ପାଦକ ସରୋଜ ନାୟକ, ଯୁବନେତା ଷ୍ଟାର୍ଲିନ ପରିଜା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସଭାପତି ରାଜୀବ କୁମାର ମହାପାତ୍ର, ସମ୍ପାଦକ ତ୍ରିନାଥ ପାତ୍ର, ଆବାହକ ଅନନ୍ତ ଶତପଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳିତ କରିଥିଲେ । ଏହି ଶିବିରରେ ମେଡ଼ିକାଲ ଟିମର ଡ଼କ୍ତର ବିନୟ ଭୂଷଣ ସାହୁ, ଶ୍ରୀନିବାସ ମିଶ୍ର, ପ୍ରିତିରଁଜନ ନାୟକ,ମନୋରଞ୍ଜନ ଭୋଇ, ଜିତେନ୍ଦ୍ର ନାୟକ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ସରୋଜ ମହାନ୍ତି, ଅଜୟ ମହାନ୍ତି, ପ୍ରମୋଦ ପ୍ରଧାନ, ଭବାନି ଶଙ୍କର ନାୟକ, ବିକ୍ରମ ସେନାପତି, ରତ୍ନାକର ପ୍ରଧାନ, ପ୍ରମୋଦ ସାହୁ, ମାନସ ପ୍ରଧାନ, ଅନୁଭବ ମହାନ୍ତି, ମନୋଜ ପ୍ରଧାନ ,ଗୋପୀନାଥ ପରିଡ଼ା ଓ ଅନ୍ୟମାନେ ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଏଥିରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

## ୧୮ ନମ୍ବର ଜିଲ୍ଲା ପରିଷଦ ପ୍ରାର୍ଥୀ ମାନସ ସାହୁ



ବାସୁଦେବପୁର,୨୪/୧ (ନି.ପ୍ର): ବାସୁଦେବପୁର ବ୍ଳକର ଲୁଙ୍ଗା ପଂଚାୟତ ର କୁରୁଦା ଗାଁ ରେ ଜନ୍ମ ଗ୍ରହଣ କରିଥିବା ମେଧାବୀ ଛାତ୍ର ମାନସ ସାହୁ ଚଳିତ ନିର୍ବାଚନ ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ୧୮ ନମ୍ବର ଜୋନ ର ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଛିଡ଼ା ହୋଇଛନ୍ତି ଓ ନିର୍ବାଚନ ପାଇଁ ଘର ଘର ବୁଲି ଭୋଟ ଭିକ୍ଷା କରିଛନ୍ତି । ତାଙ୍କର ମାତା ଛାୟା ରାଣୀ ସାହୁ ଓ ପିତା ସର୍ବେଶ୍ୱର ସାହୁ ଓ କର୍ମୀ ମାନେ ନିର୍ବାଚନ ପାଇଁ ପରିଶ୍ରମ କରିଛନ୍ତି । ଉତ୍କଳ ବିଶ୍ୱ ବିଦ୍ୟାଳୟ ରୁ ମାନସ ଗଣିତ ବିଭାଗ ରୁ ପି ଜି କରି ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ରେ ପି ଏଚ ଡି ଆଡ଼ମିସନ କରିଛନ୍ତି । ରାଜନୀତି ମାଧ୍ୟମରେ ସମାଜସେବା କରିବା ପାଇଁ ଇଚ୍ଛା ରଖିଛନ୍ତି ମାନସ । ଜିଲ୍ଲା ପରିଷଦ ନିର୍ବାଚନ ରେ ସେ ଜିତିବେ ବୋଲି ଆଶା ରଖିଛନ୍ତି । ଅତୀତରେ ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରେ କାର୍ଯ୍ୟ କରିଥିଲେ । ଭଦ୍ରକ କଲେଜରେ ପଢୁଥିବା ବେଳେ ମାନସ ପ୍ରେସିଡେଣ୍ଟ ଥିଲେ ।

## ଉଚ୍ଚ ଶିକ୍ଷିତ ଯୁବକ ଜଗବନ୍ଧୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହେଲେ



ବାସୁଦେବପୁର,୨୪/୧ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ୨୦ ନମ୍ବର ଜିଲ୍ଲା ପରିଷଦ ଜୋନ ର ଭରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ ଜଗବନ୍ଧୁ ମଳିକ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ସେ ଉଚ୍ଚ ଶିକ୍ଷିତ ଯୁବକ । ବି ଟେକ ସିଭିଲ ଇଂଜିନିୟର ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । ତାଙ୍କର ଘର ବିଦେଇପୁର ରେ । ବର୍ତ୍ତମାନ ରାଜନୀତି ରେ ରହି ମୁଁ ସମାଜସେବା କରିବି ବୋଲି ସେ ପ୍ରକାଶ କରିଛନ୍ତି । ନିର୍ବାଚନ ପ୍ରଚାର ସମୟରେ ଜଗବନ୍ଧୁ ଙ୍କ ସହିତ ଉପସ୍ଥିତ ଥିଲେ ଚାନ୍ଦିମାଳ ମଣ୍ଡଳ ସଭାପତି ରମାକାନ୍ତ ସେଠୀ,ବିଶ୍ୱନାଥ ବାରିକ,ଶରତ ମହାପାତ୍ର । ୩୦ ବର୍ଷ ବୟସରୁ ରାଜନୀତି ରେ ପାଦ ରଖିଛନ୍ତି ଜଗବନ୍ଧୁ । ଦୁର୍ନୀତି କୁ ରୋକିବା ପାଇଁ ଚେଷ୍ଟା କରିବେ ଶ୍ରୀ ମଳିକ ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷ ପାଇଲେ ଜିଲା ପରିଷଦ ସଭ୍ୟ ଟିକଟ

କେନ୍ଦ୍ରାପଡ଼ା,୨୪/୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ନିର୍ମଳା ମହାନ୍ତି ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲାର ଜୋନ ନଂ. ୬ରୁ ଟିକଟ ପାଇଛନ୍ତି । ଶ୍ରୀମତୀ ମହାନ୍ତି ୨୦୦୨-୨୦୦୭ ମଧ୍ୟରେ କେନ୍ଦ୍ରାପଡ଼ା ବ୍ଲକର ଅଧ୍ୟକ୍ଷ ଥିଲେ । ୬ ନଂ. ଜୋନ ଗୁଲନଗର, ଯମଧର, ଭାଗବତପୁର, ଭରତପୁର, ଚକ୍ରଡ଼ା, ଶ୍ୟାମସୁନ୍ଦରପୁର ଓ ଭରତପୁର ଗ୍ରାମ ପଂଚାୟତକୁ ନେଇ ଗଠିତ । ଏହି ଜୋନରେ ୨୦୦୨ ମସିହାରେ ଶ୍ରୀମତୀ ମହାନ୍ତି ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ । ଲୋକମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ପାଇ ମୁଁ ଏହି ଜୋନରେ ଲଢୁଛି ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି । ଶ୍ରୀମତୀ ମହାନ୍ତି କହିଛନ୍ତି ଦୁର୍ବାର ସେବା ମନୋବୃତି, ଲୋକଙ୍କ ସୁଖ ଦୁଃଖରେ ଛିଡା ହେବାର ପଣ ଓ ଲୋକଙ୍କ ଭଲ ପାଇବାର ନିଶାକୁ ପାଥେୟ କରି ମୁଁ ନିର୍ବାଚନ ଲଢୁଛି ।

## ଗୋଟିଏ ପଂଚାୟତରେ ୩ ଭାଇ ସମିତିସଭ୍ୟ

ମାଲକାନଗିରି ,୨୪/୧ (ନି.ପ୍ର): ଗୋଟିଏ ଆସନ ପାଇଁ ପରସ୍ପର ବିରୋଧରେ ଲଢ଼ିବେ ତିନି ଭାଇ । ଦୁଇ ଭାଇ ଗୋଟିଏ ଘରର ହୋଇଥିବା ବେଳେ ଅନ୍ୟ ଜଣେ କକା ପୁଅ । ଏହି ତ୍ରିକୋଣୀୟ ଲଢ଼େଇ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ର ନାୟକଗୁଡ଼ା ସମିତି ସଭ୍ୟ ଆସନର ଗୁରୁତ୍ୱ ବଢ଼ାଇ ଦେଇଛି । ଉଚ୍ଚଶିକ୍ଷିତ ଭାଇଙ୍କ ଏହି ଲଢ଼େଇରେ କିଏ କାହା ଉପରେ ଭାରୀ ପଡ଼ିବ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଚତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାପାଙ୍କ ପୁଅ ମହେଶ ପ୍ରସାଦ ବାକା ସମିତି ସଭ୍ୟ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରି ସକ୍ରିୟ ରାଜନୀତିକୁ ଆସିଛନ୍ତି । କିନ୍ତୁ ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଥିବା ମହେଶଙ୍କୁ କଡ଼ା ଟକ୍କର ଦେବାକୁ ମଇଦାନକୁ ଓହ୍ଲାଇଛନ୍ତି ନିଜ ବଡ଼ବାପାଙ୍କ ଦୁଇ ପୁଅ ବିଷ୍ଣୁ ପ୍ରସାଦ ବାକା ଏବଂ ମହେଶ କୁମାର ବାକା ( ଟିଟୁ ) । ବିଷ୍ଣୁ ବି - ଟେକ୍ ପଢ଼ିବା ପରେ ବାଲେଶ୍ୱରରେ ଚାକିରି କରୁଥିଲେ । ଚାକିରି ଛାଡ଼ି ସେ ଏବେ ରାଜନୀତିରେ ପାଦ ଦେଇଛନ୍ତି । ଅନ୍ୟ ଦୁଇ ଜଣ ମଧ୍ୟ ଗ୍ରାଜୁଏଟ୍ । ଗୋଟିଏ ଆସନ ପାଇଁ ତିନି ଭାଇ ଦାବିଦାର ହୋଇଥିବାରୁ ଲଢ଼େଇ ନିର୍ଶ୍ଚିତ ରୂପେ ରୋମାଞ୍ଚକର ହେବ ବୋଲି କୁହାଯାଉଛି । ବିଧାୟକଙ୍କ ପୁଅ ମହେଶ ପ୍ରସାଦ କହିଛନ୍ତି ଯେ , ଗଣତନ୍ତ୍ରରେ ନିର୍ବାଚନ ଲଢ଼ିବାକୁ ସମସ୍ତଙ୍କର ଅଧିକାର ଅଛି । ତେଣୁ ସେ ସମିତି ସଭ୍ୟ ପଦବି ପାଇଁ ରଣଙ୍ଗନାକୁ ଓହ୍ଲାଇଛନ୍ତି । ଆଗାମୀ ଦିନରେ ଲୋକେ ତାଙ୍କ ଭାଗ୍ୟର ନିଷ୍ପତ୍ତି ନେବେ । ଅନ୍ୟପଟେ ବଡ଼ବାପାଙ୍କ ପୁଅ ବିଷ୍ଣୁ ଏବଂ ଟିଟୁ କହିଛନ୍ତି ବିଧାୟକଙ୍କ ପରିବାର ଲୋକଙ୍କ ଉପରେ ଅତ୍ୟାଚାର କରି ଆସୁଛନ୍ତି । ଅତ୍ୟାଚାରକୁ ଶେଷ କରି ଲୋକଙ୍କୁ ସୁଶାସନ ଓ ମୌଳିକ ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜନୀତିକୁ ଆସିଛନ୍ତି । ନିର୍ବାଚନର ଫଳାଫଳ ଯାହା ବି ହେଉ କିନ୍ତୁ ସମସ୍ତଙ୍କ ନଜର ଏହି ଆସନ ଉପରେ ରହିବ । ଲୋକେ କାହା ସପକ୍ଷରେ ରହିବେ ତାହା ଦେଖିବାକୁ ବାକି ରହିଲା ।

## କରଙ୍ଗାମାଲ ଗ୍ରାମପଂଚାୟତରେ ପିଇବା ପାଣିର ଘୋର ସମସ୍ୟା : ନିର୍ବାଚନରେ ମୁଖ୍ୟ ମୁଦ୍ଦା

ନୂଆପଡ଼ା,୨୪/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ କରଙ୍ଗାମାଲ ଗ୍ରାମପଞ୍ଚାୟତରେ ପାନୀୟ ଜଳର ଘୋର ଅସୁବିଧା ଦେଖିବାକୁ ମିଳୁଛି । ଏହି ଗ୍ରାମପଞ୍ଚାୟତ ଗଠନର ୫୫ ବର୍ଷ ଅତିକ୍ରମ କରିଯିବା ପରେ ମଧ୍ୟ ଏହି ପଞ୍ଚାୟରେ ପାନୀୟଜଳର ବ୍ୟବସ୍ଥା କରାଯାଇନାହିଁ । ଏହି ଗ୍ରାମପଞ୍ଚାୟତ ଅଧିନରେ କରଙ୍ଗାମାଲ, କୁକିଙ୍ଗାମାଲ, ଡୋଟୋ, ଲେସୁନପାଲି, କୁଳେକେଲା, ଡୁମେରପଦର, କୁଳଥଭଟା ଏହି ସାତଟି ଗ୍ରାମର ଲୋକମାନେ କିଏ ଚାଉଳ ପାଇଁ ତ ଆଉ କିଏ ଭତା ପାଇଁ ଏମିତି ଅନେକ କାର୍ଯ୍ୟ କଳାପ ପାଇଁ ଲୋକେ ପଞ୍ଚାୟତକୁ ଆସିଥାନ୍ତି । ପଞ୍ଚାୟତରେ ନଳକୂପ ଟିଏ ନ ଥିବା ଯୋଗୁ ଅନେକ ସମୟରେ ଆସିଥିବା ଲୋକଙ୍କ ପାଇଁ ପିଇବା ପାଣିର ସମସ୍ୟ ଦେଖାଦେଇଥାଏ । ଆଜକୁ ଦୀର୍ଘ ୫୫ ବର୍ଷ ବିତିଯାଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାନୀୟ ଜଳର ବ୍ୟବସ୍ଥା କରାଯାଇପାରି ନାହିଁ । ଏହି ବିଷୟରେ ଆମେ ପଞ୍ଚାୟତ ପିଇଓଙ୍କୁ ପଚାରିବୁଝି ଥିଲୁ କିନ୍ତୁ ଆଗାମୀ ଦିନରେ ଶୋଷ ମେଂଟିବା ଭଳି କିଛି ଉତର ରଖିପାରିନଥିଲେ । ତେଣୁକରି କରଙ୍ଗାମାଲ ପଞ୍ଚାୟତ ବାସୀଙ୍କ ଦାବି ରହୁଛି ଏଥିପ୍ରତି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏହି ପାନୀୟ ଜଳର ଅଭାବକୁ ପୂରଣ କରିବା ପାଇଁ ଦାବି ହୋଇଛି ।

## କରୋନା ସଚେତନତା ସହିତ ମାକ୍ସ ବଂଟନ

ବଲାଙ୍ଗୀର,୨୪/୧ (ନି.ପ୍ର): ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଅବସରରେ ଜିଲ୍ଲା ଘରୋଇ ବସ ମାଲିକ ସଂଘ ପକ୍ଷରୁ ବସ୍ ଯାତ୍ରୀ ମାନଙ୍କୁ ମାସ୍କ ବଂଟନ କରାଯିବା ସଙ୍ଗେ କରୋନା ଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ବ୍ୟାପୀ ସମସ୍ତ ବସ୍ ଯାତ୍ରୀ ମାସ୍କ ବ୍ୟବହାର କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏସ୍‌ଡିପିଓ ତୁଫାନ ବାଗ ଯୋଗଦାନ କରିଥିବା ବେଳେ ନାଗରିକ କମିଟୀ ସମ୍ପାଦକ ମନୋରଂଜନ ସାହୁ, ବରିଷ୍ଠ ନାଗରିକ ନୀଳମଣି ମିଶ୍ର, ପ୍ରଭାକର ମିଶ୍ର, ବଲାଙ୍ଗୀର ଆଦର୍ଶ ଥାନା ଅଧିକାରୀ ପ୍ରିୟଙ୍କା ରାଉତରାୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ମାହେଶ୍ୱରୀ ଅନୁଷ୍ଠାନର ମୁଖ୍ୟ ଅଙ୍କୁଶ ପାଣ୍ଡିଆ, ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ରାମ ନାରାୟଣ ଦାଶଙ୍କ ସମେତ ଅନେକ ସାମାଜିକ ଅନୁଷ୍ଠାନ ଯୋଗଦାନ କରିଥିଲେ । ବସ୍ ମାଲିକ ସଂଘର ସଭାପତି ହେମନ୍ତ ପଣ୍ଡା, ଉପସଭାପତି ସୌମେନ୍ଦ୍ର ପରିଛା, ସମ୍ପାଦକ ପ୍ରଦ୍ୟୁତ ମିଶ୍ର, କୋଷାଧ୍ୟକ୍ଷ ଶିବ ପଟେଲ, ସହ ସମ୍ପାଦକ ଲିକୁନ ଆଚାର୍ଯ୍ୟ ଙ୍କ ସମେତ ବରିଷ୍ଠ ସଦସ୍ୟ ଓମ ପ୍ରକାଶ ଚାନ୍ଦ, ଅକ୍ଷୟ କଂଟା, ଡମ୍ବରୁ ଆଚାର୍ଯ୍ୟ, ମନୋଜ ଗୁରୁ, ସଞ୍ଜିବ ପଣ୍ଡା, ହିମାଂଶୁ ନାୟକ, ଭବାନୀ ପଟେଲ, ଚନ୍ଦ୍ରମଣି ତ୍ରିପାଠୀ, ପ୍ରାଣନାଥ ପ୍ରଧାନ, ଜୟନ୍ତ ସିଂଦେଓ, ସଞ୍ଜିବ ମହାନ୍ତି ପ୍ରମୁଖ ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିଲ୍ଲା ପ୍ରେସକ୍ଲବ ଫୁଲବାଣୀର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ,୨୪/୧ (ନି.ପ୍ର): ଜିଲ୍ଲା ପ୍ରେସକ୍ଲବ ଫୁଲବାଣୀର ନୂତନ ବର୍ଷ ପାଇଁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ସାମ୍ବାଦିକ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମ ପ୍ରେସକ୍ଲବ ସଭାପତି ସୂନୀଲ ପଟ୍ଟନାୟକ ଏବଂ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ପରିଡା.ଉପସଭାପତି ସୂନୀଲ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅତିଥି ସ୍ୱାଗତ ଅନୁଷ୍ଠାନର ସଦସ୍ୟ କାହ୍ନୁଚରଣ ଶତ୍‌ପଥି କରିଥିଲେ । ସଭାପତି ସୂନୀଲ ପଟ୍ଟନାୟକ ପ୍ରରମ୍ଭିକ ଭାଷଣ ପ୍ରଦାନ କରିବା ସହିତ ନୂତନ ବର୍ଷରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସମ୍ପାଦକ ବିବରଣୀ ପାଠ କରିବା ସହିତ ବିଭିନ୍ନ ଉନ୍ନୟନ ମୁଳକ କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନ ପକ୍ଷରୁ ନିଆଯାଇଥିବାବିଭିନ୍ନ ପଦକ୍ଷେପ ବାବଦରେ ଅବଗତ କରାଇଥିଲେ । କାଯର୍ଯ୍ୟକାରୀ ସଭାପତି ଏବଂ ଉପସଭାପତି ଏହି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ଏହି ଅବସରରେ ପ୍ରେସ କ୍ଲବର ପୁର୍ବତନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଡ.ଅରୁପ କୁମାର ଜେନା,ସୁବାସ ପ୍ରଧାନ,ଗୋପାଳକୃଷ୍ଣ ପଟ୍ଟନାୟକ,ନାରାୟଣ ସାହୁ ଏବଂ ଶିବପ୍ରଶାଦ ତ୍ରିପାଠୀଙ୍କୁ ପୁଷ୍ପଗୁଛ,ମାନପତ୍ର ଏବଂ ଉପଢୌକନ ଦେଇ ସଭାପତି ଏବଂ ସମ୍ପାଦକ ଓ ଅନ୍ୟ କର୍ମକର୍ତା ମାନେ ସମ୍ବର୍ଦ୍ଧିତ କରିଥିଲେ । ଅନୁରୁପ, ଅନୁଷ୍ଠାନର ପୁର୍ବତନ ସମ୍ପାଦକ ଜୟସେନ ପରିଡା ଏବଂ ଅଶୋକ କୁମାର ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବର୍ତମାନର କର୍ମକର୍ତେ ମାନଙ୍କୁ ସମ୍ବର୍ଦ୍ଧିତ ପ୍ରତିଭା ମାନେ ସାଧୁବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୈଦ୍ୟନାଥ ବେହେରା,ରଞ୍ଜନ କୁମାର ଦାସ,ସୂର୍ଯ୍ୟନାରାୟଣ ବେହେରା,ରାଧାମୋହନ ମହାପାତ୍ର,ଆଦିତ୍ୟ ପ୍ରସାଦ ତ୍ରିପାଠି,ସନ୍ତୋଷ କୁମାର ମିଶ୍ର,ଶିବ ବିଶ୍ୱାଳ,ଶିବ ନାୟକ,ବ୍ରଜବିହାରୀ ନନ୍ଦ, ତ୍ରିନାଥ ସାହୁ,ସୁଜିତ ବେହେରା,ସଞ୍ଜୟ ପାତ୍ର,ରାକେଶ ରାଉତ,ବଳଦେବ ବେହେରା,ଗୌରଚରଣ ବେହେରା,ହୁରଞ୍ଜନ ସେଠୀ,ଦୁଖିଃଶ୍ୟାମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ କାହ୍ନୁଚରଣ ଶତପଥି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଏକ ସାମୁହିକ ଭୋଜନର ଆୟୋଜନ କରାଯାଇଥିଲା ।

## କେନ୍ଦୁଝର ଆରଟିଓଙ୍କ ବିଚିତ୍ର ନୀତି: ଟ୍ରକ୍‌କୁ ଧରି କଳାହାଣ୍ଡି ବାଇକ୍ ନମ୍ବରରେ ଜରିମାନା

ଭବାନୀପାଟଣା ,୨୪/୧ (ନି.ପ୍ର): କେନ୍ଦୁଝର ଆରଟିଓଙ୍କ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ଦେଉଣ୍ଡି ଗ୍ରାମର ଜଣେ ବାଇକ୍ ମାଲିକଙ୍କ ନାମରେ ୯ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ୍ ଆସିଛି । କେନ୍ଦୁଝରର ବାଉଁଶୁଳିରେ ଆରଟିଓ ପକ୍ଷରୁ ଏକ ଟ୍ରକ୍‌କୁ ଅଟକାଇ ଜରିମାନା କରାଯାଇଥିଲା । କିନ୍ତୁ ଏକ ବାଇକ୍ ନମ୍ବରରେ ଜରିମାନା କଟା ଯାଇଥିବାକୁ ବାଇକ୍ ମାଲିକ ଆଶ୍ଚର୍ଯ୍ୟ ହୋଇଛନ୍ତି । ବାଉଁଶୁଳିଠାରେ ଆରଟିଓ ପକ୍ଷରୁ ଧରପଗଡ଼ ବେଳେ ଏକ ଟ୍ରକ୍ ?କୁ ଅଟକାଇ ୯ ହଜାର ଟଙ୍କା ଜରିମାନା କରାଯାଇଛି । କିନ୍ତୁ କଳାହାଣ୍ଡି ଜିଲ୍ଲାର ଜଣେ ମାଲିକଙ୍କ ବାଇକ୍ ନମ୍ବରରେ ଉକ୍ତ ଜରିମାନା ଆଦାୟ ପାଇଁ ନୋଟିସ୍ ଆସିଛି । ମାଲିକ ଜଣକ ଜୁନାଗଡ଼ ବ୍ଲକ୍ ଦେଉଣ୍ଡ ଗ୍ରାମର କୁମୁଦ ରଞ୍ଜନ ବେହେରା ଅଟନ୍ତି । ତାଙ୍କ ବାଇକ୍ (ଓଡି୦୮ପି-୧୦୫୦) କଳାହାଣ୍ଡିରେ ଥିବା ବେଳେ କିଭଳି କେନ୍ଦୁଝରରୁ ଜରିମାନା ନୋଟିସ୍ ଆସିଲା ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି । କେନ୍ଦୁଝର ଆରଟିଓ ଏନେଇ ପଦକ୍ଷେପ ନନେଲେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି ।

## ପପୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ : ଜଗତପୁର ଆଥଲେଟିକ୍ ଚମ୍ପିଆନ

ଧର୍ମଶାଳା,୨୪/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଉତରପ୍ରତାପ ପଂଚାୟତସ୍ଥ ନୀଳକଣ୍ଠପୁର ଖେଳ ପଡ଼ିଆରେ ଚାଲିଥିବା ପପୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦଯାପନୀ ଫାଇନାଲ ମ୍ୟାଚରେ ୟୁସିଏ ଭଦ୍ରକୁ ୭୪ ରନ୍‌ରେ ହରାଇ ଜଗତପୁର ଆଥଲେଟିକ ଆସୋସିଏସନ୍ ଚମ୍ପିଆନ ହୋଇଛି । ଫାଇନାଲ ଖେଳରେ ପ୍ରଥମେ ଟସ୍‌ରେ ଜଗତପୁର ଆଇଲେଟିକ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭାରେ ସମସ୍ତ ଉଇକେଟ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିନାୟକ ସାହୁ ୪୦ ବଲରୁ ୪୩ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ବୋଲର ପ୍ରୀତି ରଂଜନ ସର୍ବାଧିକ ୪ଗୋଟି ଓ୍ୱିକେଟ ନେଇଥିଲେ ।

୧୪୨ ରନର ବିଜୟ ଲକ୍ଷ ନେଇ ୟୁସିଏ ଭଦ୍ରକ ସମସ୍ତ ଓ୍ୱିକେଟ ହରାଇ ୮୮ ରନ ସଂଗ୍ରହ କରି ଏହି ମ୍ୟାଚକୁ ୭୪ ରନରେ ହାରିଯାଇଥିଲା । ଫଳରେ ଜଗତପୁର ଆଇଲେଟିକ ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲା । ଦଳ ପକ୍ଷରୁ ସିଦ୍ଧାର୍ଥ ରାଉତ ସର୍ବାଧିକ ୧୮ ରନ୍ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ବୋଲର ମହା ପ୍ରସାଦ ୪ଗୋଟି ଓ୍ୱିକେଟ ନେଇଥିଲେ । ବିନାୟକ ସାହୁଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ୍ ଓ ରତୁରାଜ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ଘୋଷିତ କରାଯାଇଥିଲା । ଆଜିର ଫାଇନାଲ ଖେଳକୁ ଇନ୍ତେକାମ୍ ଆଲାମ ଓ ଅବିନାଶ ସାମଲ ପରିଚାଳନା କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପ୍ରଭାତ ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ବାସୁଦେବ ଶତପଥୀ ଓ ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ ମନୋରଂଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବତନ କ୍ରୀଡାବିତ୍ ବିଜୟ ସାହୁ, ଅଶୋକ ବଳ, ଗୌରାଙ୍ଗ ତରାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିଥିମାନେ ଚମ୍ପିଆନ ଦଳ ଓ ରନଅରସ ଅଫ୍ ଦଳକୁ ଟ୍ରଫି ପ୍ରଦାନ କରିବା ସହ ମ୍ୟାନ ଅଫ ଦ ମ୍ୟାଚ ଓ ମ୍ୟାନ ଅଫ ଦ ସିରିଜ ହୋଇଥିବା ଦୁଇ ଖେଳାଳିକୁ ମଧ୍ୟ ପୁରସ୍କୃତ କରିଥିଲେ । ସୀତାରାମ ସାହୁ, ରତିକାନ୍ତ ସାହୁ, ସରୋଜ ମହାନ୍ତି, ଅଭିଶେକ ସାହୁ, ଅମ୍ବରିଶ ସାହୁ, ଶିବବ୍ରତ ଶତପଥୀ ଓ ପ୍ରଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଚିଲିକା ବାର ଆସୋସିଏସନର ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୨୪/୧ (ନି.ପ୍ର): ଚିଲିକା ବାର ଆସୋସିଏସନ ପକ୍ଷରୁ ରବିବାର କୋଭିଡ ନିୟମ ଅନୁଯାଇ ବାର ଆସୋସିଏସନର ସଭାପତି ହରେକୃଷ୍ଣ ଜଗଦେବଙ୍କ ଅଧ୍ୟକ୍ଷତାରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚିଲିକା କୋର୍ଟର ସିଭିଲ ଜଜ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବିକାଶ ଗୋଏଲ ଯୋଗ ଦେଇଥିଲେ । ସମ୍ପାଦକ ଅଶୋକ କୁମାର ଚମ୍ପତି ବାର୍ଷିକ ବିବରଣୀ ପାଠ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ପରିପେକ୍ଷୀରେ ଚିଲିକା ବାରର ସହ ସମ୍ପାଦକ ଚିତ୍ରସେନ ସାହୁ, କୋଷାଧ୍ୟକ୍ଷ ଦୁର୍ଗା ଶଙ୍କର ଶତପଥୀ, ବରିଷ୍ଠ ଆଇନଜିବୀ ଅରୁଣ କୁମାର ହୋତା, ହେମନ୍ତ କୁମାର ସାହୁ, ଅଶୋକ କୁମାର ଜେନା, ରାମ ଚନ୍ଦ୍ର ପଲାଇ, ବିରଞ୍ଚି ବେହେରା, ବିବେକ ପଣ୍ଡା, ଶାନ୍ତନୁ ମହାପାତ୍ର, ବିକାଶ ନାୟକ, ସୁକାନ୍ତ ପ୍ରଧାନ, କୋର୍ଟର କର୍ମଚାରୀ ଓ ସିଏସଆଇ ପ୍ରମୁଖ ଯୋଗଦେଇ ଥିଲେ ।

## ସିଏମ୍‌ସିରେ ନାହାନ୍ତି ଖାଦ୍ୟ ସୁରକ୍ଷା ଅଧିକାରୀ: ନକଲି କାରଖାନା ହାଉଯାଉ ; ହୋଇପାରୁନି ଚଢ଼ଉ, ଯାଂଚ




କଟକ : କଟକ ସହର ଓ ଏହାର ଆଖପାଖ ଅଞ୍ଚଳରୁ ଗତ ଦୁଇବର୍ଷ ମଧ୍ୟରେ ୨୭ରୁ ଅଧିକ ନକଲି କାରଖାନା ଠାବ କରାଗଲାଣି । ଏହି କାରଖାନାରେ ନକଲି ମସଲାରୁ ଆରମ୍ଭ କରି ନକଲି ସୋୟାବିନ୍, ଘିଅ, ସସ୍, ବୁନ୍ଦି ଲଡୁ, ପାନ ମସଲା, ସିମେଣ୍ଟ, ରଙ୍ଗ, ଗଙ୍ଗାଜଳ ଆଦି ପ୍ରସ୍ତୁତ କରାଯାଉଛି । ପ୍ରତିମାସ ସିଏମ୍‌ସି ଓ ପୁଲିସର ମିଳିତ ଚଢ଼ଉରେ କେଉଁଠି ନା କେଉଁଠି ନକିଲ ଓ ଅପମିଶ୍ରିତ ଖାଦ୍ୟ ସମାଗ୍ରୀ କାରଖାନା ସିଲ୍ ହେଉଛି । ହେଲେ ଏଥିପାଇଁ ସିଏମ୍‌ସିରେ ଆବଶ୍ୟକ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ନାହାନ୍ତି । ଏପରିକି ଗତ ଅଢେଇ ବର୍ଷ ଧରି ନିଗମରେ ଜଣେ ଅସ୍ଥାୟୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନେଇ ନିଗମର କାମ ଚାଲିଛି । ଆବଶ୍ୟକ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ଦେବାକୁ ସରକାରଙ୍କୁ ବାରମ୍ବାର କୁହାଯାଇଥିଲେ ବି ଏଦିଗରେ କୌଣସି ସୁଫଳ ମିଳିପାରି ନାହିଁ । ମହାନଗର ନିଗମ ଓ ଏହାର ଆଖପାଖ ଅଞ୍ଚଳରୁ ମାଳ ମାଳ ନକଲି କାରଖାନା ଠାବ କରାଗଲାଣି । ଦୁଇବର୍ଷ ମଧ୍ୟରେ ୨୭ରୁ ଅଧିକ ଏହି କାରଖାନା ସିଲ୍ କରାଗଲାଣି । ଏହା ଉପରେ ରୋକ୍ ଲଗାଇବା ପାଇଁ ସହରରେ ଅଧିକ ଚଢ଼ଉ କରିବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଉଛି । ମାତ୍ର ଆବଶ୍ୟକ ସଂଖ୍ୟକ ଅଧିକାରୀ ଓ କର୍ମଚାରୀଙ୍କ ଅଭାବରୁ ଏହାକୁ କାର୍ଯ୍ୟକ୍ଷମ ଠିକ ଭାବେ କରାଯାଇ ପାରୁ ନାହିଁ । ସିଏମ୍‌ସିରେ ଅଢେଇ ବର୍ଷରୁ ଅଧିକ ସମୟରୁ ଜଣେ ଅସ୍ଥାୟୀ ଅଛନ୍ତି, ଯିଏ ଏକ ସମୟରେ ଭୁବନେଶ୍ୱର ଓ କଟକର ଦାୟିତ୍ୱରେ ଅଛନ୍ତି । ଏପରି ସ୍ଥିତିରେ ସିଏମ୍‌ସି ପକ୍ଷରୁ ଚଢ଼ଉ କରିବା ଓ ସହରର ବିଭିନ୍ନ ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରିବାରେ ବହୁ ଅସୁବିଧା ହେଉଛି ।

ମହାନଗର ନିଗମରେ ୬ଲକ୍ଷରୁ ଅଧିକ ଲୋକ ଅଛନ୍ତି । ନିୟମ ଅନୁସାରେ ପ୍ରତି ୨ ଲକ୍ଷରେ ଜଣେ କରି କଟକରେ ୩ଜଣ ଖାଦ୍ୟ ସୁରକ୍ଷା ଅଧିକାରୀ ରହିବା କଥା । ସେମାନଙ୍କୁ ସହଯୋଗ କରିବା ପାଇଁ ଜଣେ ଅଧିକାରୀଙ୍କ ନିକଟରେ ସହକାରୀ ଖାଦ୍ୟ ସୁରକ୍ଷା ଅଧିକାରୀ ଭାବେ ୨ରୁ ୩ଜଣ କର୍ମଚାରୀଙ୍କ ଆବଶ୍ୟକତା ରହିଛି । ମାତ୍ର ମହାନଗର ନିଗମରେ ଏବେ ଜଣେ ଅସ୍ଥାୟୀ ଖାଦ୍ୟ ସୁରକ୍ଷା ଅଧିକାରୀରେ କାମ ଚାଲିଥିବା ବେଳେ ଜଣେ ବି ସହକାରୀ ଖାଦ୍ୟ ସୁରକ୍ଷା ଅଧିକାରୀ ନାହାନ୍ତି । ଅଧିକାରୀ ଓ କର୍ମଚାରୀ ନ ଥିବାରୁ ସହରରେ ବ୍ୟବସାୟ କରୁଥିବା ୧୨ ହଜାରରୁ ଅଧିକ ଦହିବରା ଓ ଜଳଖିଆ ବ୍ୟବସାୟୀଙ୍କ ସହିତ ୩ ହଜାରରୁ ଅଧିକ ଫାଷ୍ଟଫୁଡ୍ ଦୋକାନିଙ୍କ ଖାଦ୍ୟର ମାନ ସଠିକ ଭାବେ ଯାଞ୍ଚ ହୋଇପାରୁ ନାହିଁ । ଏହାସହ ନକଲି କାରଖାନା ଚଢ଼ଉ ଓ ଫୁଡ୍ ଲାଇସେନ୍ସ ପ୍ରଦାନ ଆଦି କାର୍ଯ୍ୟରେ ନାନା ସମସ୍ୟା ହେଉଛି । ଏପରିକି ନକଲି କାରଖାନା ଚଢ଼ଉ ହେଉକି ଖାଦ୍ୟ ଯାଞ୍ଚ କରିବା ପାଇଁ ଉକ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଓ ପୁଲିସକୁ ଅପେକ୍ଷା କରିବାକୁ ପଡୁଛି ।



ଆର୍ବିଭାବ: ୨୪/୦୩/ ୧୯୪୧
ତିରୋଧାନ: ୧୩/୦୧/୨୦୨୨

# ପ୍ରଣମ୍ୟ ପ୍ରଶାନ୍ତ

ଲେଖକ ପ୍ରଶାନ୍ତ କୁମାର ଦତ୍ତଙ୍କ ସ୍ମୃତିଫର୍ଦ୍ଦ

ମଙ୍ଗଳବାର, ୨୫ ଜାନୁଆରୀ ୨୦୨୨



## ବାଲେଶ୍ୱରର ବରପୁତ୍ର ପ୍ରଶାନ୍ତ ଦତ୍ତ

**ସୃଷ୍ଟିଧର ପରିଡ଼ା**

କବି, ଗାଳ୍ପିକ, ଇଞ୍ଜିନିୟର ପ୍ରଶାନ୍ତ ଦତ୍ତ ଆଉ ଆମ ସହିତ ଶରୀରରେ ନାହାନ୍ତି ସତ, ହେଲେ ତାଙ୍କର ଭଲପାଇବା, ବନ୍ଧୁତ୍ୱ, ଆତ୍ମୀୟତା ସବୁଦିନେ ଆମ ନିକଟରେ ରହିଥିବ । ଆଜି ବି ମନେପଡେ ତାଙ୍କ ସହ ପ୍ରଥମ ସାକ୍ଷାତର ଦିନ । ତାଙ୍କ ସହିତ ମୋର ଦେଖା ହୋଇଥିଲା ବାଲେଶ୍ୱରର ଆରଏଣ୍ଡବି ଅଫିସ୍‌ରେ । ସେ ଥିଲେ ଇଞ୍ଜିନିୟର, ମୁଁ ଥିଲି ଜଣେ ନୂଆ କରି ସାମ୍ବାଦିକତା ଆରମ୍ଭ କରିଥିବା ସାମ୍ବାଦିକ । ଆମ ଦୁଇଜଣଙ୍କର ସମ୍ପର୍କ ଧୀରେ ଧୀରେ ବଢ଼ି ଖୁବ୍ ଆତ୍ମୀୟତାରେ ପରିଣତ ହୋଇଥିଲା ।

ସେ ଥିଲେ ଜଣେ ଓଡ଼ିଆ ଭାଷାକୁ ଭଲପାଉଥିବା ବ୍ୟକ୍ତିତ୍ୱ । ସାଗରିକା ଓ ଧ୍ୱନି ପ୍ରତିଧ୍ୱନିର ନିୟମିତ ଲେଖକ ଭାବରେ ତାଙ୍କ ସହ ଆତ୍ମୀୟତା । ଜଣେ ଗୁରୁଜନ ଭାବେ ଆମେ ତାଙ୍କୁ ଭଲ ପାଉଥିଲେ ବି ସେ ଜଣେ ବନ୍ଧୁ ପରି ବ୍ୟବହାର କରୁଥିଲେ । ଆମେ ଯେତେବେଳେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ପକ୍ଷରୁ ମାସିକ ସାହିତ୍ୟ ଆସରଟିଏ କରିବାର ନିଷ୍ପତ୍ତି ନେଲୁ ସେତେବେଳେ ସିଏ ପ୍ରଥମ ବ୍ୟକ୍ତି ଭାବେ ଆମ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ଓ ପ୍ରୋତ୍ସାହନ ଦେଇଥିଲେ । ଏହି ଆସରକୁ ଗୋଟିଏ ଜାଗାରେ ନକରି ସବୁ ଲେଖକଙ୍କ ଘରେ କରିବାକୁ ମଧ୍ୟ କହୁଥିଲେ । ସେହି ଦାୟରେ ଥରଟିଏ ତାଙ୍କ ଘରେ ମାସିକ ଆସରର ଆୟୋଜନ କରି ସମସ୍ତଙ୍କୁ ପ୍ରସାଦ ସେବନ କରାଇଥିଲେ । ଖୁବ୍ ଭଲ ପାଉଥିଲେ ସାହିତ୍ୟକୁ । ପରବର୍ତ୍ତୀ ସମୟରେ ଆମ ମାସିକ ସାହିତ୍ୟ ଆସରକୁ ସେ ନିୟମିତ ଆସୁଥିଲେ । ତାଙ୍କ ଉପସ୍ଥିତି ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ ଥିଲା । ଜଣେ ଯୁବ ସୁଲଭ ସାହିତ୍ୟ ପ୍ରେମୀ ହିସାବରେ ସେ ପ୍ରତ୍ୟେକଟି କବିତା ଆସରରେ 'ଅନାମିକା' ଶୀର୍ଷକ ପ୍ରେମ କବିତା ପାଠ କରୁଥିଲେ । କବିତା ଆସରକୁ ଆସିବା ମାତ୍ରେ ଉପସ୍ଥିତ ଥିବା ସମସ୍ତ ସାହିତ୍ୟିକ, କବି ତାଙ୍କ ଆଡରେ ହସଖୁସିରେ କହୁଥିଲେ ହେଇ ଆସିଗଲେ ଆମ ଯୁବକବି ଇଂ.ପ୍ରଶାନ୍ତ ଦତ୍ତ । ସେଥିରେ ସେ ବହୁତ ଖୁସି ହେଉଥିଲେ । ଆଉ ସମସ୍ତଙ୍କ ସହ ଖୁବ୍ ଆତ୍ମୀୟତାର ଭାବ ବୁଣିଦେଇ ସମସ୍ତଙ୍କର ଖୁବ୍ ପ୍ରିୟ ହୋଇ ପାରିଥିଲେ । ଯେତେବେଳେ ବି ଆସୁଥିଲେ ଆମ ଘରକୁ, ସେତେବେଳେ ପ୍ରାୟତଃ ସୈରିନ୍ଧ୍ରୀ ପାଇଁ ଗରମ ବରା, ମୋ ପାଇଁ କ୍ଷିମ ମିଠା ଧରି ଆସୁଥିଲେ ।

ତାଙ୍କ ଚରିତ୍ରର କେତୋଟି ମହାନ ଗୁଣ ମୁଁ ଦେଖି ପାରିଥିଲି । ବୟସ ତାଙ୍କ ନିକଟରେ ହାର ମାନିଯାଉଥିଲା । ସବୁବେଳେ କର୍ମଚଞ୍ଚଳ ଥିଲେ । ଯେତେବେଳେ ସେ ସାହିତ୍ୟ ପାଇଁ ହେଉ ଓ କୌଣସି ଘରର ପ୍ଲାନ୍ ପାଇଁ ହେଉ ତାଙ୍କ ଡାକି ଦେଲେ ମାତ୍ରେ ସେ ଅକୁଣ୍ଠିତ ଭାବେ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ପହଞ୍ଚି ଯାଉଥିଲେ । ସେତେବେଳେ ମୁଁ ଅନୁଭବ କରିଛି ତାଙ୍କ ଉତ୍ସାହ ନିକଟରେ ବୟସ ଯେମିତି ହାରି ଯାଇଛି ଅତି ଶୋଚନୀୟ ଭାବେ । କାହାକୁ କେବେ କୌଣସି କାମରେ ସେ ନିରାଶ କରିନାହାନ୍ତି ସେ ଥିଲେ ଖୁବ୍ ସାହସୀ । କାହା ନିକଟରେ ସେ ନତମସ୍ତକ ହେଉନଥିଲେ । ରୋକ୍‌ଠୋକ୍ ଭାବେ ନିଜର କାମ ପାଇଁ ଓ ଖାଣ୍ଟି କଥାରେ ସମସ୍ତଙ୍କୁ ମୁହେଁ ମୁହେଁ ଜବାବ ଦେଉଥିଲେ । ଖୋସାମତ୍ କରିବା ଓ ଡରିବା ତାଙ୍କୁ ମୁଁ ଜୀବନରେ କେବେ ଦେଖିନାହିଁ । ଖୁବ୍ ବିଚକ୍ଷଣ, ସାହସୀ ଓ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ଥିଲା ତାଙ୍କର ସମଗ୍ର ଜୀବନ ।

ଆଉ ସବୁଠାରୁ ଦୁଃଖର କଥା ମୃତ୍ୟୁର ମାତ୍ର ତିନିଦିନ ପୂର୍ବରୁ ମୋତେ ସେ ତାଗିଦ୍ କରି କହିଥିଲେ- ଏଥର ମୋର ଭ୍ରମଣ କାହାଣୀ ଗପଟି ସାଗରିକାରେ ଯାଉଛି ନା ତାକୁ ବିଷୁବରେ ଦେବେ? ପାଣ୍ଡୁଲିପିଟିକୁ ହଜେଇ ନାହାନ୍ତି ତ ? କଥାବାର୍ତ୍ତାରେ ସେ ଥିଲେ ଜଣେ କମାଣ୍ଡର । ତାଙ୍କର କଥା ଯେମିତି କାମ ସେମିତି, ଚାଲି ବି ସେମିତି ଥିଲା । ସବୁବେଳେ ରୋକ୍‌ଠୋକ୍ କଥା ଓ କମାଣ୍ଡିଂ ଚରିତ୍ରର ବ୍ୟକ୍ତିଥିଲେ ଏଇ ମହାନ୍ ଆତ୍ମା । ସେଥିପାଇଁ ସବୁବେଳେ ତାଙ୍କର ବ୍ୟକ୍ତିତ୍ୱ ନିକଟରେ ମୋର ମଥାନତ ହୋଇଯାଏ । ସର୍ବୋପରି ସେ ଥିଲେ ଜଣେ ଅସାଧାରଣ ପରୋପକାରୀ ବ୍ୟକ୍ତିତ୍ୱ । ସବୁବେଳେ କହୁଥିଲେ ତୁମେ ସ୍ୱାମୀସ୍ତ୍ରୀ ଦୁଇଜଣ କିପରି କଷ୍ଟକରି ଗୋଟିଏ ସମ୍ବାଦପତ୍ର ଓ ଗୋଟିଏ ପତ୍ରିକା ଚଳାଉଛ ? ତାକୁ ଦେଖିଲେ ଓ ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ମୋ ଦ୍ୱାରା ଯଦି କିଛି ସାହାଯ୍ୟ ଆପଣଙ୍କ ଦରକାର ପଡ଼େ ତେବେ ମୋତେ ନିଃସଙ୍କୋଚରେ କହିବେ, ମୁଁ ମୋର ସାହାଯ୍ୟ ମୁତାବକ ଯାହା ସାହାଯ୍ୟ କରିବି । ଯେତେବେଳେ ସାଗରିକା ମାସିକ ପତ୍ରିକା ଭାବେ ପ୍ରକାଶ ପାଉଥିଲା ସେତେବେଳେ ସେ ପ୍ରତିବର୍ଷ ସାଗରିକାକୁ ଏକତ୍ର କରି ତାକୁ ବୋର୍ଡ ବାଇଣ୍ଡିଂ କରି ନିଜ ହାତରେ ତା ଉପରେ 'ସାଗରିକା' ଲେଖି ଅଫିସ୍‌ରେ ଦେଇ ଆସୁଥିଲେ । ତାଙ୍କର ଏଇ ସାହାଯ୍ୟ ନିକଟରେ ଆମେ ଋଣୀ । ତାଙ୍କରି ଯୋଗୁ ସାଗରିକା ଏକାଠି ଏବେ କୋଡ଼ିଏ ସଂଖ୍ୟା ସଂରକ୍ଷିତ ହୋଇ ଆମ ଘରେ ସୁରକ୍ଷିତ ରହିଛି । ସ୍ୱତଃପ୍ରବୃତ୍ତ ଭାବେ ସେସବୁକୁ ନେଇ ନିଜ କଷ୍ଟ ଓ ଅର୍ଥ ଦ୍ୱାରା ବନ୍ଧାଇ ଆମକୁ ଆଣି ଦେଇଛନ୍ତି । ସେହିଦିନର କଥା ମୋର ମନେଅଛି ଆମର ସବୁବର୍ଷ ପରି ସେ ବର୍ଷ ଧ୍ୱନିପ୍ରତିଧ୍ୱନିର ସାଗରିକାର ବାର୍ଷିକ ଉତ୍ସବ ପାଳନର ଆୟୋଜନ ଚାଲିଥାଏ । ସବୁ ବର୍ଷ ପରି ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରିଥାଉ । ସେ ବର୍ଷ ଆମେ ଯେତେବେଳେ ତାଙ୍କୁ 'ବାଲେଶ୍ୱର ବରପୁତ୍ର' ଭାବରେ ସମ୍ବର୍ଦ୍ଧନା ଦେବାପାଇଁ ମନୋନୀତ କରିଥିଲୁ ଓ ସେ ବାବଦରେ ସୈରିନ୍ଧ୍ରୀ ତାଙ୍କୁ ଫୋନ୍ ମାଧ୍ୟମରେ ଏକଥା ତାଙ୍କୁ ଜଣାଇଥିଲେ ସେତେବେଳେ ସେ କିଛି ନକହି ଫୋନ୍ ରଖିଦେଇଥିଲେ । କିଛି ସମୟ ପରେ ଆମ ଘରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଓ ମୋତେ କୁଣ୍ଢେଇ ପକାଇଥିଲେ । ସେତେବେଳେ ମୁଁ ଦେଖିଥିଲି ତାଙ୍କ ଆଖି ଖୁସିରେ ଲହରେଇ ଯାଇଥିଲା, ଆଉ ଆମକୁ କହିଥିଲେ ଆପଣ ଗୁଣକୁ ଚିହ୍ନିପାରି ମୋତେ 'ବାଲେଶ୍ୱର ବରପୁତ୍ର' ବୋଲି ବିଚାର କରିଛନ୍ତି ସେଇ ମୋ ପାଇଁ ବଡ଼କଥା । ମୁଁ ଆପଣମାନଙ୍କ ପାଖରେ ଋଣୀ ରହିଲି ।

ସେଇଦିନଠାରୁ ତାଙ୍କର ଶ୍ରଦ୍ଧା ଆମ ପ୍ରତି ଆହୁରି ବଢ଼ିଗଲା । ଯେବେ ବି ମୁଁ ସେ ରାସ୍ତା ଦେଇ ଯିବା ସେ ଦେଖିଲେ ଡାକନ୍ତି ଡାକମାରି ମୋତେ ଅଟକେଇଦିଅନ୍ତି, ଘରକୁ ଡାକି ନେଇ, ପାଖରେ ବସେଇଦିଅନ୍ତି । ଦୋକାନକୁ ସାଙ୍ଗେ ସାଙ୍ଗେ ଯାହାକିଛି ଖାଇବା ଜିନିଷ ମଗାଇ ନଖୁଆଇ ଛାଡ଼ନ୍ତି ନାହିଁ । ସୈରିନ୍ଧ୍ରୀକୁ ସେ ବହୁତ ଭଲ ପାଆନ୍ତି ।

କିଛିଦିନ ଆଗରୁ ସେ ତାଙ୍କର ବାୟୋଡାଟା ନେଇ ସୈରିନ୍ଧ୍ରୀକୁ ଦେଇ ଆସିଥିଲେ । ସୈରିନ୍ଧ୍ରୀ ଏହାର କାରଣ ପଚାରିବାରୁ ସେ କହିଲେ ମୋ ରେକର୍ଡ ଜଣେ ସମ୍ପାଦକଙ୍କ ପାଖରେ ଥାଉ । କେତେବେଳେ ଯଦି କାମରେ ଆସିବ । ମୋ ପରେ କିଏ ଆଉ ଏ ତଥ୍ୟ ତୁମକୁ ଦେବ ?

ଆଜି ସେ ନାହାନ୍ତି ସତ, କିନ୍ତୁ ତାଙ୍କ ହାତଲେଖା, ତାଙ୍କର ଭଲପାଇବା, ତାଙ୍କର ସ୍ନେହ ଆଦର ସବୁଦିନ ଏଇ ଧ୍ୱନିପ୍ରତିଧ୍ୱନି ଓ ଓାଗରିକା ପରିବାର ମନେ ରଖିଥିବ । ତାଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଭଗବାନଙ୍କ ନିକଟରେ ଆମ ଦୁଇଜଣଙ୍କର ଏତିକି ପ୍ରାର୍ଥନା ।

## ପରକୁ ଆପଣା କରିବା କଳା ଜାଣିଥିଲା ପ୍ରଶାନ୍ତ

**ଶରତ ଚନ୍ଦ୍ର ଦାସ**

ପ୍ରଶାନ୍ତ ଦତ୍ତଙ୍କ ସହ ମୋର ପରିଚୟ ପ୍ରାୟ ୬୦ ବର୍ଷ ପୂର୍ବରୁ । ତାଙ୍କ ସହିତ ପରିଚୟ ପୂର୍ବରୁ ତାଙ୍କ ପିତାଙ୍କ ସହ ପରିଚୟ ଆଗରୁ ହୋଇଥିଲା । ସେତେବେଳକୁ ବାଲେଶ୍ୱର ମ୍ୟୁନିସିପାଲଟିରେ ହେଲଥ ଇନସ୍‌ପେକ୍ଟର ରୂପେ ଅବସ୍ଥାପିତ ଥିଲେ । ମୁଁ ମ୍ୟୁନିସିପାଲ ସଫେଇ କର୍ମଚାରୀ ସଂଘର ସଂପାଦକ ଥିବାରୁ ମୋର ଅଫିସରେ ହିଁ ତାଙ୍କ ସହିତ ପରିଚୟ । କାରଣ ତାଙ୍କର ଶଳା ଡ.ନିହାର ଘୋଷ ଭଦ୍ରକର । ଆମେ ଉଭୟ ସମାଜବାଦୀ କର୍ମୀ ଥିଲୁ । ପ୍ରଶାନ୍ତ ବାବୁ ଯେ ତାଙ୍କର ପୁତ୍ର ଏହା ଜଣା ନଥିଲା । ମସିହା ମୋର ମନେ ପଡୁନାହିଁ ବୋଧହୁଏ ୬୧ ବା ୬୨ ମସିହା କଥା । ସେଇ ସମୟରେ ଇଂ. ଉପଳ ଚାନ୍ଦ ପିଡବ୍ଲୁଡ଼ି ଏସଡିଓ ଭାବେ ବାଲେଶ୍ୱରରେ ଅବସ୍ଥାପିତ ଥାଆନ୍ତି । ବାଲେଶ୍ୱର କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ବେଲାରାଣୀ ଚାନ୍ଦ, ବ୍ରଜନାଥ ରଥଙ୍କ ସହ ଦିନେ ସନ୍ଧ୍ୟାରେ ନୃତ୍ୟ ସଂଗୀତ ବିଦ୍ୟାଳୟରେ ପହଞ୍ଚିଲେ । ଉପଳ ବାବୁ ଜଣେ ସଂସ୍କୃତି ପ୍ରେମୀ ବ୍ୟକ୍ତି । ବେଲା ଚାନ୍ଦଙ୍କ ସମ୍ପର୍କୀୟ । ସେ ସମୟର କୁମାର ଉତ୍ସବ ପାଇଁ "ଇନ୍ଦ୍ରଧନୁ" ପକ୍ଷରୁ ପ୍ରସ୍ତୁତି ଚାଲିଥାଏ । ଅଧ୍ୟାପିକା ବେଲା ଚାନ୍ଦ ବଡ଼ ମେଳାପି ଲୋକ । କୁମାର ଉତ୍ସବ ପାଇଁ ବେଲା ଚାନ୍ଦ ଉପଳ ବାବୁଙ୍କୁ କିଛି ସାହାଯ୍ୟ କରିବାକୁ ଅନୁରୋଧ କରିବାରୁ ସେ ସେଥିରେ ସମ୍ମତି ପ୍ରକାଶ କରି ତାଙ୍କ ଅଫିସକୁ ଆସିବାକୁ ମୋତେ ଓ ବ୍ରଜରଥଙ୍କୁ କହିଥିଲେ । ତାଙ୍କ କଥା ଅନୁସାରେ ମୁଁ ତତ୍‌ପରଦିନ ପି.ଡବ୍ଲ୍ୟୁ.ଡି ଅଫିସରେ ପହଞ୍ଚିଲି । ସେହିଠାରେ ହିଁ ପ୍ରଶାନ୍ତ ବାବୁଙ୍କ ସହ ପ୍ରଥମ ପରିଚୟ ହେଲା । ସେହିଠାରେ ହିଁ ଜାଣିଲି ପ୍ରଶାନ୍ତ ବାବୁ ହେଲଥ ଇନସ୍‌ପେକ୍ଟର ଦତ୍ତ ବାବୁଙ୍କ ପୁଅ । ପରିଚୟ ପରଠାରୁ ସେ ନୃତ୍ୟସଂଗୀତ କଳା ମନ୍ଦିରକୁ ଯିବା ଆସିବା ଆରମ୍ଭ କରି 'ଇନ୍ଦ୍ରଧନୁ'ର ସବୁ ସଭ୍ୟ ମାନଙ୍କର ଅନ୍ତରଙ୍ଗ ବନ୍ଧୁ ହୋଇଗଲେ । ପରିଚୟ ଓ ଅନ୍ତରଙ୍ଗତା ହେତୁ ପ୍ରଶାନ୍ତ ବାବୁ ସମସ୍ତଙ୍କୁ ନିଜ ବ୍ୟବହାର ବଳରେ ଆପଣାର କରିନେଲେ । ସେତେବେଳେକୁ ପ୍ରଶାନ୍ତ ବାବୁଙ୍କର ବିଭାଘର ହୋଇନଥିଲା । ତାଙ୍କର ବିଭାଘର ଠିକ୍ ହୋଇଛି ପୁଣି ଆମ ଅଞ୍ଚଳରେ, ଆମେ ଶୁଣି ବହୁତ ଆନନ୍ଦିତ ହେଲୁ । ଏପରି ହୋଇଥିଲା ତାଙ୍କ ବିଭାଘରର ସମସ୍ତ ଦାୟିତ୍ୱ ବିଶେଷ କରି ବର ଯିବାଠାରୁ ଚତୁର୍ଥୀରେ ଭୋଜନର ସମସ୍ତ ଦାୟିତ୍ୱ 'ଇନ୍ଦ୍ରଧନୁ'ର ସଭ୍ୟମାନେ ସାହାଯ୍ୟ କରିଥିଲେ । ପ୍ରଶାନ୍ତ ବାବୁ ଜଣେ ଇଞ୍ଜିନିୟର ହେଲେ ମଧ୍ୟ ତାଙ୍କର ଅନ୍ୟ କେତେକ କାର୍ଯ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ସୁନ୍ଦର ହସ୍ତାକ୍ଷର ସହ ବିଭିନ୍ନ ଛବି ଆଙ୍କିବା, ସାହିତ୍ୟରେ ରୁଚି, ନାଟକରେ ଆଗ୍ରହ, ସହ ସାହିତ୍ୟ ଉପରେ ଆଲୋଚନା ଯୋଗୁଁ ସାହିତ୍ୟିକ ମହଲରେ ମଧ୍ୟ ପରିଚିତ ହେବା ସହ କିଛି ଲେଖାଲେଖି ମଧ୍ୟ ଆରମ୍ଭ କରିଦେଲେ । ତାଙ୍କର କେତେକ ମଜାଦାର କାର୍ଯ୍ୟ ଯାହାକି ଅନ୍ୟମାନେ ଜାଣି ନାହାଁନ୍ତି, ସେଥି ମଧ୍ୟରୁ ଗୋଟିଏ ଦୁଇଟି ଘଟଣା ମୁଁ ଏଠାରେ ଉଲ୍ଲେଖ କରୁଛି । 'ଇନ୍ଦ୍ରଧନୁ'ର ୧ମ ସଭାପତି, ୨ୟ ସଭାପତିଙ୍କ ପରେ ୩ୟ ସଭାପତି ଥିଲେ ପ୍ରଶାନ୍ତ ବାବୁ । 'ଇନ୍ଦ୍ରଧନୁ'ର ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇ କେବଳ କୁମାର ଉତ୍ସବ କାର୍ଯ୍ୟକ୍ରମ ଚାଲୁ ରହିଛି । ଏଥିପାଇଁ ଅର୍ଥ ଯୋଗାଡ଼ ପାଇଁ ପ୍ରଶାନ୍ତ ବାବୁଙ୍କ ଦାୟିତ୍ୱ ବହୁତ । ସେ ଭଦ୍ରକ ହଦଗଡ଼ରେ ଥିବାବେଳେ ମୁଁ ଏବଂ ସ୍ୱର୍ଗତଃ ରାଧାଜୀବନ ଦାସ ଓ ସୁରେଶ ମହାନ୍ତି ଯାଇ ଭଦ୍ରକରେ ପହଞ୍ଚିଲୁ । ଆମ ଯିବାକଥା ତାଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିଲା । ଭଦ୍ରକ ଯିବାର କାରଣ ଦୁଇଟି ଥିଲା । ଆମ ସାଂସ୍କୃତିକ କାର୍ଯ୍ୟକ୍ରମ ତବଲାବାଦକ (କଟିଆ ନନା) ହଦଗଡ଼ରେ ଚାକିରି କରୁଥିଲେ, ତାଙ୍କୁ ଛୁଟି କରି ଆଣିବା ଏବଂ କିଛି ଅର୍ଥ ମଧ୍ୟ ଆଣିବୁ, ଭଦ୍ରକ ଯିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଆମେ ତିନିଜଣ ନିର୍ଦ୍ଧାରିତ ଭଦ୍ରକ ଡାକବଙ୍ଗଳାରେ ପହଞ୍ଚିଲା ବେଳକୁ ପ୍ରଶାନ୍ତ ବାବୁ ଆମ ଅପେକ୍ଷାରେ । ପହଞ୍ଚିଲା ପରେ କହିଲେ କାମ ହୋଇଯାଇଛି ବ୍ୟସ୍ତ ହେବାର ନାହିଁ । ଅର୍ଥ ମୁଁ ଗଲେ ଦେବି । ଆମେ ଫେରିଆସିବାକୁ ଚାହିଁବାରୁ ସେ କହିଲେ ତୁମ ମାନଙ୍କର ଖାଇବାର ବ୍ୟବସ୍ଥା କରିଛି ନଖାଇ କୁଆଡ଼େ ଯିବ । ଚାଲ ସିନେମା ଦେଖିବା, ଫେରିଆସି ଖାଇଦେଇ ଫେରିବ । ସେଇଆ ହେଲା । ଏକଥା ଉଲ୍ଲେଖ କରିବାର କାରଣ ଜଣଙ୍କୁ ଆପଣାର କରିନେବାର କୌଶଳ ତାଙ୍କୁ ଜଣା ଥିଲା ।

ସେହିପରି ନୃତ୍ୟ ସଂଗୀତ କଳାମନ୍ଦିର ଯେଉଁ ନୃତ୍ୟ ପାଇଁ ହଲ ଏବଂ ପୁରୁଣା ଗୃହର ପରିବର୍ଦ୍ଧନ ଏ ସମସ୍ତର କାରୁକାର୍ଯ୍ୟ ପ୍ରଶାନ୍ତ ବାବୁଙ୍କର ଅବଦାନ । ସେ ନୃତ୍ୟ ସଂଗୀତ କଳାମନ୍ଦିରର ଉପସଭାପତି ପଦ ଗ୍ରହଣ କରି ସୁଚାରୁରୂପେ କାର୍ଯ୍ୟ ସମାପନ କରିଛନ୍ତି । ସେହିପରି ଫକୀରମୋହନ ସାହିତ୍ୟ ପରିଷଦର କୋଷାଧ୍ୟକ୍ଷ ରୂପେ ତାଙ୍କର କାର୍ଯ୍ୟ ପ୍ରଶଂସନୀୟ ଥିଲା । ଚାକିରିରୁ ଅବସର ପରେ ନିଜ କର୍ମ ସହ ସାଂସ୍କୃତିକ ଓ ସାହିତ୍ୟ କ୍ଷେତ୍ରରେ ଜଡ଼ିତ ରହି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ତାଙ୍କର ବିୟୋଗ ଆମ ସମସ୍ତଙ୍କୁ ସ୍ତବ୍ଧ କରିଛି । ବ୍ୟକ୍ତିଗତ ଭାବେ ମୁଁ ମର୍ମାହତ । ମୋଠାରୁ ପ୍ରଶାନ୍ତ ବାବୁ ୪ବର୍ଷ ସାନ । ତାଙ୍କ ପାଖରୁ ଆମେ ଆହୁରି କିଛି ଆଶା ରଖିଥିଲୁ । ତାଙ୍କ ମୃତ୍ୟୁ ଖବର ମୋତେ ବ୍ୟଥିତ କରିଥିଲା । ତାଙ୍କ ସମ୍ପର୍କରେ ଆହୁରି ଅନେକ ଲେଖିବାର ଥିଲେ ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ଏହା ସମ୍ଭବ ନୁହେଁ । ତାଙ୍କ ସମ୍ପର୍କରେ ଯଦି ପୂର୍ଣ୍ଣାଙ୍ଗ ବହିଟିଏ ପ୍ରକାଶ କରାଯାଇ ପାରନ୍ତା ତେବେ ତେବେ ତାଙ୍କ କୃତୀ ଏବଂ ଅବଦାନ ସମ୍ପର୍କରେ ଅନ୍ୟମାନେ ଜାଣନ୍ତେ । ଜଗନ୍ନାଥ ତାଙ୍କ ଅବର୍ତ୍ତମାନରେ ତାଙ୍କ ସ୍ତ୍ରୀ, ପୁତ୍ର, କନ୍ୟା ଓ ପରିବାର ବର୍ଗଙ୍କୁ ସାହସ ପ୍ରଦାନ କରନ୍ତୁ । ଈଶ୍ୱର ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ, ଏହା ମୋର ବିନମ୍ର ପ୍ରାର୍ଥନା ।

+ ସଂପାଦକ ନୃତ୍ୟ ସଂଗୀତ କଳାମନ୍ଦିର

## ପ୍ରଶାନ୍ତ ବାବୁଙ୍କ ବିଦାୟେ...

**ଡ. ରମାକାନ୍ତ ବେହେରା**

'ମଣିଷ ମରେନା
ଯେଉଁଦିନ ତାର ଜଳିବ ଚିତାରେ ଜୁଇ
ମରେ ସେଇଦିନ
ସ୍ମୃତିରେ ଯେଦିନ ହଜେ ଚିରଦିନ ପାଇଁ ।।'

ଜୀବ ମରଣଶୀଳ, ଜନ୍ମ ହେଲେ ମରଣ ଅଛି ପୃଥିବୀରେ ପ୍ରତି ମୁହୂର୍ତ୍ତରେ ଜନ୍ମମୃତ୍ୟୁ ଲୀଳା ଚାଲିଛି । କିନ୍ତୁ ସଭିଙ୍କ ମୃତ୍ୟୁ ମୃତ୍ୟୁ ନୁହେଁ, ଶରୀର ମୃତ୍ୟୁ ଅବଶ୍ୟ ହୁଏ, କିନ୍ତୁ ଯଶ କୀର୍ତ୍ତି କୃତୀରେ ଜଣେ ମରି ମଧ୍ୟ ସ୍ମୃତିରେ ଜିଇଁ ଥାଏ ।

ମୃତ୍ୟୁ ହିଁ ଦୁଃଖ ଦାୟକ, ସ୍ୱାଭାବିକ ହେଉ କି ଅସ୍ୱାଭାବିକ ହେଉ, ଆକାଂକ୍ଷିତ କି ଅନାକାଂକ୍ଷିତ, ପ୍ରତ୍ୟାଶିତ କି ଅପ୍ରତ୍ୟାଶିତ ହେଉ, ମୃତ୍ୟୁ ବିଦାୟ ବେଦନାର ଅଶ୍ରୁ ଝରାଏ । ତଥାପି ସ୍ୱାଭାବିକ ମୃତ୍ୟୁ ପାଇଁ ସାନ୍ତ୍ୱନା ଥାଏ ଜଣେ ପୂର୍ଣ୍ଣ ବୟସରେ ବିଦାୟ ନେବା ବରଂ କାମ୍ୟ । ମର୍ମାନ୍ତିକ ପୀଡ଼ା, ରୋଗ ଜନିତ ଜରାଜର୍ଜର ମୃତ୍ୟୁ ଅନେକ ସମୟରେ କାମ୍ୟ, କାରଣ ପୀଡ଼ିତର ଯନ୍ତ୍ରଣା ଅସହ୍ୟ ହୁଏ, ସହିବାର ସୀମା, ଧୈର୍ଯ୍ୟ ଅତିକ୍ରମ କରେ । ସ୍ୱତଃ ପ୍ରଭୁଙ୍କ ପ୍ରତି ପ୍ରିୟଜନଙ୍କ ପ୍ରାଣରୁ ନିବେଦନାଶ୍ରୁ ନିସୃତ ହୁଏ- ଏଥର ନେଇ ଯାଅ ପ୍ରଭୁ ଆଉ ଯନ୍ତ୍ରଣା ଦିଅନା ।

କିନ୍ତୁ ଯେଉଁ ମୃତ୍ୟୁ ଅପ୍ରତ୍ୟାଶିତ, ଅନେକ ସ୍ୱପ୍ନ ଅପୂର୍ଣ୍ଣ ରହିଯାଏ, ଅନେକ କହିବା କାମ ବାକି ରହିଯାଏ- ନିଜ ପାଇଁ, ପରିବାର ପାଇଁ, ସମାଜ ପାଇଁ ବା ସାହିତ୍ୟ ପାଇଁ ଅନେକ କିଛି ଅବଶ୍ୟ କର୍ତ୍ତବ୍ୟ ଅଧୁରା ରହିଥାଏ, ସେ ଅବସ୍ଥାରେ ଆକସ୍ମିକ ବିଦାୟ ପାଇଁ ହୃଦୟରେ କୌଣସି ସାନ୍ତ୍ୱନା ନଥାଏ । ପ୍ରିୟଜନଙ୍କ ଅଶ୍ରୁସଜଳ ବେଦନା ସହି ହୁଏନା କି ଭୁଲିହୁଏନା ।

ବାଲେଶ୍ୱରର ଅନ୍ୟତମ ଶ୍ରଦ୍ଧାଶୀଳ ହୃଦୟଜିଣା ଅଜାତଶତ୍ରୁ, ମଣିଷ ଥିଲେ ସ୍ୱର୍ଗତ ପ୍ରଶାନ୍ତ ଦତ୍ତ । ତାଙ୍କର ହଠାତ୍ ବିଦାୟ ଆମ ପାଇଁ ଏକ ଅପୂରଣୀୟ କ୍ଷତି । ହଠାତ୍ ନୀଳ ଆକାଶରୁ ବଜ୍ରପାତ ଭଳି ପ୍ରଶାନ୍ତ ବାବୁଙ୍କ ମୃତ୍ୟୁ ସମ୍ବାଦ ଆମପାଇଁ ଅସହ୍ୟ ବେଦନା ସୃଷ୍ଟି କରିଛି । ସେ ଥିଲେ ଜଣେ ହୃଦୟ ଖୋଲା, ସଦାହାସ୍ୟମୁଖ ବନ୍ଧୁପ୍ରିୟ ମଣିଷ ।

ସତତ କର୍ମ ଚଞ୍ଚଳ, ଅମାୟିକ ତାଙ୍କର ସ୍ୱର ସ୍ପଷ୍ଟ, ସରଳ, ସଦା ହାସ୍ୟଯୁକ୍ତ, ତାଙ୍କ ବକ୍ତବ୍ୟ ଆଚରଣରେ ବା ଉଚ୍ଚାରଣରେ କୌଣସି ଛଳନା ବା ଦ୍ୱିଧା ଭାବ ନଥାଏ ।

ସେ ବୃତ୍ତିରେ ଥିଲେ ଜଣେ ଯନ୍ତ୍ରୀ, ମାତ୍ର ପ୍ରବୃତ୍ତିରେ ଜଣେ ସାହିତ୍ୟ ପ୍ରେମୀ ସର୍ଜନଶୀଳ ବ୍ୟକ୍ତିତ୍ୱ । ଉଭୟ ସରଳ ସାବଲୀଳ ଭାଷା ଭାବର ଅମୃତ ଝରଣା ଉଚ୍ଛ୍ୱସିତ ତାଙ୍କ କବିତାରେ, ଗଦ୍ୟ ରଚନାରେ, ଉଭୟରେ ଥାଏ ପ୍ରଜ୍ଞାଦୀପ୍ତ ହୃଦୟର ସ୍ୱର୍ଶ ।

ତାଙ୍କର ଅକସ୍ମାତ ବିଦାୟ ଆମପାଇଁ ଏକ ବେଦନା ବିଧୁର ସ୍ମୃତି । ସେ ଆଜି ଦୃଷ୍ଟରୁ ଅନ୍ତର୍ହିତ ସତ୍ୟ, ମାତ୍ର ଅନ୍ତର୍ଦୃଷ୍ଟିରେ ସେ ଚିର ହାସ୍ୟମୟ, ଚିର ଜୀବନ୍ତ ।

ଶ୍ରୀ ଜଗନ୍ନାଥଙ୍କୁ ପ୍ରାର୍ଥନା- ତାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ, ତାଙ୍କ ପରିବାର, ଆତ୍ମୀୟ ସ୍ୱଜନଙ୍କୁ ଏ ଆକସ୍ମିତ ବେଦନାକୁ ସହିବାର ଧୈର୍ଯ୍ୟ ଶକ୍ତି ଦିଅନ୍ତୁ ।

ସାଧନାଳୟ, ବାଲେଶ୍ୱର

## ବିଦାୟ ପୂଜ୍ୟ ବଡ଼ଭାଇ

**ଡ.ଶ୍ରୀକାନ୍ତ ଚରଣ ପାତ୍ର**

ଇଂ ପ୍ରଶାନ୍ତ କୁମାର ଦତ୍ତ ଥିଲେ ମୋ ପାଇଁ ଜଣେ ସମ୍ମାନାର୍ହ ବ୍ୟକ୍ତିତ୍ୱ । ତାଙ୍କୁ ମୁଁ 'ବଡ଼ଭାଇ' ବୋଲି ସମ୍ବୋଧନ କରୁଥିଲି । ସେ ମୋତେ ସାନଭାଇ ଭଳି ଆଦର କରୁଥିଲେ, ମୋ ଯତ୍ନ ନେଉଥିଲେ ଓ ମୋ ଉପରେ ସ୍ନେହ ମମତା ଅଜାଡ଼ି ଦେଉଥିଲେ । କେବେକେବେ ମୁଁ ପ୍ରଥମେ ଫୋନରେ ତାଙ୍କ ସହିତ କଥା ହେଉଥିଲି ତ କେତେବେଳେ ସିଏ । ବାଲେଶ୍ୱର ଗଲେ ତାଙ୍କ ସହିତ ସାକ୍ଷାତ କରିବା ପାଇଁ ମନ ବ୍ୟାକୁଳ ହେଉଥିଲେ ବି ସବୁବେଳେ ତାହା ସମ୍ଭବ ହେଉନଥିଲା ।

ତାଙ୍କ ସହିତ କେବେ ପ୍ରଥମେ ସାକ୍ଷାତ ହୋଇଥିଲା ସେ କଥା ମୋର ମନେନାହିଁ । ତେବେ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ପ୍ରତିଷ୍ଠିତ 'ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନୀର ଭଦ୍ରକ, ବାଲେଶ୍ୱର ତଥା କରଞ୍ଜିଆ ଆଦି ସ୍ଥାନମାନଙ୍କରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଦେଖାସାକ୍ଷାତ ହେଉଥିଲା ବେଳେ କେତେକ ଦୂରବର୍ତ୍ତୀ ସ୍ଥାନକୁ ସେ ତାଙ୍କ ଗାଡ଼ିରେ ମୋତେ ନେଇ ଯାଉଥିଲେ । ସେଠାରେ ରହିବା, ଖାଇବା ଠାରୁ ବିଦାୟ ନେବାଯାଏଁ ମୋର ଅଭିଭାବକ ଭଳି ସବୁକଥା ବୁଝୁଥିଲେ । ପୁଣି ଆମେ ପରସ୍ପରକୁ ଭେଟିଛୁ ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମରେ । ଅଳ୍ପ ଦିନ ତଳେ ହୋଇଥିବା ପରିଷଦର ନିର୍ବାଚନ ଦିବସରେ ଆମର ଶେଷ ସାକ୍ଷାତ ହୋଇଥିଲା । ସେ ମୋର ଓ ମୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲୁ ।

ତାଙ୍କ ଘରେ କେତେଥର ରାତିରେ ମୁଁ ରହିଛି । ମାଡାମ୍‌ଙ୍କର ବ୍ୟବହାର ମତୃସୁଲଭା ।

ବାଲେଶ୍ୱରରୁ ପ୍ରକାଶିତ 'ଅର୍ପଣ' ପତ୍ରିକାର ସେ ଥିଲେ ସୌଜନ୍ୟ ସମ୍ପାଦକ । ତାଙ୍କରି ତାଗିଦ୍‌ରେ କେତେଥର ମୁଁ ସେଥିରେ ଲେଖା ମଧ୍ୟ ଦେଇଛି । ଲେଖା ପଠାଇବାରେ ବିଳମ୍ବ ହେଲେ ମୃଦୁ ଭର୍ତ୍ସନା ବି ଶୁଣିଛି । ଅନେକ ମୌଳିକ ଓ ଅନୁଦିତ ସାରସ୍ୱତ କୃତିର ସେ ହେଉଛନ୍ତି ସଫଳ ସ୍ରଷ୍ଟା । ମୋ ସମ୍ପାଦନାରେ ଜଳେଶ୍ୱରରୁ ପ୍ରକାଶ ପାଉଥିବା 'ସ୍ପନ୍ଦନ': ସାହିତ୍ୟର ନୂତନ ପରିଭାଷାର ଅନେକ ସଂଖ୍ୟାରେ ତାଙ୍କର ଲେଖା ପ୍ରକାଶ ପାଇଛି । ଜଣେ ବୟସ୍କ ସାରସ୍ୱତ ସାଧକ ଭାବରେ ତାଙ୍କର ଅଭିଜ୍ଞତା କନିଷ୍ଠମାନଙ୍କୁ ବାଣ୍ଟୁଥିଲେ । କାହାରିକୁ ସେ ନିରୁତ୍ସାହିତ କରୁନଥିଲେ । ଜଣେ ହୃଦ୍‌ରୋଗୀ ହୋଇ ମଧ୍ୟ ବହୁ ଆୟାସ କରି ସାରସ୍ୱତ ସାଧନା ଅବ୍ୟାହତ ରଖିଥିଲେ । ଜଣେ ମଜାଳିଆ, ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସେ ସୁପରିଚିତ ଥିଲେ । ବୃଦ୍ଧ ବୟସରେ ନିଜର ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପ୍ରିୟଜନଙ୍କଠାରେ ଦୂରରେ ରହି ମଧ୍ୟ ସ୍ଥାନୀୟ ସାରସ୍ୱତ ସାଧକମାନଙ୍କ ଗହଣରେ ଆନନ୍ଦରେ ସମୟ ଅତିବାହିତ କରୁଥିଲେ ।

ତାଙ୍କ ସହିତ ମୋର ସଂପର୍କର ନିବିଡ଼ତାର ଏକ ପ୍ରମାଣ- ଗତ ୧୪/୦୧/୨୦୨୨ ତାରିଖ ଭୋର ୪ଟା ସମୟରେ ଶଯ୍ୟା ତ୍ୟାଗ କରିସାରି ମୁଁ ଭାବୁଥାଏ ଯେ ସେହି ଦିନ ୯/୧୦ଟା ବେଳକୁ ତାଙ୍କୁ ଫୋନ୍ କରି ଇଡଲି ଖାଇବା କଥା ପଚାରିବି । କିନ୍ତୁ ପ୍ରାୟ ୫ଟା ସମୟରେ ଫେସ୍‌ବୁକରୁ ଜାଣିଲି ଯେ ସେ ଆଉ ନାହାନ୍ତି । ଗତ ରାତିରେ ହୃଦ୍‌ଘାତରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଦୁଃଖରେ ମୁଁ ମ୍ରିୟମାଣ ହୋଇଗଲି । ଶ୍ରୀଯୁକ୍ତ କାଳୀପଦ ପଣ୍ଡାଙ୍କୁ ଫୋନ କରି ଘଟଣା ସତ୍ୟ ବୋଲି ଜାଣିଲି ।

ହେ ମୋର ପୂଜ୍ୟ ବଡ଼ଭାଇ ଆପଣ ପ୍ରତି ଜନ୍ମରେ ମୋର ବଡ଼ଭାଇ ହୋଇ ଜନ୍ମ ନିଅନ୍ତୁ- ଏତିକି ନିବେଦନ । ଶ୍ରୀ ଗୁରୁ ଗୌରାଙ୍ଗଙ୍କ ପାଦପଦ୍ମରେ ମୋର ପ୍ରାର୍ଥନା ଯେ ସେ ଆପଣଙ୍କ ଆତ୍ମାର ସଦ୍‌ଗତି କରନ୍ତୁ ।

+ ଚମାରଗାଁ, ଲକ୍ଷ୍ମଣନାଥ, ବାଲେଶ୍ୱର
ମୋ: ୭୮୯୪୬୭୯୪୪୧

### କବିଙ୍କ ହାତଲେଖା କବିତା



## ପ୍ରଶାନ୍ତ ଦତ୍ତ: ହସହସ ମୁଖ

**କମଳାକାନ୍ତ ଦାଶ**

'ହସ ହସ ମୁଖେ ଥାଏ ସ୍ନେହର ବନ୍ଧନ
ମଧୁର ବଚନ ଅଟେ ହାସ୍ୟରସ ପୂର୍ଣ୍ଣ ।'

ସ୍ୱର୍ଗତ ଇଂ. ପ୍ରଶାନ୍ତ ଦତ୍ତଙ୍କ ଏ ଥିଲା ପ୍ରିୟ ପରିଚିତି । ସେ ଥିଲେ 'ରାଧାନାଥ ସାହିତ୍ୟ ପରିଷଦ'ର ଆଜୀବନ ସଦସ୍ୟ । ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ, ବଟେଶ୍ୱରଠାରେ ଗଢ଼ି ଉଠିଥିବା ଏହି ପରିଷଦକୁ ସୁପରାମର୍ଶ ଦେଉଥିଲେ । ମହାବିଦ୍ୟାଳୟ ଗୃହନିର୍ମାଣ ଦାୟିତ୍ୱ ନେଇ ସୁଚାରୁ ରୂପେ ସଂପନ୍ନ କରିଥିଲେ । ୩୫ ଲକ୍ଷ ଟଙ୍କାରେ 'ରାଧାନାଥ ଭବନ' ପ୍ଲାନ୍ ବିନା ମୂଲ୍ୟରେ କରିଥିଲେ, ମାତ୍ର ତାହା କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରତିଶ୍ରୁତି ପରେ ଅର୍ଥ ନଦେବାରୁ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସ୍ୱର୍ଗତ ଦତ୍ତଙ୍କର କବିବର ରାଧାନାଥ ରାୟଙ୍କ ସହଧର୍ମିଣୀ ରେମୁଣା ନିବାସୀଙ୍କ ସହ ତାଙ୍କର ପାରିବାରିକ ସଂପର୍କ ଥିଲା । ତେଣୁ ସେ କବିବରଙ୍କ ବଟେଶ୍ୱରସ୍ଥ ଘର ଉପରେ ସ୍ଥାପିତ ମହାବିଦ୍ୟାଳୟକୁ ଭଲ ପାଉଥିଲେ । ଆମ ସମସ୍ତଙ୍କର ପ୍ରିୟ ଥିଲେ । ଗତ କେତେମାସ ଧରି ତାଙ୍କ ସହ ଫୋନ୍‌ରେ କଥା ହୋଇ ସ୍ୱାସ୍ଥ୍ୟ କଥା ବୁଝୁଥିଲି । ମୋର ତାଙ୍କ ଭଳି ଆଣ୍ଠୁଗଣ୍ଠି ଦରଜ । ଏଇ ସାତଦିନ ତଳେ ଯାଇ କଥା ହୋଇଥିଲି । ଆଜି ସେ ଆମ ଗହଣରେ ନାହାନ୍ତି । ନାହିଁ ସେ ହସହସ ମୁଖ ଓ ହାସ୍ୟରସପୂର୍ଣ୍ଣ ବେଦନା ଓ ବଚନ ।

ବ୍ରଜବାବୁଙ୍କ ପ୍ରେସ୍‌ରେ ଅନେକବାର ତାଙ୍କ ସହ ବସିବାର ମୁଁ ସୁଯୋଗ ପାଇଛି । ଅତ୍ୟନ୍ତ ମେଳାପି ଓ ସରଳ । ସହାସ୍ୟ ବଦନରେ ଲଘୁହାସ୍ୟ ଛଳରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥାନ୍ତି । ଲେଖାଲେଖିରେ ସମୟ ଦିଅନ୍ତି । ଫକୀରମୋହନ ସାହିତ୍ୟ ପରିଷଦର ପରିଚିତି ପୁସ୍ତକ ତାଙ୍କ ପ୍ରଚେଷ୍ଟାର ଫଳ । ବହୁବର୍ଷ ସେ କୋଷାଧ୍ୟକ୍ଷ ଥାଇ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଥିଲେ । ମାନସିଂ ବଜାର ହରିସଭାର ପାଚେରୀ ପ୍ଲାନ୍ ବିନାମୂଲ୍ୟରେ କରି ମୋତେ ସାହାଯ୍ୟ କରିଥିଲେ । ବାଣିଆ ଜଗନ୍ନାଥ ମନ୍ଦିରର ପ୍ଲାନ୍ ଏକ ଅନବଦ୍ୟ କାରିଗରୀ କୃତୀ । ତାଙ୍କୁ ଦେଖିଲେ ମନରେ ହରଷ ଆସିଯାଉଥିଲା । ଜନଜୀନରେ ରସ ଓ ହାସ୍ୟଭରା ଏଭଳି ଚରିତ୍ରଟିଏ ପାଇବା ବିରଳ । ତାଙ୍କ ବିୟୋଗ ଆମ ସମସ୍ତ ବନ୍ଧୁଙ୍କ ପାଇଁ ଅପୂରଣୀୟ କ୍ଷତି । ତାଙ୍କ ଅବର୍ତ୍ତମାନରେ ମୁଁ ଶୋକସନ୍ତପ୍ତ ପରିବାରଗର୍ବଙ୍କୁ ସମବେଦନା ଜଣାଇବା ସହ ସ୍ୱର୍ଗତ ଦତ୍ତଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ।

+ ସଂପାଦକ, ରାଧାନାଥ ସାହିତ୍ୟ ପରିଷଦ, ବାଲେଶ୍ୱର
ମୋ: ୭୯୭୮୩୬୫୭୨୬

## ପ୍ରଶାନ୍ତି-ପ୍ରଶାନ୍ତ

**ମନସ୍ୱିନୀ ଦେବୀ**

ପ୍ରଶାନ୍ତ ଦତ୍ତ ନାମଟି ଉଚ୍ଚାରଣ କଲାବେଳେ ସତରେ ଯେମିତି ହୃଦୟ ଭିତରେ କେମିତି ଏକ ପ୍ରଶାନ୍ତି ଭାବନା ଉଦ୍ରେକ ହୋଇ ଉଠୁଥିଲା । ହସ ହସ ମୁହଁ, ଖୁବ୍ ଉଚ୍ଚସ୍ୱରରେ ମଜ୍ଜାଳିଆ କଥା, ଯୌବନ ସୁଲଭ ଚପଳତା, ପିଲା ଯୁବକଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜର କରିନେବା ଭାବ ଭରି ରହିଥିଲା ତାଙ୍କ ନିକଟରେ । ବଙ୍ଗାଳୀ ଦାଦା କହି ସମସ୍ତେ ତାଙ୍କୁ ସଭାସମିତିକୁ ହସି ହସି ସ୍ୱାଗତ କରୁଥିଲେ । ସେହି ମଜାଳିଆ ମଣିଷଟି ହଠାତ୍ ରାତି ଅଧରେ ଏମିତି ସମସ୍ତଙ୍କୁ ଏକାକରି ଚାଲିଯିବେ କେହି ବି ବିଶ୍ୱାସ କରିନଥିଲେ । ବୟାଅଶି ବର୍ଷ ବୟସ ହୋଇଥିଲେ ବି ଅଠେଇଶ ବର୍ଷ ବୟସର ଯୁବ ସୁଲଭତାରେ ସମସ୍ତଙ୍କୁ ମଜେଇ ଦେଉଥିଲେ । କୌଣସି ମିଟିଙ୍ଗରେ ପହଞ୍ଚିଗଲେ ତାଙ୍କର ରଂଗ ଢଙ୍ଗ ଦେଖି ସମସ୍ତେ ହସି ଉଠୁଥିଲେ, ହେଲେ ସେ ଜଣେ ସାଧାରଣ ଲୋକ ନ ଥିଲେ । ସାହିତ୍ୟ ସାଧନା ସହିତ କଟକ ସ୍କୁଲ ଅଫ୍ ଇଂଜିନିୟରିଂରୁ ସ୍ନାତକ ଭାବେ ଉତ୍ତୀର୍ଣ୍ଣ ହୋଇ ସରକାରୀ ଚାକିରୀ କରିଥିଲେ । ବୃତ୍ତିରେ ଜଣେ ଯନ୍ତ୍ରୀ ହୋଇ ବି ସାହିତ୍ୟ ସଂସ୍କୃତି, କଳା ପ୍ରତି ଥିଲା ତାଙ୍କର ଗଭୀର ଅନୁରାଗ ।

ବାପା କବି ବ୍ରଜନାଥ ରଥଙ୍କର ସେ ଥିଲେ ଅତି ଅନ୍ତରଙ୍ଗ ବଂଧୁ । ବ୍ରଜନାଥ ରଥଙ୍କ ଦ୍ୱାରା ସଂଗୃହୀତ ହଜାର ହଜାର ପୁସ୍ତକ ଓ ପତ୍ରପତ୍ରିକାକୁ ସାଇତି ରଖିବା ଲାଗି 'ବିଶ୍ୱତାରା ଗବେଷଣା ଗ୍ରନ୍ଥାଗାର'ଟିଏ ନିର୍ମାଣ କରିଥିଲେ । ଯାହାକୁ କି ତାଙ୍କ ବନ୍ଧୁ ପ୍ରଶାନ୍ତ ଦତ୍ତ ଯନ୍ତ୍ରୀ ହିସାବରେ ସଂପୂର୍ଣ୍ଣ ଉତ୍ସାହର ସହିତ ନିର୍ମାଣ କାର୍ଯ୍ୟରେ ସାହାଯ୍ୟ କରିଥିଲେ । ଲାଇବ୍ରେରୀ ନିର୍ମାଣ କାର୍ଯ୍ୟବେଳେ ସେ ପୁଙ୍ଖାନୁପୁଙ୍ଖ କାର୍ଯ୍ୟ ତଦାରଖ କରୁଥିଲେ । ଇଚ୍ଛାଥିଲା ଶେଷ ଜୀବନରେ ସାଙ୍ଗ ହୋଇ ସେଠାରେ ବସି ସାହିତ୍ୟ ଚର୍ଚ୍ଚା କରିବେ । ଯେଉଁଦିନ ବାପାଙ୍କର ଦେହାନ୍ତ ହେଲା ସେ ତାଙ୍କର ମରଶରୀରକୁ କୁଣ୍ଢାଇ ଧରି ଅନେକ କାନ୍ଦିଥିଲେ । ଲୁହ ବନ୍ୟାରେ ସତେ ଯେମିତି ବନ୍ଧୁ ପାଇଁ ସବୁ ଦୁଃଖକୁ ବୁହାଇ ଦେଇଥିଲେ । ଫକୀର ମୋହନ ସାହିତ୍ୟ ପରିଷଦ, ନୃତ୍ୟ ସଂଗୀତ କଳାମନ୍ଦିର ପ୍ରଭୃତି ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ମାନଙ୍କରେ ଓତଃପ୍ରତ ଭାବେ ଜଡ଼ିତ ଥିଲେ । ଚାକିରୀରୁ ଅବସର ପରେ ସେ ନିଜକୁ ସାରସ୍ୱତ ସାଧନା ଜାରି ରଖିବା ସହିତ ନିଜର ବହୁ ପୁସ୍ତକ ପ୍ରକାଶିତ କରିଥିଲେ । ସାହିତ୍ୟ ସାଧନା ପାଇଁ ଅନେକ ସ୍ଥାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

ସେ ଥିଲେ ସ୍ପଷ୍ଟବାଦୀ ଆଉ ନିର୍ଭିକ ପୁଣି ବନ୍ଧୁ ବତ୍ସଳ । ଯିଏ ଏ ସଂସାରକୁ ଆସିଥାଏ ତାକୁ ତ ଦିନେ ନିଶ୍ଚୟ ଫେରିବାକୁ ପଡ଼ିବ । ତେଣୁ ସେ ଏକାକୀ ଅଶ୍ୱାରୋହୀ ସାଜି ବାହୁଡ଼ି ଗଲେ ନିଜ ଅଫେରା ରାଜ୍ୟକୁ । ସେଠି ହୁଏତ କବି ବ୍ରଜନାଥ ରଥ କବି ପଞ୍ଚାନନ ଦାଶ, କବି ଚନ୍ଦ୍ର ମହାନ୍ତି, ଚଣ୍ଡିଚରଣ କରଙ୍କ ଭଳି ବନ୍ଧୁମାନେ ତାଙ୍କୁ ଅପେକ୍ଷା କରିଥିବେ । ଆଉ ଥରେ କେଉଁ ଏକ ଅଦୃଶ୍ୟ ରାଜ୍ୟରେ ହୁଏତ ଏହି ବନ୍ଧୁମାନଙ୍କର ସାହିତ୍ୟ ଚର୍ଚ୍ଚା ହେବ । ପୁଣି ମେଳି ବସିବ ବିଶ୍ୱଶ୍ରୀ ପ୍ରେସ୍ ଭଳି ଏକ ସାହିତ୍ୟ ଖଟିରେ । ଚା, ପକୋଡ଼ିର ପର୍ବ ଚାଲିବ । ହୃଦୟର ସମସ୍ତ କୋହ ଓ ଦୁଃଖ ଦେଇ ଆଜି ମୁଁ ଆପଣଙ୍କୁ ବିଦାୟ ଦେଉଛି ଦତ୍ତ ମଉସା । ଆଉ ତ ଏ ଜନ୍ମରେ ଆପଣଙ୍କ ସହ ଭେଟ ହେବନି । ଆପଣଙ୍କର ସ୍ନେହ ଭରା କଥା ଶୁଣାଯିବନି । ତଥାପି ଆପଣ ଆମ ଭିତରେ ବଞ୍ଚିରହିବେ ସେହି ଦରଦୀ ମଣିଷଟେ ହୋଇ, ମେଳାପି ମଣିଷଟେ ହୋଇ । ଯେଉଁଠି ବି ଥାଆନ୍ତୁ ମୋର ଦୁଃଖଭରା ପ୍ରଣାମ ଆପଣଙ୍କୁ... ।

ସୁନହଟ, ବାଲେଶ୍ୱର
ମୋ: ୭୯୭୮୭୨୩୫୭୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦିଗହରା ଶିକ୍ଷା...

କରୋନା ମହାମାରୀ ପାଖାପାଖି ଦୁଇ ବର୍ଷ ହେବ ସମଗ୍ର ବିଶ୍ୱ ଏବଂ ଭାରତକୁ କବଳିତ କରି ହନ୍ତସନ୍ତ କରୁଥିବା ବେଳେ ଏହାର ସଦ୍ୟତମ ଭାରିଆଂଟ ଭାବରେ ଓମିକ୍ରନ୍ ବର୍ତ୍ତମାନ ତୃତୀୟ ଲହରକୁ ଆମନ୍ତ୍ରଣ କରି ଆଣିଛି, ଯାହା ଲୋକମାନଙ୍କର ଦୈନନ୍ଦିନ ଜୀବନ ଉପରେ ପ୍ରଭାବ ପକାଉଛି। ଏହି କାରଣରୁ ଏବେ ଦେଶର ସବୁ ରାଜ୍ୟ ଅର୍ଥନୀତି, ଆୟ ଏବଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରତି ପ୍ରଭୂତ କ୍ଷତି ପହଂଚି ଥିବା ସମ୍ପର୍କରେ ଆଲୋଚନା ଚଳାଇଛନ୍ତି। କିନ୍ତୁ ଅନ୍ୟ ଏକ ବ୍ୟବସ୍ଥା ପ୍ରତି ଯେ ବିରାଟ କ୍ଷତି ପହଂଚିଛି, ସେ ସମ୍ବନ୍ଧିତ କଥାକୁ ସହଜରେ ଏଡ଼ାଇ ଦେଇହେବ ନାହିଁ। ତାହା ହେଉଛି ଶିକ୍ଷା। ମହାମାରୀର ସଂକ୍ରମଣରୁ ପିଲାମାନଙ୍କୁ ଦୂରେଇ ରଖିବାପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରି ଦିଆଯିବା ପରେ କେବଳ ଯେ ପିଲାମାନଙ୍କର ଶିକ୍ଷା ଗ୍ରହଣଜନିତ କ୍ଷତି ହୋଇଛି, ତା' ନୁହେଁ, ସମାଜର ପୁରାତନ ଶତ୍ରୁ ଯଥା ଶିଶୁ ଶ୍ରମିକ, ବାଲ୍ୟ ବିବାହ ଏବଂ ଶିଶୁ ଚାଲାଣ, ଉପେକ୍ଷିତ ବର୍ଗର ଲୋକମାନଙ୍କ ପିଲାମାନେ ଅନ୍ୟାନ୍ୟ ସୁବିଧାସୁଯୋଗରୁ ବଂଚିତ ହେବା ଇତ୍ୟାଦି ବୃଦ୍ଧି ପାଇଛି। ଫଳରେ ଏସବୁର ଦୂରୀକରଣ ପାଇଁ ଦଶନ୍ଧି ଦଶନ୍ଧିର ସରକାରୀ ଯୋଜନା ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନମାନଙ୍କର ଉଦ୍ୟମ ପାଣିରେ ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅପରପକ୍ଷରେ ଅନ୍ୟ କିଛି ପ୍ରସଙ୍ଗ ମଧ୍ୟ ସମ୍ମୁଖକୁ ଆସିଛି ଶିକ୍ଷାକୁ ନେଇ। ସବୁ ଦେଶର ପ୍ରାଥମିକ ସ୍କୁଲଗୁଡ଼ିକ ଛୋଟପିଲାଙ୍କୁ ସାମାଜିକ ଦକ୍ଷତା, ବର୍ଣ୍ଣମାଳାର ଅକ୍ଷର ଶିକ୍ଷା, ଭାଷା ଏବଂ ମୌଳିକ ଗଣିତ ପଢ଼ାଇଥାନ୍ତି। କିନ୍ତୁ ଖୁବ୍ ଶୀଘ୍ର ଫ୍ରାନ୍ସରେ ପ୍ରାଥମିକ ବିଦ୍ୟାଳଗୁଡ଼ିକରେ ଏସବୁ ପାଠ ସହିତ ମିଥ୍ୟ ଖବର ବା ଫେକ୍ ନ୍ୟୁଜଗୁଡ଼ିକୁ ଚିହ୍ନଟ କରିବା ନିମନ୍ତେ ପାଠ୍ୟକ୍ରମରେ ଏକ ନୂଆ ମୌଳିକ ଉପାଦାନ ଯୋଡ଼ା ହେବାକୁ ଯାଉଥିବା ଜଣାପଡ଼ିଛି। ଏପ୍ରିଲ ମାସରେ ଫ୍ରାନ୍ସର ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଥିବାବେଳେ ପିଲାମାନଙ୍କ ଉପରେ ମୌଳିକ ଚିନ୍ତନକୁ ଭର୍ତ୍ତି କରିବା ଉଦ୍ଦେଶ୍ୟରେ ଏକ ନୂଆ ଜାତୀୟ ଶିକ୍ଷା ନୀତି ସମ୍ପର୍କରେ ଘୋଷଣା କରିଛନ୍ତି ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍, ଯଦ୍ୱାରା ପିଲାମାନେ ଭ୍ରାନ୍ତ ଧାରଣାଗୁଡ଼ିକର ଶିକାର ହେବା ପରିବର୍ତ୍ତେ ଛୋଟ ବେଳୁ ତାକୁ ଚିହ୍ନଟ କରିପାରିବେ ଏବଂ ସେଥିରୁ ଦୂରେଇ ରହିବେ। କହିବା ବାହୁଲ୍ୟ, ସାମ୍ପ୍ରତିକ ସମୟରେ ଫେକ୍ ନ୍ୟୁଜ୍ ବା ମିଥ୍ୟା ଖବରର ପ୍ରାଦୁର୍ଭାବ ବୃଦ୍ଧି ପାଇଛି ଏବଂ ଏହା ସବୁ ଦେଶଙ୍କ ପାଇଁ ଏକ ବିରାଟ ଆହ୍ୱାନ ରୂପେ ଉଭା ହୋଇଛି। ସାମାଜିକ ଗଣମାଧ୍ୟମ, ଭାରତ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଭାବରେ ହ୍ୱାଟସଆପ୍ ଅତ୍ୟଧିକ ସଂଖ୍ୟକ ମିଥ୍ୟା ଖବରଗୁଡ଼ିକର ସୃଷ୍ଟି ଏବଂ ପ୍ରସାର ନିମନ୍ତେ ଏକ ଉପଯୁକ୍ତ ମାଧ୍ୟମ ପାଲଟିଛି। ଆଉ ଏହି ଖବରଗୁଡ଼ିକ ମଧ୍ୟରେ ଅଧିକାଂଶ ସମାଜରେ ଘୃଣା, ବିଭାଜନ ଏବଂ ଗୁଜବରେ ବିଶ୍ୱାସ କରିବା ଦିଗରେ ଏକ ବଡ଼ ଭୂମିକା ନିର୍ବାହ କରୁଛି। ସାମାଜିକ ବିଶୃଙ୍ଖଳା ସୃଷ୍ଟି କରିବା ପଛରେ ଏଭଳି ଖବରଗୁଡ଼ିକର କେତେ ବଡ଼ ଭୂମିକା ରହୁଛି, ତାହା ଜାଣିବା ପୂର୍ବରୁ ଲୋକମାନେ ଏହାକୁ ପ୍ରସାର କରି ଚାଲୁଛନ୍ତି, ଯେହେତୁ ଏହା ଉପରୋକ୍ତ ମାଧ୍ୟମରେ ଫରୱାର୍ଡ଼ ବା ଆଗକୁ ଆଗକୁ ପ୍ରେରଣା କରିବା ନିମନ୍ତେ ସହଜ ହେଉଛି। କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ ଛୋଟ ପିଲାମାନଙ୍କ ନିମନ୍ତେ ଏହା ଅତ୍ୟଧିକ ବିପଦପୂର୍ଣ୍ଣ ସାବ୍ୟସ୍ତ ହେଉଛି, କାରଣ ମହାମାରୀ ଛୋଟ ପିଲାମାନଙ୍କୁ ଖୁବ୍ ଛୋଟ ବେଳୁ ପାଠ ପଢ଼ିବା ନିମନ୍ତେ ମୋବାଇଲ, କମ୍ପ୍ୟୁଟର ଇତ୍ୟାଦି ବ୍ୟବହାର କରିବାକୁ ବାଧ୍ୟ କରିଛି ଏବଂ କୌଣସି ବିଷୟର ପରିପ୍ରେକ୍ଷୀ, ଇତିହାସ ଏବଂ ଦୃଷ୍ଟିକୋଣ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବରେ ପରିଚିତ ହେବା ପୂର୍ବରୁ ସେମାନଙ୍କ ସମ୍ମୁଖରେ ଫେକ୍ ନ୍ୟୁଜ୍ ପହଂଚି ଯାଉଛି, ଯାହାକୁ ସେମାନେ କିଛି ନ ବୁଝି ପ୍ରସାରିତ କରିବାର ସମ୍ଭାବନା ବୃଦ୍ଧି ପାଉଛି। ତେଣୁ ଫ୍ରାନ୍ସ ରାଷ୍ଟ୍ରପତି ପିଲାମାନଙ୍କୁ ଛୋଟବେଳୁ ଏସବୁ ସହିତ ଅଭ୍ୟସ୍ତ କରାଇବା ସପକ୍ଷରେ ରହିଛନ୍ତି, ଯଦ୍ୱାରା ସେମାନେ ବଡ଼ ହେବା ସହିତ ଉତ୍ତମ ବ୍ୟବହାର ଶିକ୍ଷାଲାଭ କରି ଦାୟିତ୍ୱବାନ୍ ନାଗରିକରେ ପରିଣତ ହୋଇପାରିବେ। ତେବେ ଫ୍ରାନ୍ସର ଉପରୋକ୍ତ ଆଭିମୁଖ୍ୟ କେତେଦୂର ପ୍ରଭାବଶାଳୀ ସାବ୍ୟସ୍ତ ହେଉଛି, ବିଶେଷକରି ଭାରତ ପାଇଁ ଏହା କେତେଦୂର ହେଉଛି, ତାହା ଚିନ୍ତା କରିବାର ଏକ ପ୍ରସଙ୍ଗ ଅବଶ୍ୟ। ନିକଟ ଅତୀତର ବର୍ଷମାନଙ୍କରେ ଫ୍ରାନ୍ସ ବାହାର ଦେଶମାନଙ୍କରୁ ଭ୍ରମାତ୍ମକ ତଥ୍ୟ-ସଂଯୁକ୍ତ ପ୍ରଚାର ଅଭିଯାନର ଶିକାର ହୋଇ ଆସିଛି, ମୁଖ୍ୟତଃ ନିର୍ବାଚନ ସମୟରେ। ଏହି ପୃଷ୍ଠଭୂମି ଦୃଷ୍ଟିରୁ ବିଚାର କଲେ ମାକ୍ରନଙ୍କ ପଦକ୍ଷେପ ବିଦେଶୀ ଶକ୍ତିମାନଙ୍କ ଅପପ୍ରଚାରକୁ ପ୍ରତିହତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବା ମନେହୁଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟ, କାରଣ କୌଣସି ଗଣତନ୍ତ୍ର ଏହାର ନିର୍ବାଚନୀ ପ୍ରକ୍ରିୟାରେ ବାହ୍ୟ ଶକ୍ତିମାନଙ୍କ ହସ୍ତକ୍ଷେପକୁ ବରଦାସ୍ତ କରିବ ନାହିଁ। କିନ୍ତୁ ଉପରୋକ୍ତ କୌଶଳ ଗ୍ରହଣ କରିବା ଏକ ସହଜ ଏବଂ ସୀମିତ କୌଶଳ। ଭାରତ କ୍ଷେତ୍ରରେ ବିଚାର କଲେ କେତେକ ସଂଗଠନ ବାରମ୍ବାର ଦର୍ଶାଇ ଆସିଛନ୍ତି ଯେ ଶାସନ କ୍ଷମତାରେ ଥିବା ସରକାର ଏବଂ ଏହାର ସହଯୋଗୀ ସଂଗଠନଗୁଡ଼ିକ ପ୍ରାୟତଃ ଭ୍ରମାତ୍ମକ ତଥ୍ୟ ପ୍ରଚାର କରିବାର ଉତ୍ସ ରହି ଆସିଛନ୍ତି, ଯାହା ତା'ପରେ ସାମାଜିକ ଗଣମାଧ୍ୟମର ପ୍ଲାଟଫର୍ମଗୁଡ଼ିକରେ ପ୍ରସାରିତ ହୋଇଛି। ଏସବୁ ନିଶ୍ଚିତ ଭାବରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସ୍କୁଲ ପାଠ୍ୟକ୍ରମ ପାଇଁ ଚେତାବନୀ ହେବା ବିଧେୟ, ଏମିତିକି ଫେକ୍ ନ୍ୟୁଜକୁ ଲକ୍ଷ୍ୟଭୁକ୍ତ କରିବା ସମୟରେ। ଏସବୁ ପରିବର୍ତ୍ତେ ବରଂ ଭାରତ ଫିନଲ୍ୟାଣ୍ଡର ଉଦାହରଣରୁ କିଛି ଶିକ୍ଷାଲାଭ କରିପାରେ। ୨୦୧୪ଠାରୁ ଏହି ରାଷ୍ଟ୍ର ତଥ୍ୟକୁ ମନଗଢ଼ା କାହାଣୀଗୁଡ଼ିକଠାରୁ ପୃଥକ୍ ଦର୍ଶାଇବା ନିମନ୍ତେ ପିଲାମାନଙ୍କୁ ପରୀ କାହାଣୀ, ପରିସଂଖ୍ୟାନ ପାଠ, କଳା ବିଦ୍ୟା ଏବଂ ଇତିହାସ ଇତ୍ୟାଦି ଶିକ୍ଷା ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏସବୁ ପିଲାମାନଙ୍କୁ ଅଭ୍ୟାସଗତ ମିଛୁଆ, ସଂଖ୍ୟାର ଭ୍ରମାତ୍ମକ ଉପସ୍ଥାପନ ଏବଂ ଅପପ୍ରଚାରର ବିପଦଗୁଡ଼ିକ ସମ୍ପର୍କରେ ସଚେତନ କରାଇବାର ଅଧିକ ସମ୍ଭାବନା ରଖେ। ତେବେ ଏଭଳି ଆଭିମୁଖ୍ୟ ଆପଣାଇବା ସହଜ ନୁହେଁ।

## ଭାରତୀୟ ସଂସ୍କୃତି: ବିଶ୍ୱକୁ ଯୋଡ଼ିବାର ଭାରତୀୟ ପ୍ରକ୍ରିୟା




ଗୋପାଳ ମହାପାତ୍ର


ବିଗତ କିଛି ଦଶନ୍ଧି ହେବ ଆମ ସମସ୍ତଙ୍କ ଜୀବନ ଏବଂ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଘଟିଛି । ବିଭିନ୍ନ ପ୍ରକାରର ମେସିନ୍, ବାହନ, କମ୍ପ୍ୟୁଟର ଏବଂ ସୂଚନା ପ୍ରାଦ୍ୟୋଗିକୀ ଆଧାରିତ ଉପକରଣ, ସଫ୍ଟୱେୟାର ସହିତ ଅନେକ କ୍ଷେତ୍ରରେ ହୋଇଥିବା ପ୍ରଗତି ଆମ ସମସ୍ତଙ୍କ ଜୀବନକୁ ଏକ ନୂଆ ଦିଗ ଆଡ଼କୁ ଟାଣିନେଇଛି । ବିନା ଶ୍ରମରେ ବିନା କୌଣସି କାର୍ଯ୍ୟ ନକରି ବାହାର ଦୁନିଆକୁ ଦେଖିବା ଆକର୍ଷକ ନିଶ୍ଚୟ। ସମସ୍ତେ ସମ୍ପତ୍ତି ଅର୍ଜନ ପାଇଁ ମାତ୍ରାଧିକ ତତ୍ପର ହୋଇ ଉଠିଛନ୍ତି । କିନ୍ତୁ ଏହି ପ୍ରକ୍ରିୟା ମଧରେ ଆମେ ଶାନ୍ତି, ଆନନ୍ଦକୁ ହଜେଇ ଦେଇଛେ । ଏ କଥା ସତ୍ୟ ନିଶ୍ଚୟ । ଆମେ ଯାହା ସବୁ କରିଛେ ବା କରୁଛେ ତା'ର ପ୍ରକୃତ ଉଦ୍ଦେଶ୍ୟ ହେଉଛି ନିଜକୁ ଖୁସିରେ ରଖିବା, ଆନନ୍ଦିତ ହେବା ଏପରିକି ଶାନ୍ତିରେ ରହିବା । କିନ୍ତୁ ପ୍ରକୃତରେ ଆମେ କ'ଣ ଶାନ୍ତିରେ ଖୁସିରେ ରହିପାରୁଛେ ?

ଏ ପ୍ରସଙ୍ଗରେ ଗବେଷଣା କରୁଥିବା ଅନେକ ସଂସ୍ଥାମାନଙ୍କର ଗବେଷଣାଲବ୍ଧ ତଥ୍ୟ ହେଉଛି ଆମେ ବାହ୍ୟ ଦୁନିଆ ସହିତ ଅଧିକ ମାତ୍ରାରେ ଯୋଡ଼ି ହୋଇଯାଉଛେ କିନ୍ତୁ ମଣିଷକୁ ଶାନ୍ତି ଓ ଖୁସି ମିଳିପାରୁନାହିଁ । ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ମଧ ଠିକ୍ ରହୁନାହିଁ । ବ୍ୟାଙ୍କ ବାଲାନ୍ସ ଏବଂ ମାତ୍ରାଧିକ ସୁବିଧା ପାଇ ଜୀବନକୁ ଆରାମରେ କଟେଇବା କଥା, ଖୁସି, ସନ୍ତୁଷ୍ଟ, ଆନନ୍ଦରେ ରହିବା କଥା । କିନ୍ତୁ ସବୁ ସୁବିଧା ତାଇ ମଧ ଶାନ୍ତି ମିଳୁନାହିଁ । କାହିଁକି ? ଅଧ୍ୟୟନରୁ ଜଣାପଡ଼ିଛି ଯେ ମାନସିକ ସ୍ୱାସ୍ଥ୍ୟ ଏବେ ବିଶ୍ୱସ୍ତରୀୟ ସଙ୍କଟରେ ପରିଣତ ହୋଇଛି ଓ ବିକଶିତ ଦେଶମାନଙ୍କରେ ଏହା ଅଧିକ ଭାବେ ଦେଖିବାକୁ ମିଳୁଛି । ଆମେରିକା ଭଳି ବିକଶିତ ତଥା ମହାଶକ୍ତିଶାଳୀ ଦେଶ ତା'ର ଅଧିକ ଭାଗ ଲୋକଙ୍କୁ ବିଳାସପୂର୍ଣ୍ଣ ଜୀବନ ଜୀଇଁବାର ସୁବିଧା କରିଦେଇଛି । ଅର୍ଥାତ ସେଠି ବିଳାସପୂର୍ଣ୍ଣ ଜୀବନ ଯାପନ ପାଇଁ ସମସ୍ତ ସୁବିଧା ରହିଛି ହେଲେ ସେଠାରେ ମାନସିକ ସ୍ୱାସ୍ଥ୍ୟର ରେକର୍ଡ ଭଲନାହିଁ । ଲୋକେ ସେଠାରେ ମାନସିକ ଭାବେ ଶାନ୍ତିରେ ଆନନ୍ଦରେ ନାହାନ୍ତି । ୟୁରୋପୀୟ ଦେଶ, ଏସିଆ ମହାଦେଶର ଅନେକ ଦେଶ ଏପରିକି ଆମ ଦେଶ ଭାରତ ବର୍ଷରେ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ନାହିଁ । ସାରା ବିଶ୍ୱରେ ଅଧିକ ଭାଗ ଲୋକେ ଅବସାଦ ଓ ଚିନ୍ତାଗ୍ରସ୍ତ ଜୀବନ ବିତାଉଛନ୍ତି । ଏପରିକି ଲୋକଙ୍କ ମଧରେ ଆତ୍ମହତ୍ୟା ଏବଂ ଆତ୍ମହତ୍ୟାର ପ୍ରବୃତ୍ତି ବଢ଼ିବାରେ ଲାଗିଛି। ଅର୍ଥ ରୋଜଗାର କରିବା, ସମ୍ପତ୍ତି ବଢ଼ାଇବା ଏବଂ ଉଚ୍ଚ ମହତ୍ୱାକାଂକ୍ଷା ରଖିବା କିଛି ଭୁଲ୍ କଥା ନୁହେଁ କିନ୍ତୁ ଜୀବନରେ ସନ୍ତୁଳନକୁ ବଜାୟ ରଖିବା କଥାକୁ ଆମେ ସବୁ ଭୁଲିଯାଇଛେ । ଜୀବନକୁ ସନ୍ତୁଳିତ କରିବାର କଥା ଭାରତୀୟ ସଂସ୍କୃତିରେ ରହିଛି ।

ମୋଗଲ ଆକ୍ରମଣ ପୂର୍ବରୁ ପରିବେଶର ସୁରକ୍ଷା, ଜ୍ଞାନ, କୌଶଳ ଏବଂ ପ୍ରାଦ୍ୟୋଗିକୀ ସହିତ ସାମାଜିକ, ଆର୍ଥିକ ରୂପରେ ଭାରତ ସମୃଦ୍ଧ ଥିଲା। ଏ କଥା ଇତିହାସ କହୁଛି । ବ୍ରିଟିଶ ଏବଂ କିଛି ୟୁରୋପୀୟ ରାଷ୍ଟ୍ର ବ୍ୟବସାୟ ପାଇଁ ସାରା ବିଶ୍ୱକୁ ଯାତ୍ରା କରିଥିଲେ ଏପରିକି ସେମାନଙ୍କର ଲାଭ ଏବଂ ଶକ୍ତି ପାଇଁ ଅନେକ ଅଞ୍ଚଳ (ଦେଶ)କୁ ସେମାନେ କବ୍‌ଜା କରିନେଇଥିଲେ । ଭାରତ ମଧ ସେଥିମଧରୁ ଗୋଟିଏ ଦେଶ । ସେମାନେ ଅଞ୍ଚଳ ବା ଦେଶକୁ କବଜା କରିବା ପରେ ଲୋକଙ୍କ ମାନସିକତା ଏବଂ ବିଚାର ପ୍ରକ୍ରିୟକୁ ବଦଳେଇ ଦେବାରେ ସକ୍ଷମ ହୋଇଥିଲେ । ଶିକ୍ଷା ପ୍ରଣାଳୀରେ ମଧ ପରିବର୍ତ୍ତନ କରିଥିଲେ । ଫଳସ୍ୱରୂପ ସାମାଜିକ ଏବଂ ଆର୍ଥିକ ବ୍ୟବହାର ଏବଂ ବିକାଶ ପ୍ରତି ଦୃଷ୍ଟିକୋଣ ମଧ ବଦଳିଗଲା । ବିକାଶର ୟୁରୋପୀୟ ମଡେଲ ଲୋକଙ୍କୁ ପ୍ରଭାବିତ କଲା । ଲୋକେ ଅନ୍ୟର ବିଫଳତା ମଧରେ ନିଜର ସଫଳତାକୁ ଦେଖିଲେ । ସଫଳତାର ପରିଭାଷା ଧନବଳ ଓ ବାହୁବଳରେ ବଦଳିଗଲା । ଅହଂକାରକୁ ସନ୍ତୁଷ୍ଟ କରିବାକୁ ପ୍ରାଥମିକତା ଦିଆଗଲା । ଧନ ଉପାର୍ଜନ ନୈତିକତା, ସମ୍ମାନଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଗଲା । ପ୍ରାକୃତିକ ସଂସାଧନର ଅଧିକ ଦୁରୁପଯୋଗ ହେଲା । ଲୋଭର ମାତ୍ରା ବଢ଼ିଲା । ଜାତି, ରଙ୍ଗକୁ ନେଇ ଭେଦଭାବ ସୃଷ୍ଟି ହେଲା । ଲୋକେ ଅଧିକ ଆର୍ଥିକ ଲାଭ ତଥା ଶକ୍ତିଶାଳୀ ହେବାପାଇଁ ଉଦ୍ୟମ ଆରମ୍ଭ କଲେ । ଜୀବନର ଶାଶ୍ୱତ ସତ୍ୟକୁ ଉପେକ୍ଷା କରି ଭ୍ରଷ୍ଟ ମାନସିକତାକୁ ଆପଣେଇଲେ । ଫଳରେ ଭ୍ରଷ୍ଟାଚାର ହିଂସା ଆଦି ବଢ଼ିଲା ।

ମୋଗଲ ଆକ୍ରମଣ ପୂର୍ବରୁ ଭାରତରେ ବିବିଧ ସଂସ୍କୃତି, ସର୍ବୋତ୍ତମ ଶିକ୍ଷା ପ୍ରଣାଳୀ ଏପରିକି ପର୍ଯ୍ୟାବରଣର ପୋଷଣ ଏବଂ ସନ୍ତୁଳନ ପାଇଁ ଭାରତରେ ବିଭିନ୍ନ ଟେକନିକ, ଅନେକ ପ୍ରଥାର ଗଭୀର ଜ୍ଞାନ ଥିଲା। ଲୋକେ ଖୁସିରେ ରହୁଥିଲେ, ହର୍ଷଉଲ୍ଲାସରେ ଶାନ୍ତିପୂର୍ଣ୍ଣ ଜୀବନ ବିତାଉଥିଲେ । ଲୋକଙ୍କ ମନରେ କିଛି ବିପରୀତ ଉଦ୍ଦେଶ୍ୟ ନଥିଲା କାରଣ ଭାରତୀୟ ସଂସ୍କୃତି ଲୋକଙ୍କୁ 'ବିବିଧତାରେ ଏକତା'କୁ ସମ୍ମାନ ଦେବା କଥା ଶିକ୍ଷା ଦେଇଥିଲା । ପ୍ରକୃତିର ପୂଜା ଏବଂ ପୋଷଣ (ଜୈବିକ ଓ ଅଜୈବିକ)କୁ ଗୁରୁତ୍ୱ ଦିଆଯାଉଥିଲା । ଈଶ୍ୱରଙ୍କୁ ପୂଜା କରୁଥିବା ଆସ୍ତିକ ଓ ପୂଜା ନ କରୁଥିବା ନାସ୍ତିକକୁ ସମାନ ସମ୍ମାନ ଦିଆଯାଉଥିଲା । ଲୋକେ ଯେ କେବଳ ମାନସିକ ଭାବେ ସୁସ୍ଥ ଥିଲେ ତା' ନୁହେଁ ସେତେବେଳର ସମୟ ବା ଯୁଗକୁ ଦେଖି ସେମାନେ ବିଜ୍ଞାନ ଏବଂ ପ୍ରାଦ୍ୟୋଗିକୀ କ୍ଷେତ୍ରରେ ମଧ ଉନ୍ନତ ଥିଲେ । ମୂର୍ତ୍ତିକଳା, ଧାତୁ ସଂରଚନା, ଜଳ ସଂରକ୍ଷଣ, ଜାହାଜ ନିର୍ମାଣ, ଅର୍ଥଶାସ୍ତ୍ର, ପ୍ରଶାସନ, ଯୋଗ, ଔଷଧ ନିର୍ମାଣ, ଉଚ୍ଚତମ ରଚନାତ୍ମକ ଏବଂ କୌଶଳରେ ନିର୍ମିତ ପ୍ରାସାଦ ଓ ମନ୍ଦିର ନିର୍ମାଣ ଆମକୁ ସୂଚାଇ ଦେଇଥାଏ ଯେ ସେମାନେ କେତେ କୌଶଳୀ ଥିଲେ ।

ବୈଦିକ ସାହିତ୍ୟ ଏବଂ ଶ୍ରୀମଦ ଭଗବତ୍ ଗୀତା ମାନବୀୟ ମୂଲ୍ୟକୁ ବିକଶିତ କରିବା, ପରିବେଶର ପୋଷଣ ବା ସୁରକ୍ଷା କରିପାରୁଥିବା ମାର୍ଗ ପ୍ରଦର୍ଶନ କରିଥାଏ । ଏହି ସଂସ୍କୃତି ସବୁ ଧର୍ମ ଏବଂ ସଂପ୍ରଦାୟକୁ ସମାନ ରୂପରେ ସମ୍ମାନ ଦେଇଥାଏ। ଭାରତୀୟ ସଂସ୍କୃତିରେ କୌଣସି ସଂପ୍ରଦାୟକୁ ବିରୋଧ କରିବାର କଥା ନାହିଁ ବରଂ ପରସ୍ପର ମଧରେ ଆପଣାପଣ ବୃଦ୍ଧିର କଥା ରହିଛି ।

ଏଣୁ ଇତିହାସରେ ଏମିତି କୌଣସି ଘଟଣା କଥା ଉଲ୍ଲେଖନାହିଁ ଯେ ଭାରତ କେବେ ଅନ୍ୟ ରାଷ୍ଟ୍ର ଉପରେ କବଜା କରିଛି ବା ଅନ୍ୟ ସଂପ୍ରଦାୟର ଲୋକଙ୍କୁ ସନାତନ ଧର୍ମ ଗ୍ରହଣ କରିବା ପାଇଁ ବାଧ କରିଛି । ଜୀବନର ସବୁଠାରୁ କଠିନ କଥା ହେଉଛି ମନକୁ ନିୟନ୍ତ୍ରଣରେ ରଖିବା, ଅହଂକାରକୁ ବୁଝିବା, ବୁଦ୍ଧିକୁ ତୀକ୍ଷ୍ଣ କରିବା, ସ୍ମୃତିଶକ୍ତିକୁ ବିକଶିତ କରିବା ଏବଂ ଆତ୍ମାକୁ ବୁଝିପାରିବା । ଗୀତା ଏବଂ ବେଦ ସବୁ ସମସ୍ୟାର ସମାଧାନ ସହ ସବୁ କଥାର ଅନ୍ତର୍ନିହିତ ଉଦ୍ଦେଶ୍ୟ ବାବଦରେ ବୁଝାଇଥାଏ । ଏହାର ଅଭ୍ୟାସ ମଧ ସହଜ ଏବଂ ଗୀତା ଓ ବେଦର ଅଭ୍ୟାସ କଲେ ମଣିଷ ଖୁସି ପାଇପାରିବ, ସୁସ୍ଥ ରହିପାରିବ ଏବଂ ଜୀବନର ଲକ୍ଷ୍ୟପ୍ରାପ୍ତି କରିବା ସହ ସମାଜ ପାଇଁ କିଛି କରିପାରିବ । ଭଗବତ୍ ଗୀତା ଜଟିଳ ପରିସ୍ଥିତିର ସମାଧାନର ବାଟ ଦେଖାଇଥାଏ । ନେତୃତ୍ୱ ଗୁଣର ବିକାଶ କରିବା, ଠିକ୍ ଭୁଲ୍ କଥା ଚେତାଇଦେବା, ଧର୍ମ ଏବଂ ଅଧର୍ମ ମଧରେ ଫରକ କଥା ଭଗବତ୍ ଗୀତାରେ ରହିଛି । ଆମେ ଭାରତୀୟମାନଙ୍କୁ ଏ କଥା ବୁଝିବାକୁ ପଡ଼ିବ ଯେ ଆମ ମଡେଲ ୟୁରୋପୀୟ ମଡେଲଠାରୁ ଅନେକ ଗୁଣରେ ଭଲ । ଯଦି ଆମେ ଆମ ସଂସ୍କୃତିକୁ ଆପଣେଇ ସେହି ପଥରେ ଚାଲିବା ତେବେ ଭାରତ ସମୃଦ୍ଧି ପଥରେ ଆଗେଇବ ନିଶ୍ଚୟ । ଆମର ମଡେଲ ସମଭାବ, ନୈତିକ ମୂଲ୍ୟ, ବୈଜ୍ଞାନିକତା, ପର୍ଯ୍ୟାବରଣର ପୋଷଣ ଏବଂ ସନ୍ତୁଳନ କଥା କହିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତୀୟ ମଡେଲ ଖୁସି ଏବଂ ଶାନ୍ତିରେ ରହିବାର ରାସ୍ତା ବଢ଼ାଇଥାଏ । ଆମେ ଆମ ସଂସ୍କୃତି ସହ ଯୋଡ଼ି ହୋଇ ଆମ ଦୃଷ୍ଟିଭଙ୍ଗୀକୁ ବ୍ୟାପକ କରିବା ଆବଶ୍ୟକ ।


ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪


> ବିଗତ କିଛି ଦଶନ୍ଧି ହେବ ଆମ ସମସ୍ତଙ୍କ ଜୀବନ ଏବଂ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଘଟିଛି । ବିଭିନ୍ନ ପ୍ରକାରର ମେସିନ୍, ବାହନ, କମ୍ପ୍ୟୁଟର ଏବଂ ସୂଚନା ପ୍ରାଦ୍ୟୋଗିକୀ ଆଧାରିତ ଉପକରଣ, ସଫ୍ଟୱେୟାର ସହିତ ଅନେକ କ୍ଷେତ୍ରରେ ହୋଇଥିବା ପ୍ରଗତି ଆମ ସମସ୍ତଙ୍କ ଜୀବନକୁ ଏକ ନୂଆ ଦିଗ ଆଡ଼କୁ ଟାଣିନେଇଛି । ବିନା ଶ୍ରମରେ ବିନା କୌଣସି କାର୍ଯ୍ୟ ନକରି ବାହାର ଦୁନିଆକୁ ଦେଖିବା ଆକର୍ଷକ ନିଶ୍ଚୟ। ସମସ୍ତେ ସମ୍ପତ୍ତି ଅର୍ଜନ ପାଇଁ ମାତ୍ରାଧିକ ତତ୍ପର ହୋଇ ଉଠିଛନ୍ତି । କିନ୍ତୁ ଏହି ପ୍ରକ୍ରିୟା ମଧରେ ଆମେ ଶାନ୍ତି, ଆନନ୍ଦକୁ ହଜେଇ ଦେଇଛେ ।

## ଆମ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କୁ ଅଭିନନ୍ଦନ




ସୁବ୍ରତ କର


ଏଥର ମଧ ଆମ ମୁଖ୍ୟମନ୍ତ୍ରୀ ସାରା ଦେଶରେ ଏକ ନମ୍ବର । ଏହା କହିଛନ୍ତି ଇଣ୍ଡିଆ ଟୁଡେ ପତ୍ରିକା । ଗତଥର ମଧ ଏକ ନମ୍ବର ହୋଇଥିଲେ । ନିଶ୍ଚିତ ଭାବରେ ଆମର ମୁଖ୍ୟମନ୍ତ୍ରୀ ଉଚ୍ଚ ଶିକ୍ଷିତ, ଭଦ୍ର, କାମିକା ଲୋକ ଏବଂ ସବୁଠୁ ବଡ଼ କଥା ହେଲା ସେ ବିଜୁ ବାବୁଙ୍କ ସାନ ପୁଅ । ବିଜୁ ବାବୁ ଥିଲେ ଅଦ୍ୱିତୀୟ ନେତା ଏବଂ ମୁଖ୍ୟମନ୍ତ୍ରୀ । ଗୋଟାଏ ସମୟ ଆସିଥିଲା ସେ ପ୍ରଧାନମନ୍ତ୍ରୀ ମଧ ହୋଇ ପାରି ଥାଆନ୍ତେ କିନ୍ତୁ ସେ ଦେବଗୌଡ଼ାଙ୍କୁ ବାଛିଥିଲେ । ମୁଖ୍ୟମନ୍ତ୍ରୀ ଗତ ୨୨ ବର୍ଷରୁ ଉର୍ଦ୍ଧ୍ୱ ରାଜ୍ୟ ଚଳାଇ ଆସୁଛନ୍ତି । ଗୋଟାଏ ସମୟ ଆସିଥିଲା ଆମ ରାଜ୍ୟରେ ସରକାରୀ କର୍ମଚାରୀଙ୍କୁ ଦରମା ଦେବାପାଇଁ ରାଜକୋଷର ପାଣ୍ଠିର ଅଭାବ ଥିଲା ଏବଂ ସେହି ସମୟରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଦାୟିତ୍ୱ ହାତକୁ ନେଇଥିଲେ ଏବଂ ତା' ପରବର୍ତ୍ତୀ ଅବସ୍ଥାରେ ଟଙ୍କାର ଅଭାବ ହୋଇନାହିଁ । ଏପର୍ଯ୍ୟନ୍ତ ସରକାରଙ୍କୁ ଠିକ୍‌ସେ ଚଳାଇ ଆସୁଛନ୍ତି ତା'ର ମୂଳ କାରଣ ହେଲା ସେ ନିଜକୁ ଭ୍ରଷ୍ଟାଚାର ସହିତ ଜଡ଼ିତ କରି ନାହାନ୍ତି । ଏହା ଠିକ୍ ସେ ଭ୍ରଷ୍ଟାଚାରଠୁ ଦୂରରେ, କିନ୍ତୁ ତାଙ୍କର ମନ୍ତ୍ରୀମାନେ ବା ନେତାମାନେ ଠିକ୍ ଓଲଟା । ଏହି ନେତାମାନେ ତାଙ୍କର ଛବିକୁ ଖରାପ କରୁଛନ୍ତି ଏବଂ ସେହିଟା ଯଦି ସେ ଟିକିଏ ଜଗିବେ ତେବେ ପରବର୍ତ୍ତୀ ୫ବର୍ଷ ମଧ ମୁଖ୍ୟମନ୍ତ୍ରୀ ହୋଇ ରହି ପାରିବେ । ଏବେ ଆସିବା 'ଇଣ୍ଡିଆ ଟୁଡେ'ର ବାଛିବା ପ୍ରଣାଳୀ । ନବୀନ ବାବୁଙ୍କ ପରେ, ମମତା ବାନାର୍ଜୀ, ପରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏମାନେ ସମସ୍ତେ ହେଲେ ବିରୋଧି ଦଳର ନେତା ବା ରାଜା ରାଜ୍ୟର । ଇଣ୍ଡିଆ ଟୁଡେ ହିସାବରେ କେହି ଶାସକ ଦଳର ରାଜ୍ୟ ବା ମୁଖ୍ୟମନ୍ତ୍ରୀ ୫ଜଣଙ୍କ ମଧରେ ଆସି ପାରିଲେ ନାହିଁ ନା ହିସାବ କିତାବ ଠିକ୍ ହୋଇ ନାହିଁ? ନିଶ୍ଚିତ ଭାବରେ ଆମ ରାଜ୍ୟ କୋଭିଡ ପରିଚାଳନା, ମହାମାରୀ ମୁକାବିଲାରେ ଏକ ନମ୍ବର ହୋଇଛନ୍ତି ଏବଂ ଜନକଲ୍ୟାଣ ଏବଂ ଲୋକାଭିମୁଖୀ ଯୋଜନାରେ ମଧ ଆଗରେ ଅଛନ୍ତି କିନ୍ତୁ ଭ୍ରଷ୍ଟାଚାର, ନାରୀଜନିତ ଘଟଣା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ଅନ୍ୟ ରାଜ୍ୟମାନଙ୍କଠୁ ପଛରେ ଅଛି । ଏମିତି କି ବେକାରୀ ସମସ୍ୟା, ଏବଂ ଭୋକିଲା ରହୁଥିବାର ସଂଖ୍ୟା ମଧ କିଛି କମ୍ ନୁହଁ । ଉପରୋକ୍ତ ସମସ୍ୟାଗୁଡ଼ିକ ସମାଧାନର ଠିକ୍ ପନ୍ଥା ବାହାର କରି ପାରିଲେ ନବୀନ ବାବୁ ଶାସନରେ ଥିବା ପର୍ଯ୍ୟନ୍ତ ତାଙ୍କୁ ଏକନମ୍ବରରୁ ହଟାଇ ପାରିବେ ନାହିଁ । ଆମର ଅନୁରୋଧ ନବୀନ ବାବୁ ନିଜର ଜାଗାକୁ ଆହୁରି ସୁଦୃଢ଼ କରିବା ପାଇଁ ଭ୍ରଷ୍ଟାଚାର ଉପରେ କଡ଼ା ନଜର ଦିଅନ୍ତୁ ଏବଂ ରାଜ୍ୟର ଝିଅ, ବୋହୂମାନଙ୍କର ନିରାପତ୍ତା ପ୍ରତି ଦୃଷ୍ଟି ଦିଅନ୍ତୁ ।




### ପ୍ରେମୀ


ନିରଞ୍ଜନ ସାହୁ




ଆଜିକା ଯୁଗରେ ପ୍ରେମୀ ବୁଲୁଛନ୍ତି
ଚାରିଆଡେ ହଳିହଳିକା
ଲାଜ ସରମକୁ ପୋଡି ଖାଇଦେଇ
ଚାଲୁଥାନ୍ତି ଢଳିଢଳିକା ।

କିଏ ସେ କହିବ ତାଙ୍କରି ମୁହଁରେ
କାହାର ସାହସ ଅଛି
ଯିଏ କହିଲେ ବି ଶୁଣିବେନି ସିଏ
ରାସ୍ତା ନେଇଛନ୍ତି ବାଛି
ଓଲଟି କହିବେ ସହିପାରୁନ କି
ମରିଯିବ ଜଳିଜଳିକା ।

କାହାରି କଥାକୁ ଖାତିର ନାହିଁଟି
ଦେଖାନ୍ତି ଚାତର ସିଏ
ଭଲ କହୁଥିଲେ ଭେଲ ସେ ବୁଝନ୍ତି
କହିବ କାହିଁକି କିଏ
କେତେ ଢଙ୍ଗରେ ସେ ବାଟ ଚାଲୁଥାନ୍ତି
ଅବାଟରେ ଗଳିଗଳିକା ।

ସମୟ ବଦଳି ଯାଇଛି କହନ୍ତି
ଦେଖାନ୍ତି ଆପଣା ଛଇ
ଖରାପ ଲାଗିଲେ ଆଖି ବୁଜିଦିଅ
ହେ ମୋର ଭଉଣୀଭାଇ
ବିଚିତ୍ର ପୋଷାକ ପିନ୍ଧନ୍ତି ସେମାନେ
ବେଶ ପୁଣି ଭଳିଭଳିକା ।

ଊଊଊଊଊ


♥ ନିହଳ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଚିତ୍ରିତ ମୋହ


ଶରତ କୁମାର ଦାସ




କେଉଁ ଏକ ଅନ୍ଧାରୀ ଗଳିରେ କେଜାଣି
ସ୍ୱପ୍ନ ସବୁ ଭାଙ୍ଗି ଚୂରମାର ହୋଇଯାଏ
ବିଛାଡି ହୋଇ ପଡେ ଟୁକୁରା
କାଚ ଖଣ୍ଡ ଭଳି
ନିଷିଦ୍ଧ ଉପତ୍ୟକାର
ବିପର୍ଯ୍ୟସ୍ତ ଇଲାକାରେ ।

ରାତିର କାନ୍ଥରେ ସତେଜ
ଜହ୍ନର ଜ୍ୟୋତ୍ସ୍ନା
ଧକ୍କା ଖାଏ ବାର୍ ବାର୍
ମାତ୍ର ଛୁଇଁ ପାରେନା ମାଟିକୁ ,
ଆଉ, ହସୁଥାନ୍ତି ଝାଉଁବଣ ଅୟୁତ ଯୁଗର
ହିଂସା ଓ ଇର୍ଷାକୁ ଲାଉକରି ପିଠିରେ ।

ଖୋଜୁ ଖୋଜୁ ଜହ୍ନ ପାହିଯାଏ ରାତି
ମାତ୍ର ଅନ୍ଧାର ହଟେନା
ଆଲୋକର ମୋହ ବି ସ୍ପର୍ଶ କରେନା
ମନ ଆଉ ପ୍ରାଣକୁ ।

ବନ୍ଦୀ ହୋଇଯାଏ ଆକାଂକ୍ଷାର ଦ୍ୱାର
ସ୍ନାୟୁକୋଷିକାର ଅସରନ୍ତି ଛିଦ୍ରରେ
ଡେଇଁ ପାରେନା ଦେହର ଦେହଳୀ ।

ଆକାଶ ନଇଁ ଆସେ ମଥାନକୁ
ଭସା ମେଘ ଖଣ୍ଡେ
ଓହ୍ଲାଇ ଆସେ ପୃଥିବୀକୁ
ସିକ୍ତ ହୁଏ ସର୍ବଂସହା ମାଟିର ଆୟୁଷ
ବିଜୁଳିର ନାଲି ନେଳି ଚମକ
ଛୁଇଁଯାଏ ହୃଦୟକୁ
ଏକ ନୀଳ ସମ୍ମୋହନ
କବଜା କରେ ଆତ୍ମାକୁ ।

ପ୍ରଲମ୍ବିତ ବୟସଟା ଗୁରୁଣ୍ଡି ଗୁରୁଣ୍ଡି
ଦେଖୁଥାଏ ଜଳନ୍ତା ନିଆଁ
ଉହ୍ନେଇର ତାତିକୁ
ଆଉ ଖୋଜୁ ଥାଏ ଶୂନ୍ୟରେ
ତା' ଏକଲାପଣକୁ
ଚୁପ୍ ଚାପ୍ ଶୋଇଥାଏ ରାତି
ଚାଖଣ୍ଡେ ଜାଗାମାଡି
ସେମିତି ଭୋକିଲା ପେଟରେ ।

ଧୀରେ ଧୀରେ ସକାଳ ଆସେ
ଅନ୍ୟ ଏକ ମୋହରେ ବାନ୍ଧି ହୋଇ,
ପୁରୁଣା ଲୁହମାନେ ବୟସ୍କ ହୁଅନ୍ତି
ନିର୍ବାଣର ଶତ ପ୍ରତୀକ୍ଷାରେ ।

ଦୁବଘାସମାନେ ମଥା ଟେକନ୍ତି ସଗର୍ବେ
ସୁନାରଙ୍ଗର କଅଁଳ ଖରାରେ
ଶ୍ରାବଣର ଶେଷ ମେଘ
ବର୍ଷିଗଲା ପରେ।

ମଧ୍ୟାହ୍ନର ପାକଳ ତାତି ଦେହକୁ ଛୁଏଁ
ବଢିଯାଏ ଶୋଷ ସମୁଦ୍ରର
ମରୁବାଲି ଘୁଞ୍ଚି ଯାଏ ଦୂରକୁ ଦୂରକୁ
ପୃଥ୍ୱୀର ଅସ୍ତିତ୍ୱ ବିଗିଡି ଯାଏ
ଈଶ୍ୱରଙ୍କୁ ଖୋଜାପଡେ ଅବେଳରେ
ଏକ ଅପହଂଚ ଚିତ୍ରିତ
ମୋହର ଆସ୍ପର୍ଦ୍ଧାରେ ।


♥ ଅଧ୍ୟାପକ,
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ ,ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


### ପଚାରନା ଆଉ


କୁନା ସେଠୀ




ସମୟ ସାଥିରେ ବୟସ ଧାଉଁଛି
ବୟସ ସାଥିରେ ବଳ
ବଳର ସାଥିରେ ବେଳ ସରିଯାଏ
ସରିଯାଏ ନିଜ ଖେଳ ।

ପଚାରନା ବନ୍ଧୁ ,
କେମିତି କଟୁଛି ଏ ଜୀବନ କାଳ ।
ଆଜି ଯିଏ ଧନୀ ବଡ଼ ସନମାନି
କାଲି ହୁଏ ହୀନିମାନ
ବେଳ କାଳ କଥା ବୁଝିଥାଏ ଜ୍ଞାନୀ
ନ ବୁଝଇ ମୁଢ଼ ମନ ।

ପଚାରନା ବନ୍ଧୁ,
ଏଇତ ପରା ଆମ ଭାଗ୍ୟର ଫଳ
ଜୀବନ ଜଞ୍ଜାଳ ଦିଏ ନାହିଁ ବେଳ
ପ୍ରଭୁ ନାମ ଧରିବାକୁ
ପ୍ରଭୁଙ୍କ ପାଖରେ ସମୟ ବି ନାହିଁ
ତୁମ ମୁଖ ଦେଖିବାକୁ ।

ପଚାର ନା ବନ୍ଧୁ,
ସମୟ ଖେଳୁଛି ଯେ କାଉଁରୀ ଖେଳ ।
ଦ୍ୱାହି ଦେଇ ନିଜ ଭାଗ୍ୟବିଧାତାକୁ
ଭୁଲି ଯାଇ ନିଜ କର୍ମ
ଅକର୍ମ କରଇ ପୁଣ୍ୟକୁ ସାରଇ
ନାଶ କରି ନର ଧର୍ମ ।

ପଚାରନା ବନ୍ଧୁ,
ଅଛି କେତେ ଯେ ଆଉ ଧରମ ବଳ ।
ଜ୍ଞାନ ଓ ବିଜ୍ଞାନ କୁ ସାଥିରେ ଧରି
କମ୍ପୁଟର ଜ୍ଞାନ ନେଇ
ମଣିଷ ପଣିଆ ହୃଦୟରେ ବହି
ଚାଲିବା ବାଟକୁ ଚାହିଁ ।

ପଚାରନା ବନ୍ଧୁ,
କହି ହେଉନାହିଁ ସହି ହେଉନାହିଁ ଜାଳ।
ବୁଝି ବୁଝାଇବା ସୁଝି ସୁଝାଇବା
ଅଟଇ ମଣିଷ ପଣ
ମଣିଷ ଟା ଯଦି ବୁଝି ନ ପାରିଲା
ରହିବ ଜୀବନେ ରଣ ।
ପଚାରନା ବନ୍ଧୁ,
ଏଇ ଅଟେ ଯେ ଆମ ଅମୂଲ୍ୟ ବେଳ।


♥ ଭୁତସରସିଙ୍ଗି, ଗଞ୍ଜାମ



ଆର୍ବିଭାବ: ୨୪/୦୩/ ୧୯୪୧
ତିରୋଧାନ: ୧୩/୦୧/୨୦୨୨

# ପ୍ରଣମ୍ୟ ପ୍ରଶାନ୍ତ

ଲେଖକ ପ୍ରଶାନ୍ତ କୁମାର ଦତ୍ତଙ୍କ ସ୍ମୃତିଫର୍ଦ୍ଦ





ମଙ୍ଗଳବାର, ୨୫ ଜାନୁଆରୀ ୨୦୨୨

## ଆହୁରି ଅନେକ ଅପୂର୍ଣ୍ଣ ରହିଗଲା

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ

ଇଂ ପ୍ରଶାନ୍ତ କୁମାର ଦତ୍ତ ବୟସରେ ମୋଠାରୁ ୧୫ବର୍ଷ ବଡ଼। ମୋ ସହିତ ସେ ମିଶନ୍ତି ବନ୍ଧୁପରି, ମାତ୍ର ମୋ ସ୍ତ୍ରୀଙ୍କୁ ଡାକନ୍ତି ଝିଅ ବୋଲି। ଯେତେବେଳେ ଆମଘରକୁ ଆସନ୍ତି, ତାଙ୍କ ଘର ପାଖରୁ ବିରିବରା ଓ ଗୋଲାପଜାମୁନ୍ ନେଇ ଆସିଥାନ୍ତି। ଝିଅ ଘରକୁ ଖାଲି ହାତରେ କେମିତି ଆସିବେ! ଜାନୁଆରୀ ମାସରେ ଶେଷଥର ପାଇଁ ଆମଘରକୁ ଆସିଥିଲେ। ଠିକ୍ ଭାବରେ ଚାଲିପାରୁନଥିଲେ ବୋଲି ତାଙ୍କ ମିସ୍ତ୍ରୀକୁ ସାଙ୍ଗରେ ଧରି ଆସିଥିଲେ। ମାତ୍ର ଦେଖ, ଆସିଲା ବେଳକୁ ଖାଦ୍ୟ ଆଣିବାକୁ ଭୁଲି ଯାଇଥିଲେ। ପୁଣିଥରେ ମିସ୍ତ୍ରୀକୁ ଘରକୁ ପଠାଇଲେ, ସେ ଯାଇ ତାଙ୍କ ଘରପାଖରୁ ବିରିବରା ଇତ୍ୟାଦି ନେଇକି ଆସିଲା। ଏହା ହିଁ ଆତ୍ମୀୟତା, ଏହାହିଁ ମମତ୍ୱ ଏବଂ ଏହାହିଁ ଭଲ ପାଇବା। ମୋ ପ୍ରତି ତାଙ୍କର ଭଲପାଇବା ଏତେ ପ୍ରଗାଢ଼ ଥିଲା ଯେ ତାକୁ ଭାଷାରେ ପ୍ରକାଶ କରିବା ଅସମ୍ଭବ। ତାଙ୍କର ସମସ୍ତ ପୁସ୍ତକ ଉନ୍ମୋଚନରେ ବ୍ରଜନାଥ ରଥ ପ୍ରମୁଖ ବରିଷ୍ଠ ସାହିତ୍ୟିକ ଥିବାବେଳେ ମଞ୍ଚ ଉପରେ ଆଲୋଚନା କରିବାକୁ କନିଷ୍ଠ ହିସାବରେ ମୋତେ ହିଁ ସୁଯୋଗ ଦେଉଥିଲେ। ସବୁବେଳେ କହୁଥିଲେ ମୁଁ ନରହିଲେ, ସେ ଗ୍ରନ୍ଥ ଉନ୍ମୋଚନ କରିବେ ନାହିଁ।

ତାଙ୍କପରି ଜଣେ ସଂଗ୍ରାହକ ଆଉ କାହାରିକୁ ପାଇନାହିଁ। ଖବର କାଗଜରୁ ସମ୍ବାଦମାନ କାଟି ସଂଗ୍ରହ କରି ତାକୁ ଖଣ୍ଡିଏ ଖଣ୍ଡିଏ ବହି କରୁଥିଲେ। ଚିହ୍ନା ପରିଚିତମାନଙ୍କର କବିତାକୁ ସଂଗ୍ରହକରି ତାହାର ଏକ ଏକ ସଙ୍କଳନ କରି ନିଜ ପାଖରେ ରଖୁଥିଲେ। ପୁଣି ସେ ସବୁକୁ ଜେରକ୍ସ କରି ଗୋଟିଏ ଗୋଟିଏ ସଂକଳନ କରି ଅନ୍ୟମାନଙ୍କୁ ରଖିବାକୁ ଦେଉଥିଲେ। ଏହିପରି ଅନେକ ସଙ୍କଳନ ମୋ ନିକଟରେ ଅଛି। ସେହି ଦୁର୍ମୂଲ୍ୟ ତଥ୍ୟଗୁଡ଼ିକୁ କେମିତି କାମରେ ଲଗାଇବି ଜାଣିପାରୁନାହିଁ, କିନ୍ତୁ କାମରେ ଲଗାଇବି ନିଶ୍ଚୟ। ତାଙ୍କ ଘରକୁ ଗଲେ ମୋତେ ସେ ଡ୍ରଇଂ ରୁମ୍‌ରେ ନ ବସାଇ ଘର ଭିତରକୁ ନେଇଯାଆନ୍ତି। ଆଲମାରି ଭିତରେ ଅନେକ ତଥ୍ୟ ପୂର୍ଣ୍ଣ ଫାଇଲ। ସେ ସବୁକୁ ମୋତେ ଦେଖାଇବାବେଳେ ତାଙ୍କ ହୃଦୟରେ ଥିବା ଗଭୀର ପ୍ରତ୍ୟୟ ବାରି ହୋଇ ପଡ଼େ। ଶୋଇବା ଘର ଥାକରେ ବି କେତେ ପ୍ରକାରର ଦୁର୍ମୂଲ୍ୟ ଗ୍ରନ୍ଥ। ବାହାରେ ଖୋଜିଲେ ସେସବୁ ମିଳିବ ନାହିଁ। ଗୋଟିଏ ଥାକରେ ମୋ ନାଁ ଲେଖାଯାଇଛି। କହନ୍ତି, ତୁମରି ନାଁ ଲେଖିଦେଇଛି। ଏସବୁ ତମପାଇଁ। ମୁଁ ମରିଗଲେ ଏସବୁ ତମେ ବ୍ୟବହାର କରିବ। ମୁଁ ହସିଦିଏ। ମରିବେ କାହିଁକି! ଆପଣଙ୍କୁ ଏତେ ଶୀଘ୍ର ଛାଡ଼ିବ କିଏ! ଆପଣଙ୍କ ପାଇଁ ବହୁତ କାମ ବାକି ରହିଛି। ସେସବୁ ଶେଷକରି ଯେଉଁଠାକୁ ଯିବେ। ସେ ମୋତେ ବାରମ୍ବାର ଚାଲିଯିବି, ଚାଲିଯିବି ବୋଲି କହୁଥିଲେ। ମୃତ୍ୟୁର କିଛିଦିନ ପୂର୍ବରୁ ତ ଅନେକ ଜିନିଷ କାମରେ ଲଗାଇବାପାଇଁ ଦେଇଯାଇଛନ୍ତି। ସେ କ'ଣ ଜାଣିଥିଲେ କି ହଠାତ୍ ଦିନେ ଅସମୟରେ ସମସ୍ତଙ୍କୁ ଛାଡ଼ି ଚାଲିଯିବେ ବୋଲି। ଏଇମିତି ଆଉ ଦିନେ ହୋଇଥିଲା। ହଠାତ୍ ଆମେ ଖବର ପାଇଲୁ ତାଙ୍କୁ ହସ୍‌ପିଟାଲ ନିଆ ଯାଇଛି ବୋଲି। ଆମେ କେତେଜଣ ମିଶି ବିଭିନ୍ନ କ୍ଲିନିକ୍ ଓ ହସ୍‌ପିଟାଲ ଖୋଜିଲୁ। କୁଆଡ଼େ ପାଇଲୁ ନାହିଁ। ଶେଷରେ ଦେଖିବା ବେଳକୁ ସେ କେତେବେଳୁ ଆସି ଘରେ ପହଞ୍ଚିଯାଇସାରିଲେଣି। କିନ୍ତୁ ଏଥରର କଥା ନିଆରା। ଅର୍ଦ୍ଧରାତ୍ରିରେ କେତେଜଣ ଆତ୍ମୀୟ ମିଶି ତାଙ୍କୁ ଡାକ୍ତରଖାନା ନେଇଗଲେ। ଆମେ କେହି ଖବର ପାଇବା ପୂର୍ବରୁ ତାଙ୍କର ଜୀବନଦୀପ ଲିଭିଗଲା। ଆମପାଇଁ କିଛି ଦୀର୍ଘଶ୍ୱାସ ଛାଡ଼ି ସେ ହସି ହସି ଆରପୁରକୁ ଚାଲିଗଲେ।

ତାଙ୍କର ପ୍ରଥମ ଶିକ୍ଷା ଆରମ୍ଭ ହୋଇଥିଲା ପିତା ପଞ୍ଚୁଗୋପାଳ ଦତ୍ତଙ୍କ ତତ୍ତ୍ୱାବଧାନରେ ରେଭେନ୍ସା କଲେଜିଏଟ୍ ସ୍କୁଲରେ। ସେଠାରେ ଏକବର୍ଷ ବିତିବାପରେ ବ୍ରହ୍ମପୁରର କୁଇନ୍ସ ମିସନ୍ ହାଇସ୍କୁଲରେ ପାଞ୍ଚବର୍ଷ ଅଧ୍ୟୟନ କରିଥିଲେ। ତାପରେ ଆସିଲେ ଯାଜପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟକୁ। ସପ୍ତଶ୍ରେଣୀରେ ପଢୁଥିବା ସମୟରେ ହାତଲେଖା "ଜାଗରଣ" ପତ୍ରିକାରେ 'ଜୀବନ ପ୍ରଭାତ' ପଦ୍ୟ ପ୍ରକାଶିତ ହୋଇଥିଲା। ମାତ୍ର ଏକାଦଶ ଶ୍ରେଣୀରେ ଡଗର ପତ୍ରିକାରେ ତାଙ୍କର ପ୍ରଥମ ଅନୁବାଦ ଗଳ୍ପ 'ଗ୍ୟାସ ଆଲୁଅରେ' ପ୍ରକାଶ ପାଇଥିଲା। ସେତେବେଳେ ଓଡ଼ିଶାରେ ମାତ୍ର ଚାରିଜଣ ଅନୁବାଦ ଗଳ୍ପ ପ୍ରକାଶ କରୁଥିଲେ। ତନ୍ମଧ୍ୟରୁ ଇଂ. ଦତ୍ତ ଅନ୍ୟତମ। ଅନୁବାଦରେ ତାଙ୍କର ଯଥେଷ୍ଟ ସୁନାମ ଥିଲା। ଅନୁବାଦ କରିଥିବା ୧୦୨ଗୋଟି ଗଳ୍ପ ମଧ୍ୟରୁ ୧୬ଗୋଟି ଗଳ୍ପକୁ ନେଇ 'ଋତୁ ବସନ୍ତ ଓ ଅନ୍ୟାନ୍ୟ ଗଳ୍ପ' ୨୦୦୧ ମସିହାରେ ପ୍ରକାଶିତ ହୋଇଥିଲା। ଏହା ବ୍ୟତୀତ ଜୀବନାନନ୍ଦ ଦାସଙ୍କର ୨୨ଗୋଟି କବିତାକୁ ମଧ୍ୟ ସେ ଅନୁବାଦ କରି ପ୍ରକାଶ କରିଥିଲେ। ଅନୁବାଦ ଗଳ୍ପ ବ୍ୟତୀତ 'ଏକାକୀ ଅଶ୍ୱାରୋହୀ' ନାମରେ ଏକ ଗଳ୍ପ ସଙ୍କଳନ, 'ଜୀବନର ସ୍ୱର' ନାମରେ ଏକ କବିତା ସଙ୍କଳନ ଓ 'ଭାରତ ଭ୍ରମଣ ଡାଏରୀ' ନାମରେ ଏକ ଭ୍ରମଣ କାହାଣୀ ଗ୍ରନ୍ଥ ତାଙ୍କ ପ୍ରତିଭାର ପରିପ୍ରକାଶ କରାଇଥାଏ। ଏସବୁକୁ ଛାଡ଼ି ୨୪ଗୋଟି ସ୍ମୃତି କଥା, ୯ଗୋଟି ବୈଷୟିକ ଲେଖା, ୩ଗୋଟି ସ୍ମରଣୀୟ ଫିଚର, ୬ଗୋଟି ଫିଚର, ଗୋଟିଏ ପୁସ୍ତକ ସମୀକ୍ଷା ଓ ଆଠଗୋଟି ଜୀବନୀ ଆଲୋଚନାକୁ ମିଶାଇଲେ ମୋଟ ୩୮୭ଗୋଟି ଆଲେଖ୍ୟ ସେ ପ୍ରସ୍ତୁତ କରିଥିଲେ।

ଫକୀରମୋହନ ସାହିତ୍ୟ ପରିଷଦର ଆଜୀବନ ସଦସ୍ୟମାନଙ୍କୁ ନେଇ 'ପରିଚିତି' ଗ୍ରନ୍ଥ ପ୍ରକାଶନ ତାଙ୍କର ଏକ ଉଲ୍ଲେଖନୀୟ କାର୍ଯ୍ୟ। ସମସ୍ତଙ୍କ ନିକଟକୁ ବାରମ୍ବାର ଟେଲିଫୋନ୍ କରି କାହା କାହାର ଘରକୁ ଯାଇ ଜୀବନପଞ୍ଜି ସଂଗ୍ରହ କରିବା ଏତେ ସହଜକାର୍ଯ୍ୟ ନଥିଲା। ଫକୀରମୋହନ ସାହିତ୍ୟ ପରିଷଦ ଯଦି କୌଣସି ବିଶ୍ୱବିଦ୍ୟାଳୟ ହୋଇଥାଆନ୍ତା, ତେବେ ଇଂ ଦତ୍ତ ତାଙ୍କର ଗବେଷଣା କାର୍ଯ୍ୟ ପାଇଁ ଡିଲିଟ୍ ଉପାଧି ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିଥାଆନ୍ତେ। ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ସ୍ରଷ୍ଟା ନାଟ୍ୟାନୁଷ୍ଠାନର ଏହିପରି ଏକ ପରିଚିତି ଗ୍ରନ୍ଥ ତିଆରି କରିବାର ଯୋଜନା କରିଥିଲେ। ମାତ୍ର ମୁଁ ତାଙ୍କୁ ସୂଚାଇଦେଇ କହିଥିଲି ଯେ, ଆପଣ ଯେ ପର୍ଯ୍ୟନ୍ତ ଜଣେ ପ୍ରଶାନ୍ତ ଦତ୍ତଙ୍କୁ ନ ପାଇଛନ୍ତି ସେ ପର୍ଯ୍ୟନ୍ତ ପରିଚିତି ଗ୍ରନ୍ଥ ପ୍ରକାଶିତ ହୋଇପାରିବ ନାହିଁ। ପରିଷଦର ସଦସ୍ୟ ସଂଖ୍ୟା ବୃଦ୍ଧିପ୍ରାପ୍ତ ହୋଇଥିବାରୁ ଆମେ ପରିଚିତିର ୨ୟ ସଂସ୍କରଣ ପ୍ରକାଶ କରିବାର ଯୋଜନାରେ ଥିଲୁ। ଇଂ. ଦତ୍ତ ସେଥିପାଇଁ ମଧ୍ୟ କାମ ଆରମ୍ଭ କରିଦେଇଥିଲେ। ମାତ୍ର ୨ୟ ସଂସ୍କରଣର କାର୍ଯ୍ୟ ହେଉ ନହେଉଣୁ ଆରପାରିକୁ ଟିକେଟ କାଟିଦେଲେ। ତାଙ୍କର ଆତ୍ମା ଆଉ କାହା ଅଙ୍ଗରେ ବିଶ୍ରାମ ନେଲେ ଯାଇ ସେହି ଅପୂର୍ଣ୍ଣାଙ୍ଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ।

ଇଞ୍ଜିନିଅର ଭାବେ ସେ ଯେତେଗୋଟି ନିର୍ମାଣ କାର୍ଯ୍ୟ କରିଥିଲେ ତନ୍ମଧ୍ୟରୁ ବାଣ୍ଡିଆ ଜଗନ୍ନାଥ ମନ୍ଦିର ଓ ଶାନ୍ତିଘାଟର ନିର୍ମାଣ କାର୍ଯ୍ୟକୁ ସେ ଗୁରୁତ୍ୱ ଦେଉଥିଲେ। ଶାନ୍ତିଘାଟ ପ୍ରକଳ୍ପର ଶୁଭାରମ୍ଭଠାରୁ ସେ ତା ସହିତ ଜଡ଼ିତ ଥିଲେ। ପ୍ଲାନ୍ କରିବା, ତିନିଥାକରେ ଏଷ୍ଟିମେଟ୍ କରିବା, ପ୍ଲାନିଂ ଅଫିସରଙ୍କ ମାଧ୍ୟମରେ ଏସ୍‌ପିଙ୍କଠାରୁ ଟଙ୍କା ସଂଗ୍ରହ କରିବା ଏବଂ ଅର୍ଥପ୍ରାପ୍ତିପରେ ମିସ୍ତ୍ରିପରି ନିଜେ ଯାଇ ଶାନ୍ତିଘାଟର ଧୂଳିମାଟି ସହିତ ଏକାକାର ହୋଇଯିବା କେବଳ ଇଂ ଦତ୍ତଙ୍କଦ୍ୱାରା ହିଁ ସମ୍ଭବ ହୋଇଥିଲା। ଶାନ୍ତିଘାଟ ଯଦି ଗୋଟେ ମନ୍ଦିର ହୁଏ ଆମେ ଥିଲୁ କେବଳ ମୁଖଶାଳା। ସେ ହିଁ ଥିଲେ ପ୍ରକୃତ ମନ୍ଦିର।

ଆମକୁ ଛାଡ଼ି ଚାଲିଯିବେ ବୋଲି ପୂର୍ବାନୁମାନ ବୋଧହୁଏ କରିପାରିଥିଲେ। ସେଇଥିପାଇଁ ଫକୀରମୋହନ ସାହିତ୍ୟ ପରିଷଦର ମୂଳ କ୍ୟାସବୁକ୍, ନିର୍ବାଚନ ସମ୍ପର୍କିତ ଯାବତୀୟ ନିଉଜ କଟିଂ, ନିଜର ସମସ୍ତ ରଚନାର ଇତିହାସ, ଡଗର ପତ୍ରିକାରେ ପ୍ରକାଶିତ ତାଙ୍କର ପ୍ରଥମ ଗଳ୍ପ 'ପାନ' ଇତ୍ୟାଦିକୁ ସେ ମୋ ହାତକୁ ଟେକି ଦେଇଯାଇଥିଲେ। ସାହିତ୍ୟ ବାହିକା ପ୍ରକାଶିତ ହେବାଠାରୁ ୨୦୧୧ ମସିହା ପର୍ଯ୍ୟନ୍ତ ସମସ୍ତ ସଂଖ୍ୟାକୁ ବନ୍ଧାଇକରି ପାଞ୍ଚଖଣ୍ଡରେ ସଂଯୁକ୍ତ କରିମୋତେ ସମର୍ପଣ କରିଥିଲେ। ଚାହିଁଥିଲେ ଆଉ ଦୁଇଦିନ ଡେରିକରି ସାହିତ୍ୟ ବାହିକାର ୨୦୨୨ ସଂଖ୍ୟାକୁ ସେଥିରେ ସଂଯୁକ୍ତ କରିବାର ଉଦ୍ୟମ କରିପାରିଥାଆନ୍ତେ। ମାତ୍ର ତାହା ସେ କଲେ ନାହିଁ। କାରଣ ଯେଉଁଦିନ ସାହିତ୍ୟବାହିକା ପ୍ରକାଶ ପାଇବ ତାର ଆଗଦିନ ରାତିଅଧରେ ଆମକୁ ଛାଡ଼ି ଚାଲିଯିବେ ବୋଲି ସେ ହୁଏତ ସ୍ଥିର କରିସାରିଥିଲେ। ଅନେକ କାର୍ଯ୍ୟ ଅପୂର୍ଣ୍ଣ ହୋଇ ରହିଗଲା। ଗଳ୍ପ ସଙ୍କଳନଟିଏ ଯନ୍ତ୍ରସ୍ଥ ହୋଇ ରହିଛି। ଯଥାଶୀଘ୍ର ତାହାକୁ ପ୍ରକାଶ କରାଗଲେ ତାଙ୍କର ଆତ୍ମା ଆନନ୍ଦିତ ହେବ।

ସଭାପତି, ଫକୀରମୋହନ
ସାହିତ୍ୟ ପରିଷଦ, ବାଲେଶ୍ୱର

## ଆଲୋକ ବୃତ୍ତର ବାହାରେ: ଇଂଜିନିୟର ପ୍ରଶାନ୍ତ କୁମାର ଦତ୍ତ

ଡ.ରାଧାରଂଜନ ପଟ୍ଟନାୟକ

ନାମ ହିଁ ଯଥେଷ୍ଟ । ଇଂ ପ୍ରଶାନ୍ତ କୁମାର ଦତ୍ତ । ସ୍ୱାଧୀନତାର ପ୍ରାଗୁଷା ରେ ଜନ୍ମ ହୋଇ ଉତ୍ତର ସ୍ୱାଧୀନତା କାଳ ରେ ଜଣେ ବହୁମୁଖୀ ଉତ୍ତୀର୍ଣ୍ଣ ପ୍ରତିଭାର ମୁକ୍ତ ଉଡାଣ ଥିଲେ ଇଂ ଦତ୍ତ । ତାଙ୍କର କର୍ମ ନିଷ୍ଠା, ନିର୍ଭୀକ କର୍ମ ସମ୍ପାଦନ, ଦାୟିତ୍ୱ ପାଳନର ଆନ୍ତରିକତା ଏବଂ ସ୍ୱାଧୀନ ଚିନ୍ତାର ଜଣେ ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା ଭାବେ ସ୍ୱୀକୃତି ମିଳିଥିଲା ତାଙ୍କୁ ।

ସେ ଥିଲେ ମଣିଷର ମଣିଷ ପଣିଆ, ସାଧୁତା ଓ ସାଂସ୍କୃତିକ ମୂଲ୍ୟବୋଧର ଜୀବନ ଯଜ୍ଞ ।

ଯେଉଁମାନେ ଇଂ ପ୍ରଶାନ୍ତ କୁମାର ଦତ୍ତ ଙ୍କୁ କେବଳ ଇଂଜିନିୟର ଭାବେ ବିବେଚନା କରନ୍ତି, ସେମାନେ ତାଙ୍କ ପ୍ରତିଭାର ଅସଲ ସ୍ୱରୂପକୁ ଆକଳନ କରି ପାରନ୍ତି ନାହିଁ । ସେ ଥିଲେ ଏକ ଧାରାରେ ଜଣେ ନାଟ୍ୟକାର, ଅଭିନେତା, କଳା ଓ ସଂସ୍କୃତିର ଉପାସକ, ମାନବ ପ୍ରେମୀ ଏବଂ କଥା ଓ କବିତାର ଜଣେ ବହୁଚର୍ଚ୍ଚିତ ମଗ୍ନ ସାଧକ । ଜୀବନକୁ ସେ କେବଳ ବୃତ୍ତିଗତ ଶୃଙ୍ଖଳ ଭିତରେ ଆବଦ୍ଧ କରିନଥିଲେ, ବରଂ ଏକ ବୃହତ୍ତର ପରିଧିରେ ଜୀବନର ସ୍ୱାଦୁ ଆସ୍ୱାଦନ କରୁଥିଲେ। ଇଂଜିନିୟରିଂ ବୃତ୍ତିରେ ଥାଇବି ସାରସ୍ୱତ ସାଧନା କ୍ଷେତ୍ରରେ ଜଣେ ଆଗ ଧାଡ଼ିର ଉପାସକ ଥିଲେ ।

ଏଇମିତି ଜଣେ ଶ୍ରଦ୍ଧାଶୀଳ ମଣିଷଙ୍କ ସହ ମୋର ସାକ୍ଷାତ ହୁଏ ୧୯୯୬ ମସିହା ତତ୍କାଳୀନ ଦୈନିକ ସମ୍ବାଦ ପତ୍ର 'ରାଷ୍ଟ୍ରଦୂତ'ର ରଜତ ଜୟନ୍ତୀ ସମାରୋହରେ । ସମାଲୋଚନା ସାହିତ୍ୟ ର ସମ୍ବର୍ଦ୍ଧିତ ହୋଇ ମଞ୍ଚ ତଳକୁ ଓହ୍ଲାଇବା ସମୟରେ କେହି ଜଣେ ଅଜଣା ବ୍ୟକ୍ତି ମୋ କାନ୍ଧରେ ହାତ ରଖିଥିବାର ଅନୁଭବ କଲି ।

ପଛକୁ ଫେରି ଦେଖିଲି ହାତରେ ଗୋଟେ କଳା ରଙ୍ଗର ବ୍ୟାଗ, ଆଖିରେ ଲେନ୍ସ, ପାନଖିଆ ଓଠ, ସାର୍ଟପକେଟରେ ତିନି ରଙ୍ଗର କଲମ ଏବଂ ଜବରଦସ୍ତ ନିଶ ରଖିଥିବା ବ୍ୟକ୍ତିଙ୍କୁ । ଓଠରେ ଥିଲା ତାଙ୍କର ଏକ ଅମୃତ ହସ । ସେ ହସରେ ସତେ ଯେମିତି ପୂରି ରହିଥିଲା ଏକ ବିଶ୍ୱାସର ବିଶ୍ୱ । ହଠାତ ସେ କହି ଉଠିଥିଲେ - ରାଷ୍ଟ୍ରଦୂତ ଜଣେ ସଫଳ ଯୁବକଙ୍କୁ ସମ୍ମାନିତ କରି ଅନ୍ୟମାନଙ୍କର ପ୍ରେରଣା ହୋଇ ଯାଇଛନ୍ତି ।

ମୁଁ ତାଙ୍କର ଏଇ ପଦକ କଥାରେ କାହିଁକି କେଜାଣି ଭାବ ବିହ୍ୱଳ ହୋଇ ଯାଇଥିଲି ।

ପରବର୍ତ୍ତୀ ସମୟରେ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ ତାଙ୍କ ସହ ମୋର ପରିଚୟ କରାଇ ଦିଅନ୍ତି । ଅଧିକାଂଶ ସମୟରେ ମୋର ଦେଖା ହୁଏ ସେଇ ରାଷ୍ଟ୍ରଦୂତ କାର୍ଯ୍ୟାଳୟରେ । ତାଙ୍କ ସହ ମୋର ସମ୍ପର୍କ ଏତେ ନିବିଡ଼ ହୋଇ ଯାଇଥିଲା ଯେ, ଏକ ପାରିବାରିକ ଆବେଗ ସୃଷ୍ଟି ହୋଇ ଥିଲା । ଗପ କିମ୍ବା କବିତା ଟିଏ ଲେଖିଲେ ମୋତେ ଶୁଣାଇଥାନ୍ତି । ମୁଁ ବି ଖୁବ୍ ଆଗ୍ରହରେ ଶୁଣେ । ତାଙ୍କ ପାଖରେ କେମିତି ଗୋଟେ ଅପଣାପଣ ବାରିହୋଇ ପଡୁଥାଏ।

ଉତ୍ତର ଓଡିଶା ସାହିତ୍ୟ ସମ୍ମେଳନରେ ଉତ୍ସବ ମାନଙ୍କରେ ରାୟଶ୍ରୀ ଉପେନ୍ଦ୍ର ନାୟକଙ୍କ ସହ ମୁ ଏବଂ ଇଂ ପ୍ରଶାନ୍ତ ଦତ୍ତବାହାର ଜିଲ୍ଲାକୁ ଅନେକ ସମୟ ରେ ଯାଇଛୁ। ଏକାଠି ଏକତ୍ରିତ ହୋଇଛୁ। ସାହିତ୍ୟର ବିକାଶ ପାଇଁ ମଧ ଚର୍ଚ୍ଚା କରିଛୁ । ସେ କେବଳ ଉତ୍ତର ଓଡିଶା ସାହିତ୍ୟ ସଂସ୍କୃତି ସମ୍ମେଳନ ନୁହେଁ, ବରଂ ବହୁ ସାରସ୍ୱତ ଅନୁଷ୍ଠାନ ସହ ସଂପର୍କ ରଖିଥିଲେ ଓ ଆଜୀବନ ସଦସ୍ୟ ବି ଥିଲେ । ଗୋଟିଏ ହାତରେ କରଣୀ ଓ ଅନ୍ୟ ହାତରେ ଲେଖନୀ ଧରି ମୂର୍ତ୍ତିମାନ ସୃଷ୍ଟି ର ପରିଚର୍ଯ୍ୟା କରୁଥିବା ଜଣେ ଉଦାର ସୃଜନ ଶିଳ୍ପୀ ଥିଲେ ସେ । ଋତୁରାଜ ବସନ୍ତ ଓ ଅନ୍ୟାନ୍ୟ ଗଳ୍ପ (ଅନୁବାଦ ଗଳ୍ପସଂକଳନ, (୨୦୦୧), ଏକାକୀ ଅଶ୍ୱାରୋହୀ ଗଳ୍ପ ସଂକଳନ (୨୦୦୯), ଆଲୋକ ବୃତ୍ତ ର ବାହାରେ ଗଳ୍ପ ସଂକଳନ (୨୦୧୦), ଜୀବନର ସ୍ୱର(କବିତା ସଂକଳନ)୨୦୧୪ ଭାରତ ଭ୍ରମଣ ଡାଏରୀ (୨୦୧୫) ତାଙ୍କ ସର୍ଜନାର ଗୋଟେ ଗୋଟେ କ୍ରାନ୍ତିକାରୀ ସୃଷ୍ଟି । କଥା ଓ କବିତାର ଜଣେ ନାନ୍ଦନିକ ସୌଦାଗର । ଅନୁବାଦ ସାହିତ୍ୟର ଜଣେ ଅମ୍ଳାନ ସ୍ୱାକ୍ଷର। ବୟସର ଅପରାହ୍ନରେ ବି ରୋମାଣ୍ଟିକ କବିତାର ଶବ୍ଦ ପରସୁ ଥିଲେ ଆମକୁ । ଇଟା, ବାଲି, ସିମେଣ୍ଟରୁ ବି ରସ ବର୍ଷା ସୃଷ୍ଟି କରି ପାରୁଥିଲେ । ଏଇମିତି ଜଣେ ଉତ୍ତୁଙ୍ଗ ପ୍ରତିଭା କେବଳ ବାଲେଶ୍ୱର ପାଇଁ ନୁହେଁ ସମଗ୍ର ଓଡିଶା ପାଇଁ ଥିଲେ ଗର୍ବ ଓ ଗୌରବ ।

୧୮୫୨ ମସିହା ରେ କୁଇନ ମିଶନ ହାଇସ୍କୁଲ ବ୍ରହ୍ମପୁରରେ ଅଷ୍ଟମ ଶ୍ରେଣରେ ଯେତେବେଳେ ସେ ଛାତ୍ର ଥିଲେ, ସେତେବେଳେ ହାତଲେଖା ପତ୍ରିକା 'ଜାଗରଣ'ରେ ପ୍ରଥମ କବିତା 'ଜୀବନ ପ୍ରଭାତ 'ପ୍ରକାଶିତ ହୋଇ ସଭିଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ୧୯୫୪ରେ ଯାଜପୁର ହାଇସ୍କୁଲରେ ଦଶମ ଶ୍ରେଣୀର ଛାତ୍ର ଥିବାବେଳେ ହାତଲେଖା ପତ୍ରିକା 'କାବ୍ୟତାରା'ର ସମ୍ପାଦନା କରି ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କର ପ୍ରିୟଭାଜନ ହୋଇ ପାରିଥିଲେ । ୧୯୫୮ରେ ଓଡିଶା ସ୍କୁଲ ଅଫ ଇଂଜିନିୟରିଂ ,ପ୍ରିନ୍ସ ଓଲସ ହଷ୍ଟେଲ ମୁଖପତ୍ର 'ଜୟନ୍ତୀ' ପତ୍ରିକାର ସମ୍ପାଦନା ସହ ପ୍ରଥମ ଛପା ଅକ୍ଷର ଗଳ୍ପ 'ବିଷ କନ୍ୟା' ପ୍ରକାଶ ପାଇ ସଭିଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ୧୯୫୫ରେ ବିଦେଶୀ କଥା ସାହିତ୍ୟିକ ଆରନେଷ୍ଟ ହେମିଓଙ୍କ 'ଗ୍ୟାସ ଆଲୁଅରେ'ଗଳ୍ପ ଓଡ଼ିଆ ଅନୁବାଦ କରି ଥିଲେ । ଯାହା ସେଇବର୍ଷ 'ଡଗର'ରେ ପ୍ରକାଶ ପାଇଥିଲା ଠିକ ସେହିପରି ୧୯୬୨ରେ ପ୍ରଥମ ସାର୍ବଜନୀନ ଗଳ୍ପ 'ପାନ' ଡଗର ଭଳି ଆଗଧାଡ଼ିର ପତ୍ରିକାରେ ପ୍ରକାଶ ପାଇ ସମଗ୍ର ରାଜ୍ୟର ପାଠକ ମାନଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ ସେ । ୨୦୦୩ରେ ବାଲେଶ୍ୱର ଜିଲ୍ଲା ଅବସର ପ୍ରାପ୍ତ କର୍ମଚାରୀ ସଂଘର ମୁଖପତ୍ର 'ଉତ୍ତରାୟଣ'ର ସମ୍ପାଦନା କରି ନିଜ ସୃଜନଶୀଳ ଚେତନାର ପରିଚୟ ଦେଇ ପାରିଥିଲେ । ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ 'ଅର୍ପଣ' ପତ୍ରିକାର ସୌଜନ୍ୟ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ଥିଲେ ।

ଏତତ୍ ବ୍ୟତୀତ ଜଣେ ସଫଳ ଅଭିନେତା ଭାବେ ତାଙ୍କର ଖ୍ୟାତି ଓ ବ୍ୟାପ୍ତି ଥିଲା । ଲାଲ ଚାବୁକ , ନଷ୍ଟ ଉର୍ବଶୀ, ଭଗାରୀ, ମୂଲିଆ, ଶଙ୍ଖାଳି ,ଅଶାନ୍ତ ଗ୍ରହ ଆଦି ନାଟକରେ ମୁହଁ ରେ ରଙ୍ଗ ବୋଳି ଅଭିନୟ କରିଥଲେ । କେବଳ ଅଭିନୟ ନୁହେଁ କଳାଚିତ୍ର ଅଙ୍କନ କରିବାରେ ସେ ଥିଲେ ସିଦ୍ଧହସ୍ତ । ତାଙ୍କର ଦ୍ୱାରା ଅଙ୍କିତ କେତେକ ପେନ୍ସିଲ ଆର୍ଟ ବି ତାଙ୍କ ନିଜସ୍ୱ ଡ୍ରଇଂ ରୁମ ର କାନ୍ଥରେ ଝୁଲୁଛି । ଏବେ ବି ମୃତ୍ୟୁ ହେବାର ବୋଧହୁଏ ଦଶ ପନ୍ଦର ଦିନ ପୂର୍ବରୁ ମୋ ସହ ଦେଖା ହୋଇଥିଲା । କିଛି ସମୟ ତାଙ୍କ ସହ କଥାବାର୍ତ୍ତା କରୁଥିବା ସମୟରେ ହଠାତ ଘର ଭିତରକୁ ଗଲେ । ପାଞ୍ଚ ମିନିଟ ପରେ ଆସି ମୋ ହାତକୁ କାଗଜଟିଏ ବଢ଼ାଇ ଦେଲେ । ଅତି ଆଗ୍ରହରେ ସେଇଟିକୁ ଦେଖିଲି । ତାହା ଥିଲା ତାଙ୍କର ଏକ ପରିଚିତି ପୃଷ୍ଠା । ମୁଁ କହିଲି -ଏହାକୁ ନେଇ ମୁଁ କଣ କରିବି ? ସେ କେମିତି ଏକ ଭାବ ବିହ୍ୱଳ ଭାବେ କହିଲେ- 'ରାଧା, ଆଜି ମୁ ଅଛି। କାଲି ହୁଏତ ନ ଥିବି । ଏଇଟି ତମ ପାଖରେ ଥାଉ। ମୋ ପାଇଁ ତ କିଛି ଲେଖିବ! 'ସେତେବେଳେ ମୁଁ ଅନ୍ୟମନସ୍କ ହୋଇ ପଡୁଥିଲି । ତାଙ୍କର ଏଇ କଥା ପଦକ ଆଜି ମୋତେ ବାରମ୍ବାର କରୁଛି ଆନ୍ଦୋଳିତ । ବ୍ୟସ୍ତ ଓ ବିବ୍ରତ ।

ଏଇମିତି ଜଣେ ଅନନ୍ୟ ବ୍ୟକ୍ତି ଆମଠାରୁ ଯେ ଦୂରେଇ ଯିବେ , ଏକଥା ବିଶ୍ୱାସ ହେଉନାହିଁ । ତାଙ୍କ ଘର ଦେଇ ଯିବାବେଳେ ପ୍ରତି ମୁହୂର୍ତ୍ତରେ ତାଙ୍କର ଆତିଥ୍ୟତା ଏବେବି ମନରେ ଗୋଟେ ନିବିଡ଼ ଭଲ ପାଇବାର ନିରୋଳା ଆବେଗ ସୃଷ୍ଟି କରି ଚାଲିଛି ।

ଜଣେ ବାସ୍ତବତାର ରୂପକାର ଥିଲେ ସେ । ସେଇଥିପାଇଁ ତ ସେ ଲେଖିଛନ୍ତି-'ଜନ୍ମ ଦେଖିଲି, ମୃତ୍ୟୁ ଦେଖିଲି, ହରଷ କୋହ ହୃଦୟ ଭରେ/ ଆସନା ଆଉ ଜନ୍ମ ଦିନ, ଆସନା ତୁମେ ବରଷେ ଥରେ। 'ବୋଧହୁଏ କବି ଦତ୍ତ 'ଦେହ' କବିତାରେ ମୃତ୍ୟୁକୁ ଖୁବ ପାଖରୁ ଦେଖିଛନ୍ତି ଠିକ ଏହିପରି- 'ପାହାଡ଼ କୋଳେ ଚାନ୍ଦ ଢଳେ/ ଦେହଟି ଢଳେ ମୃତ୍ୟୁ କୋଳେ।' ତାଙ୍କ ସମ୍ପର୍କରେ ଯେତିକି ବର୍ଣ୍ଣନା କଲେବି ଶବ୍ଦର ଅକୁଳାଣ ହେବ। ଏବେ ସେ ପାଲଟି ଯାଇଛନ୍ତି ଶେଷ ଶୀତର ଡାଏରୀ, ଯେଉଁଠି ରହିଛି ଛନ୍ଦ ପତନର ଅବରୁଦ୍ଧ ଅଭିମନ୍ୟୁ ଭଳି ଜଟିଳ ଭଗ୍ନାଂଶ। ସେଇଥିପାଇଁ ତ ଆଲୋକ ବୃତ୍ତର ବାହାରେ ସେ ଏକା ଏକା ଅଶ୍ୱାରୋହୀ ଭଳି ଅତ୍ୟନ୍ତ ଜରୁରୀ /ଏକାନ୍ତ ଗୋପନୀୟ ଭାବେ ବାହୁଡ଼ି ଯାଇଛନ୍ତି ।

ବାସ୍ତବରେ ସେ ଥିଲେ ଆମ ସଭିଙ୍କର ଅତି ପ୍ରିୟ ମଣିଷ । ତାଙ୍କ ଲେଖାରେ ତୁଚ୍ଛା ଭୋଜବାଦୀ ଦର୍ଶନ ନ ରହି ରହିଛି ମଣିଷର ନିତ୍ୟ କାଳର ବାଣୀ । ଆକାଶର ଜହ୍ନ ପୂର୍ଣ୍ଣମୀ ତିଥିରେ ନିର୍ମଳ ଜଳରେ ପଡିଲେ ଯେମିତି ଦେଖାଯାଏ,ଠିକ ସେହିପରି ତାଙ୍କର ସମଗ୍ର ସର୍ଜନା। ଆଲୋକ ବୃତ୍ତର ବାହାରେ ରହିବି ସେ ଆମ ପାଇଁ ପ୍ରେରଣାର ପ୍ରେରକ, ବିଶେଷଣର ବିଶେଷଣ , ଶବ୍ଦର ମନ୍ତ୍ରିତ ସ୍ପନ୍ଦନ।

ସାଧାରଣ ସମ୍ପାଦକ
ବାଲେଶ୍ୱର ସାହିତ୍ୟ
ସଂସ୍କୃତି -କଳା -ପରିଷଦ
ସଲଟ ରୋଡ଼,
କାଦ୍ରାବାଦ, ସୁନହଟ,
ବାଲେଶ୍ୱର-୨
ମୋ: ୯୪୩୮୨୯୦୦୭୨



## ସ୍ନେହ ଛଳଛଳ, ମୁରବିପଣିଆର ସ୍ପଷ୍ଟବାଦୀ ସାରସ୍ୱତ ସାଧକ : ଇଂ. ପ୍ରଶାନ୍ତ କୁମାର ଦତ୍ତ

କାଳୀପଦ ପଣ୍ଡା

ଜନ୍ମ ସହ ମୃତ୍ୟୁ, ଏ ତ ଚିରନ୍ତନ । ସୃଷ୍ଟି ପରେ ବିଲୟ । ଚିରସ୍ଥାୟୀ ବା ଅମରତ୍ୱ ଜୀବଜଗତକୁ ସ୍ରଷ୍ଟା ଦେଇ ନାହାନ୍ତି । ପ୍ରତ୍ୟେକଟି ଆରମ୍ଭର ପରିସମାପ୍ତି ସୁନିଶ୍ଚିତ । ଜୀବ ଦିନେ ଯିବ । ତେବେ ଏହି ଯିବାର ସମୟ ସଭିଙ୍କ ପାଇଁ ସମାନ ହୋଇ ନ ଥାଏ । କିଏ ବାଲ୍ୟଜୀବନରେ ତ କିଏ ପୁଣି କିଶୋର, ପୁଣି କିଏ ଯୁବାବସ୍ଥାରେ । ଏହା ବିଧି ନିର୍ଦ୍ଦିଷ୍ଟ । ମନୁଷ୍ୟ ଏ ଯାବତ୍ ଏହି କିମାଶ୍ଚର୍ଯ୍ୟ ମଧ୍ୟରେ ସେହି ମୃତ୍ୟୁରୂପି ଧ୍ରୁବସତ୍ୟର ରହସ୍ୟକୁ ଉଦ୍‌ଘାଟନ କରିପାରିନାହିଁ । ତେବେ ଜୀବନର ଯେଉଁ ଚ୍ଚରିଗୋଟି ମୁଖ୍ୟ ଅବସ୍ଥା ଧାର୍ଯ୍ୟ ହୋଇଛି, ସେ ଚ୍ଚରିଗୋଟି ଅବସ୍ଥାକୁ ଯେଉଁ ବ୍ୟକ୍ତି ଉପନୀତ ହୋଇଯାଏ ସେ ପୂର୍ଣ୍ଣାଙ୍ଗ ଜୀବନଲାଭ କଲା ବୋଲି ବିବେଚନା କରାଯାଏ । ସେହି କ୍ରମରେ ଦେଖିଲେ ଇ. ପ୍ରଶାନ୍ତ କୁମାର ଦତ୍ତ, ଯେ କି ବାଲେଶ୍ୱର ଜନଜୀବନରେ ଖୁବ୍ ଜଣାଶୁଣା ଓ ପ୍ରତିଷ୍ଠିତ ବ୍ୟକ୍ତି ଭାବେ ଅନେକଙ୍କର ଆଦର ଅଭ୍ୟର୍ଥନାର ଅଧିକାରୀ ଥିଲେ, ସେ ପରିଣତ ବୟସ (୮୨ ବର୍ଷ)ରେ ଇହଧାମ ତ୍ୟାଗ କଲେ ଗତ ତା.୧୩/୦୧/୨୦୨୨ରିଖ ମଧ୍ୟରାତ୍ରରେ, ଯେଉଁଦିନ କି ବ୍ୟାସକବି ଫକୀରମୋହନଙ୍କ ଜନ୍ମଦିନ । ଏକ ସ୍ମରଣୀୟ ଦିନରେ ସେ ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କରି ଆତ୍ମ ସ୍ମୃତିଦର୍ପଣରେ ଚିର ଜାଜ୍ୱଲ୍ୟମାନ ହୋଇଗଲେ । ବାର୍ଦ୍ଧକ୍ୟରେ ଉପନୀତ ହୋଇଥିଲେ ବି ଖୁବ୍ ଚଳଚଞ୍ଚଳ ଥିଲେ । କିଛିବର୍ଷ ପୂର୍ବେ ହୃଦ୍‌ଘାତର ଶିକାର ହୋଇ ପେସ୍‌ମେକର ସହ ଜୀବନ ଜୀଇଁ ଚ୍ଚଲିଥିଲେ । ମୋ ମତରେ ଇ. ଦତ୍ତ ପୂର୍ଣ୍ଣାଙ୍ଗ ଜୀବନ ଲଭି ବାହୁଡ଼ିଗଲେ । ଆମେ ଆତ୍ମୀୟସ୍ୱଜନ, ପରିବାରବର୍ଗ, ବନ୍ଧୁବାନ୍ଧବ, ଘରର କୌଣସି ସଦସ୍ୟଙ୍କ ଅବର୍ତ୍ତମାନ ହେଲେ ଝୁରିହେବାକୁ ବାଧ୍ୟ । କାରଣ ସେହି ବ୍ୟକ୍ତିର ସ୍ଥାନ ସବୁବେଳେ ଅପୂରଣୀୟ ।

ଇ. ଦତ୍ତଙ୍କ ସହ ମୋର ସଂପର୍କ ସ୍ଥାପନ ଠାରୁ ପ୍ରାୟ ଦୀର୍ଘ ୨୦ବର୍ଷ ତାହା ଅକ୍ଷୁର୍ଣ୍ଣ ରହି ଆସିଥିଲା । ଏହି ଦୁଇ ଦଶନ୍ଧିର ଥାକଥାକ ସ୍ମୃତିକୁ ଲେଖିବସିଲେ ଗୋଟିଏ ପୁସ୍ତକ ହେବ । ସାରସ୍ୱତ ବନ୍ଧୁତାର ସୂତ୍ରପାତ ହେବାପରେ ତାହା କ୍ରମଶଃ ବ୍ୟକ୍ତିଗତ ବନ୍ଧୁତାକୁ ଉନ୍ନୀତ ହୋଇଥିଲା । ଜଣେ ପିତୃତୁଲ୍ୟ ଅଗ୍ରଜ ଭାବେ ସେ ତାଙ୍କର ସ୍ନେହ ଛଳଛଳ ସାନ୍ନିଧ୍ୟରେ ମୋତେ ଯେଭଳି ଋଣୀ କରିଛନ୍ତି ତାହା ଜୀବନ ଅବଧି ମୁଁ ଭୁଲିପାରିବି ନାହିଁ । ମୋର ବ୍ୟକ୍ତିଗତ ଓ ପାରିବାରିକ ଜୀବନ ପାଇଁ ଅନେକ ମାର୍ଗଦର୍ଶନ କରୁଥିଲେ । ଯଦିଓ ପରିଚୟ ୨୦୦୦ ମସିହାରୁ ହୋଇଥିଲା, ମାତ୍ର ୨୦୦୩ ମସିହାରେ ଲେଖକ ସାମ୍ମୁଖ୍ୟ ଓଡ଼ିଶାର ବିଂଶତମ ସାହିତ୍ୟୋତ୍ସବ ଆୟୋଜନ ସମୟରୁ ମୁଁ ବାଲେଶ୍ୱର ଠାରେ ସ୍ଥାୟୀ ଭାବେ ରହିବା ଆରମ୍ଭ କଲି । ସେହିଦିନରୁ ପ୍ରାୟ ପ୍ରତ୍ୟହ ସଂଧ୍ୟାକୁ ବ୍ରଜନାଥ ରଥଙ୍କ ବିଶ୍ୱଶ୍ରୀ ପ୍ରେସ୍‌ରେ ଆମର ଏକତ୍ରିକରଣ । କବି ବ୍ରଜନାଥଙ୍କୁ ଘେରି ଆମର ଆସର । ସେ ଘରୁ ଆସିଲାବେଳେ ତାଙ୍କ ଘର ପାଖରୁ କିଛି ଗରମ ଛଣା ଧରି ପହଞ୍ଚିଯାଆନ୍ତି । ମୁଢ଼ିର ଆସର ଜମେ । ଢିଙ୍କିଶାଳରୁ ଢେଙ୍କାନାଳ ଯାଏ ଭଳି ସାହିତ୍ୟରୁ ଆରମ୍ଭ ହୋଇ ରାଜନୀତି ଯାଏଁ ଚର୍ଚ୍ଚାରେ ଅନେକ ସମୟ କଟେ । ସେ ତାଙ୍କ କବିତା, ଗଳ୍ପ ମଝିରେ ମଝିରେ ଶୁଣାନ୍ତି । ସୁବର୍ଣ୍ଣଶ୍ରୀ ପକ୍ଷରୁ ସେତେବେଳେ ପ୍ରତିମାସରେ ଏକ ମାସିକ ସାହିତ୍ୟ ଆସରର ପରିକଳ୍ପନା କରାଯାଇଥିଲା, ଯେଉଁଥିରେ ତାଙ୍କର ପୃଷ୍ଠପୋଷକତା କେବେ ଭୁଲିବାର ନୁହେଁ । ତାଙ୍କ ଭାରତ ଭ୍ରମଣ ଡାଏରୀ ପୁସ୍ତକର ହାତଲେଖା ପାଣ୍ଡୁଲିପିକୁ ତିନିଥର ଡିଟିପି କରି ଆବଶ୍ୟକୀୟ ସଂଶୋଧନ କରାଇଥିଲି । ଯାହାର ଡିଟିପି ଏବେ ବି ମୋ ଠାରେ ସଂରକ୍ଷିତ । ଏହି ପୁସ୍ତକର ପରିକଳ୍ପନା ହୋଇଥିଲା ଆମ ସାହିତ୍ୟପତ୍ରିକା 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ'ର ଭ୍ରମଣକଥା ବିଶେଷାଙ୍କର ପ୍ରକାଶନ ସମୟରୁ । ସେଥିରେ ୧୦୦ଜଣ ଲେଖକ ନିଜ ନିଜର ଅଭୁଲା ଭ୍ରମଣ କାହାଣୀ ଲେଖିଥିଲା ବେଳେ କବି ବ୍ରଜନାଥ କହିଥିଲେ - ପ୍ରଶାନ୍ତ ତୁମେ ଏତେଆଡ଼େ ବୁଲିଛ, ଯେଉଁ ସ୍ଥାନଟି ସବୁଠୁ ଭଲ ଲାଗିଛି, ସେ ସ୍ଥାନ ବିଷୟରେ ଲେଖ । ଇ. ଦତ୍ତ ଗୋଆ ଭ୍ରମଣର ଅନୁଭୂତିକୁ ଯେଉଁଭଳି ଭାବେ ମର୍ମସ୍ପର୍ଶୀ ଓ ତଥ୍ୟଧର୍ମୀ ବର୍ଣ୍ଣନାରେ ରଚନା କରି ସେଇ ପତ୍ରିକାରେ ଦେଇଥିଲେ, ତାହା ଖୁବ୍ ମନଛୁଆଁ ହୋଇଥିଲା । ସେହିଠାରୁ ବ୍ରଜନାଥ ତାଙ୍କୁ ସବୁ ସ୍ଥାନର ଭ୍ରମଣ ଅନୁଭୂତିକୁ ନେଇ ଗୋଟିଏ ବହି ପ୍ରକାଶନ କର ବୋଲି କହିଥିଲେ । ଇଂ. ଦତ୍ତ ସେହିଦିନରୁ ଭାରତ ଭ୍ରମଣ ଡାଏରୀ ପୁସ୍ତକର ଯୋଜନା ଆରମ୍ଭ କଲେ ।

ପରବର୍ତ୍ତୀ ସମୟରେ ମୋର ଦୈନନ୍ଦିନ ଜୀବନର ସୁଖଦୁଃଖରେ ସେ ଭାଗୀଦାର ହୋଇଗଲେ । ବହୁବାର ତାଙ୍କ ନଳମଗଞ୍ଜ ଘରେ ଖାଇବା ଓ ରହିବା ହୋଇଛି । ଯାହାର ମୂକସାକ୍ଷୀ ଭାଉଜ । ମୋ ଗାଁ ଘରର ସ୍ଥପତି ସେ । ୨୦୧୧ ମସିହାରେ ବ୍ରଜନାଥ ରଥ ଓ ମହେଶ୍ୱର ବାଗ୍‌ଙ୍କ ସହ ମୋ ଗାଁ ସୁନାରୁଇକୁ ଯାଇ ମାତ୍ର ୨ଲକ୍ଷ ଟଙ୍କା ମଧ୍ୟରେ ଏକ ୬୦୦ ସ୍କୋୟାରଫୁଟ୍‌ର ଦୁଇ ବଖରା ପକ୍କାଘର ଅଥଚ ତିନି ମହଲାର କନଷ୍ଟ୍ରକ୍‌ସନ୍ ନିମନ୍ତେ ନକ୍ସା ପ୍ରସ୍ତୁତ କରାଇ ତାଙ୍କ ମୁଖ୍ୟମିସ୍ତ୍ରୀ ପୂର୍ଣ୍ଣଙ୍କୁ ପଠାଇ କାର୍ଯ୍ୟ ତଦାରଖ କରିଥିଲେ । ପରବର୍ତ୍ତୀ ସମୟରେ ସେହି ଘରର ଉପର ମହଲାର ଡିଜାଇନ କରି ଗତ ବିଶ୍ୱକର୍ମା ପୂଜା ପୂର୍ବରୁ ଛାତ ପକାଇଥିଲେ । ମୋ ଗାଁରେ ରହୁଥିବା ମା' ଓ ସାନଭାଇ କୁନୁ ସହ ତାଙ୍କର ଖୁବ୍ ଘନିଷ୍ଠତା ବଢ଼ି ଯାଇଥିଲା ।

ଫକୀରମୋହନ ସାହିତ୍ୟ ପରିଷଦରେ ମୁଁ ଯୁଗ୍ମ ସଂପାଦକ ଥିବାବେଳେ (୨୦୧୫ ରୁ ୨୦୧୮) ସମୟରେ ତାଙ୍କର କୋଷାଧ୍ୟକ୍ଷ ଭାବେ ପୂର୍ବରୁ ଯେଉଁ ଦୀର୍ଘବର୍ଷର ଅଭିଜ୍ଞତା ରହିଥିଲା ସେହି ଆଧାରରେ ଆମକୁ ମାର୍ଗଦର୍ଶନ କରି ବିସ୍ମିତ କରାଉଥିଲେ । ହିସାବ ନିକାଶରେ ଏତେ ସ୍ୱଚ୍ଛ ତାହା କ୍ୱଚିତ୍ ବ୍ୟକ୍ତିଙ୍କ ନିକଟରେ ଦେଖିବାକୁ ମିଳେ । ସଦାବେଳେ ମୁରବିପଣିଆରେ ଅନ୍ୟକୁ ଆଦେଶ ଓ ନିର୍ଦ୍ଦେଶ ଦେବାଭଳି କଥା କହନ୍ତି, ତାହା କିନ୍ତୁ ବେଶ୍ ସ୍ନେହ ଦରଦଭରା ଆତ୍ମୀୟତାପୂର୍ଣ୍ଣ । ଭାରି କୌତୁକିଆ ଢଙ୍ଗରେ କଥା ହୁଅନ୍ତି । ପୂର୍ତ୍ତ ବିଭାଗର ଜଣେ ଯନ୍ତ୍ରୀ ଭାବେ ବସ୍ତା-ବାଲିଆପାଳରେ କାର୍ଯ୍ୟ କରିଥିବାରୁ ଆମ ଅଞ୍ଚଳର ଅନେକ ଗାଁର ଚିତ୍ର ତାଙ୍କ ଆଖି ଆଗରେ ଭାସିଆସେ । ଏଣୁ ମୋ ଘର ବାଲିଆପାଳ ଅଞ୍ଚଳ ହୋଇଥିବାରୁ, ବିଶେଷତଃ ମାନ୍ଧାତା ନିକଟସ୍ଥ ପାର୍ବତୀ ପୋଲ ତାଙ୍କ ସମୟରେ ନିର୍ମାଣ ହୋଇଥିବାର କଥାକୁ କହି ସେ ଖୁବ୍ ଭାବାବେଗ ହୋଇପଡୁଥିଲେ । ସେତେବେଳର ସାଂସଦ ଚିନ୍ତାମଣି ଜେନାଙ୍କ କଥା ବେଶି ବଖାଣିଥାନ୍ତି । ସେ ତାଙ୍କର ଖୁବ୍ ପ୍ରିୟଭାଜନ ଥିଲେ । ରାଷ୍ଟ୍ରଦୂତ, କାଳାନ୍ତର, ଧ୍ୱନିପ୍ରତିଧ୍ୱନି, ଅନୁଧ୍ୟାନ, ସୁବର୍ଣ୍ଣଶ୍ରୀ ଆଦି ପତ୍ରପତ୍ରିକାରେ ନିୟମିତ ବିବିଧ ଲେଖା ଲେଖୁଥିଲେ । ଗଳ୍ପ, କବିତା, ଭ୍ରମଣ କାହାଣୀ ଓ ଅନୁବାଦ ଭଳି କ୍ଷେତ୍ରରେ ନିଜର ସ୍ୱାକ୍ଷର ରଖିଥିଲା ବେଳେ ଜଣେ ସଂଗ୍ରାହକ ଭାବେ ଅନେକ ଦୁର୍ଲଭ ପତ୍ରପତ୍ରିକା ଓ ପୁସ୍ତକ ସାଇତି ରଖିଛନ୍ତି । ବଙ୍ଗଳା ସାହିତ୍ୟରେ ଗଭୀର ପ୍ରବେଶ ଥିଲା । ରବୀନ୍ଦ୍ରନାଥଙ୍କ ଠାରୁ ଅନେକ ପ୍ରତିଷ୍ଠିତ ବଙ୍ଗଳା ଲେଖକଙ୍କ ଲେଖା ତାଙ୍କ ମୁହଁରେ ଥିଲା । ଗତ ତା.୧୨/୧୦/୨୦୨୧ରିଖରେ ମୋର ଚତୁର୍ଥଭାଇ କୁନୁ (ସତ୍ୟପଦ, ଯିଏ କି ୩୪ବର୍ଷ)ର ଆକସ୍ମିକ ମୃତ୍ୟୁରେ ଭୋ ଭୋ କାନ୍ଦିଥିଲେ । ସେହି ପତ୍ରିକାରେ କୁନୁ ପାଇଁ ଯେଉଁ ଲେଖା ଲେଖିଥିଲେ ତାହା ତାଙ୍କ ଜୀବନର ଶେଷ ଲେଖା ହୋଇଗଲା । ନଭେମ୍ବର ୭ ତାରିଖ ଫକୀରମୋହନ ସାହିତ୍ୟ ପରିଷଦେ ନିର୍ବାଚନ ଦିନ ମୋତେ କୁଣ୍ଢାଇ ଅନେକ କାନ୍ଦିଥିଲେ । ଆଶା ରଖିଥିଲେ ପରିଷଦରେ ଜୟଯୁକ୍ତ ହୋଇ କିଛି ସଂସ୍କାର ମୁଁ ଆଣିବି । ମାତ୍ର ଫଳ ଓଲଟା ହେଲା, ସେଥିରେ ସେ ମୋତେ ଖୁବ୍ ସାନ୍ତ୍ୱନା ଦେଇଥିଲେ । ତାଙ୍କ ଜୀବନର ଏକ ଅବସୋସକୁ ସେ ବଖାଣି ଥିଲେ । ପରିଷଦ ମୋତେ ପରିଷଦ ଗୌରବ ଦେଲା ସିନା ହେଲେ ଲେଖକ ଭାବେ ତ ପୁରସ୍କୃତ କଲାନାହିଁ । ତାଙ୍କର ଅଭିଳାଷ ଥିଲା ମୋର ତିନିବର୍ଷର ସାହିତ୍ୟ ଏକାଡେମୀ ସଦସ୍ୟତା କାର୍ଯ୍ୟକାଳ ମଧ୍ୟରେ ତାଙ୍କ ନାମ ଓଡ଼ିଶା ସାହିତ୍ୟ ଏକାଡେମୀକୁ ଅନୁମୋଦନ ହେବ । ମୁଁ ମଧ ତାଙ୍କୁ ଅନ୍ୟତମ ସଦସ୍ୟ ଡ. ଶୁଭଶ୍ରୀ ଲେଙ୍କାକୁ କହିବାକୁ କହିଥିଲି । ଆମ୍ଭେ ଡ. ଲେଙ୍କା ଓ ମୁଁ ଉଭୟେ ମଧ ଏ ବିଷୟରେ କଥା ହୋଇଥିଲୁ । କିନ୍ତୁ କାଳ ତାଙ୍କୁ ଆମ ପକ୍ଷରୁ କିଛି କରିବାର ଉପକ୍ରମ ପୂର୍ବରୁ ଏ ଦୁନିଆରୁ ନେଇଗଲା । ରହିଗଲା ଅନେକ ଅନୁଶୋଚନା । ସବୁ ତ ସମୟରୂପି ମହାକାଳର ଖେଳ, ଆମେ ତ ନିମିତ୍ତ ମାତ୍ର । ମନୋଜ ଦାସ ଓ ବ୍ରଜନାଥ ରଥଙ୍କ ସହ ମୋର ଛିଡ଼ାହେବାର ଏକ ଫଟୋ ବନ୍ଧାଇକରି ମୋତେ ଉପହାର ଦେଇ ବିସ୍ମିତ କରିଥିଲେ । ଯାହାକୁ ମୁଁ ଚିରଦିନ ସାଇତିଛି । ଖୁବ୍ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

ସେ ଯାହାହେଉ, ଇଂ. ପ୍ରଶାନ୍ତ ଦତ୍ତଙ୍କ ଭଳି ଜଣେ ସଫଳ ପୂର୍ତ୍ତ ବିଭାଗର ଯନ୍ତ୍ରୀ, ନିରବଚ୍ଛିନ୍ନ ସାରସ୍ୱତ ସାଧକ, ଅନୁଷ୍ଠାନ ପ୍ରେମୀ, ବନ୍ଧୁବତ୍ସଳ ମଣିଷ ବାଲେଶ୍ୱର ମାଟି ପାଇଁ ବିରଳ । ଶୂନ୍ୟସ୍ଥାନ ହିଁ ଶୂନ୍ୟସ୍ଥାନ । ବାଲେଶ୍ୱର ନୃତ୍ୟସଂଗୀତ କଳାମନ୍ଦିର, ଇନ୍ଦ୍ରଧନୁ ଭଳି ଅନୁଷ୍ଠାନ ତାଙ୍କ ବିନା ଶୂନ୍ୟତାରେ ଭରିଯାଇଛି । ସେହି ପିତୃପ୍ରତିମ ମୁରବି ଜଣଙ୍କୁ ବାଲେଶ୍ୱର ମାଟି ସମେତ ମୁଁ ବ୍ୟକ୍ତିଗତ ଭାବେ ହରାଇବାର ଦୁଃଖରେ ଖୁବ୍ ଦୁଃଖୀ । ଏହି ସଂକ୍ଷିପ୍ତ ସ୍ମୃତି ଆଲେଖ୍ୟରେ ସେହି ପୁଣ୍ୟାତ୍ମାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସଦସ୍ୟ, ଓଡ଼ିଶା ସାହିତ୍ୟ
ଏକାଡେମୀ ତଥା ପ୍ରତିଷ୍ଠାତା
'ସୁବର୍ଣ୍ଣଶ୍ରୀ', ବାଲେଶ୍ୱର

# ପ୍ରଦେଶ କଂଗ୍ରେସ ପଛୁଆବର୍ଗ ବିଭାଗର ରାଜ୍ୟ କମିଟି ଗଠିତ

ଭୁବନେଶ୍ୱର ,୨୪/୧ (ନି.ପ୍ର): ରାଜ୍ୟ ପଛୁଆବର୍ଗ ବିଭାଗର ଅଧକ୍ଷ ଇଂ ଜ୍ଞାନଦେବ ବେଉରାଙ୍କ ସୁପାରିଶ କ୍ରମେ ରାଷ୍ଟ୍ରୀ ପଛୁଆବର୍ଗ ଅଧକ୍ଷ ତଥା ଛତିଶଗଡ଼ ସରକାରଙ୍କର ବରିଷ ମନ୍ତ୍ରୀ ଶ୍ରୀ ତାମ୍ରଧୋଜ ସାହୁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ଦାୟୀତ୍ୱ ପ୍ରଦାନ କରିଛନ୍ତି। ଏ ନେଇ ରାଜ୍ୟ ଅଧକ୍ଷ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଓଡ଼ିଶା ରାଜ୍ୟ ପ୍ରଭାରୀ ଡ. ଚେଲାକୁମାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ରାଜ୍ୟ ପଦାଧିକାରୀ ଉପାଧକ୍ଷ / ଭାଇସ ଚେୟାରମ୍ୟାନ ଭାବେ ବେଣୁଧର ପାତ୍ର, ସୁବାଷ ଚନ୍ଦ୍ର ବିଶ୍ୱାଳ, କ୍ୟାପଟେନ ରାଜନାରାୟଣ ମହାପାତ୍ର, ଡମ୍ବରୁ ବେହେରା, କାଶିନାଥ ରାଉତ, ଅଜିତ ଜେନା, ବୃନ୍ଦାବନ ସାହୁ ରହିଛିନ୍ତି। ସେହିପରି ଆବାହକ / କନଭେନର ଭାବେ ବିପ୍ରବର ସାହୁ, ଦେବୀ ପ୍ରସାଦ ବାହାଲିଆ, କୈଳାସ ସାହୁ, ସଂଜୟ ରାୟ, ବିଦୁ ଭୂଷଣ ମହାପାତ୍ର, ଶୁଭେନ୍ଦୁ ସାହୁ, ପଦ୍ମନ ବିଶୋଇ, ପ୍ରଶାନ୍ତ ବିଶୋଇ, ଜିତେନ୍ଦ୍ର ସାହୁ, ଜୀବନ ପ୍ରଦୀପ ଦାଶ ରହିଛନ୍ତି। ସେହିପରି ସଂଯୋଜକ ଭାବେ କୈଳାସ ଚନ୍ଦ୍ର ସାହୁ, ତ୍ରିନାଥ ସାହୁ, ବୁଦ୍ଧଦେବ ପ୍ରଧାନ, ଦିଲ୍ଲିପ ଖୁଂଟିଆ, ବସନ୍ତ ଜେନା, ଶ୍ରୀ ସଂଜୟ ପରିଡ଼ା ରହିଛନ୍ତି। ସାଗର ପରିଡ଼ା ଅଫିସ ଇନଚାର୍ଜ ରହିଥିଲା ବେଳେ ଜିଲ୍ଲା ଅଧକ୍ଷ ଭାବରେ ବାଲେଶ୍ୱର-ରବିନ୍ଦ୍ର ପ୍ରଧାନ, ଭଦ୍ରକ-ଶ୍ରୀକାନ୍ତ ଜେନା, ମୟୁରଭଞ୍ଜ- ଦିଲ୍ଲୀପ ନାୟକ, କେନ୍ଦ୍ରାପଡ଼ା- ସୁଖଦାନନ୍ଦ ପ୍ରଧାନ, କଟକ- ଅଶୋକ କୁମାର ସ୍ୱାଇଁ, କଟକ ସିଟି- ସନ୍ତୋଷ ଲେଙ୍କା, କେନ୍ଦୁଝର- ଯଦୁମଣି ବାରିକ, ସୁନ୍ଦରଗଡ଼- ଅରୁଣ କୁମାର ସାମଲ, ରାଉରକେଲା- ବୈଲୋଚନ ସାହୁ, ରାୟଗଡ଼ା, ଏଲ ସର୍ବେଶ୍ୱର ରାଓ, କୋରାପୁଟ- ବ୍ରଜନନ୍ଦ ନାଗ, ମାଲକାନଗିରୀ- ଛବି ଦାସ, ନବରଙ୍ଗପୁର- ପଦନସାହି ମାଳି, କଳାହାଣ୍ଡି- ଲିଙ୍ଗରାଜ ବେହେରା, ବରଗଡ଼- ପାଣ୍ଡବ କର୍ଣ୍ଣ, ସୁବର୍ଣ୍ଣପୁର- ପ୍ରେମାନନ୍ଦ ଜାଟୀ, ଜଗତସିଂହପୁର- ବେଣୁଧର ସ୍ୱାଇଁ, ଯାଜପୁର- ପ୍ରଶାନ୍ତ ସାହୁ, ବୌଦ୍ଧ- ଉଛେଇ ବାରିକ, ଅନୁଗୁଳ- ପ୍ରବୋଧ ସ୍ୱାଇଁ, ଢ଼େଙ୍କାନାଳ- ନିଶାକାର ସାହୁ, ଖୋର୍ଦ୍ଧା-ପ୍ରଶାନ୍ତ ବଳିଆରସିଂହ, କନ୍ଧମାଳ- ଶ୍ରୀକାନ୍ତ ଦଳ ବେହେରା, ଝାରସୁଗୁଡ଼ା - ସୁବ୍ରତ କୁମାର ପ୍ରଧାନ, ନୂଆପଡ଼ା- ହିରା ମେହେର, ସମ୍ବଲପୁର-ଜିତେନ୍ଦ୍ର ପ୍ରଧାନ, ଗଞ୍ଜାମ- ଅମିର କୁମାର ଭୂୟାଁ, ଭୁବନେଶ୍ୱର – ଶତୃଘ୍ନ ବେହେରା, ଦେଓଗଡ଼- ଦିଲେଶ୍ୱର ସାହୁ, ବଲାଙ୍ଗୀର- ଭୋଳାନାଥ ବେହେରା, ଗଜପତି- ବିଭୂତି ଭୂଷଣ ନାୟକ, ନୟାଗଡ଼- ନାରାୟଣ ସାହୁ ରହିଛନ୍ତି। ଚଳିତ ପଂଚାୟତ ନିର୍ବାଚନରେ ରାଜ୍ୟ ସରକାର ପଛୁଆବର୍ଗଙ୍କୁ ସଂରକ୍ଷଣ ବିନା ଯେଉଁ ଭୋଟ କରୁଛନ୍ତି ତାହା ଗଣତନ୍ତ୍ର ପରିପନ୍ଥି ତେଣୁ ଆଗାମୀ ଦିନରେ ପଛୁଆବର୍ଗର ନ୍ୟାର୍ଯ୍ୟ ଦାବି ହାସଲ କରିବାପାଇଁ ସମସ୍ତ ପଦାଧିକାରୀମାନେ କାର୍ଯ୍ୟକରିବାକୁ ରାଜ୍ୟ ପଛୁଆ ବିଭାଗ ଅଧକ୍ଷ ଜ୍ଞାନ ବେଉରା ପରାମର୍ଶ ଦେଇଛନ୍ତି।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ: ଇତିହାସର ଏହି ଦୁଇ ମହାନାୟକ ସର୍ବଦା ପ୍ରେରଣାଦାୟୀ

ଭୁବନେଶ୍ୱର ,୨୪/୧ (ନି.ପ୍ର): ଭାରତବର୍ଷର ଦୁଇ ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ବିଭାଗ ପକ୍ଷରୁ ରସୁଲଗଡ଼ ଛକଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଓ ଭିଏସ୍ଏସ୍ ନଗରସ୍ଥିତ ବୀର ସୁରେନ୍ଦ୍ରସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଦୁଇ ମହାନାୟକଙ୍କ ଜୀବନାଦର୍ଶ ଚିରକାଳ ପାଇଁ ଭାରତବାସୀଙ୍କ ପାଇଁ ପ୍ରେରଣାଦାୟୀ ଏବଂ ପ୍ରାତଃସ୍ମରଣୀୟ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ନେତାଜୀଙ୍କ ସ୍ମୃତିଚାରଣ କରି ଅତିଥିମାନେ କହିଥିଲେ ଯେ ଭାରତ ସ୍ୱାଧୀନତା ସଂଗ୍ରାମର ସୁଦୀର୍ଘ ଇତିହାସରେ ଥିଲେ ଜଣେ ସଂକଳ୍ପବଦ୍ଧ, ସ୍ଥିର, ଅବିଚଳିତ ଏବଂ ଅମ୍ରପ୍ରତ୍ୟୟୀ ଯାତ୍ରୀ ସୁଭାଷ ବୋଷ। ଦେଶକୁ ସ୍ୱାଧୀନ କରିବାକୁ ନେତାଜୀଙ୍କର ଥିଲା ସ୍ୱତନ୍ତ୍ର ରଣନୀତି। ତାଙ୍କ ନେତୃତ୍ୱରେ ଗଢ଼ି ଉଠିଥିଲା 'ଆଜାଦ ହିନ୍ଦ୍ ଫୌଜ'। ମାତୃଭୂମିର କଲ୍ୟାଣ ସାଧନ ପାଇଁ ନେତାଜୀ କେତେଥର ଯେ ନିଜର ଜୀବନକୁ ମୃତ୍ୟୁର ଅର୍ଗଳ ମଧ୍ୟକୁ ଠେଲି ଦେଇଛନ୍ତି, ଇତିହାସ ତାକୁ ହିସାବ ରଖିବାରେ ଅସମର୍ଥ ହୋଇଛି। ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ଉଦ୍ଦେଶ୍ୟରେ ଅତିଥିମାନେ କହିଥିଲେ ଯେ ଇଂରେଜମାନଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇ ସେ ଅବିଶ୍ରାନ୍ତ ସଂଗ୍ରାମ ଜାରି ରଖିଥିଲେ। ତାଙ୍କ ନିରବଛିନ୍ନ ସଂଗ୍ରାମ ଅତ୍ୟାଚାରୀ ବ୍ରିଟିସ୍ ଶାସନକୁ ଅସହାୟ କରିଦେଇଥିଲା। ଜୀବନର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସେ ପରାଧୀନତା ସ୍ୱୀକାର ନକରି ବ୍ରିଟିସ୍ ଶାସନକୁ ମୁହଁତୋଡ଼ ଜବାବ ଦେଇଥିଲେ। ବ୍ରିଟିସ୍ ସାମ୍ରାଜ୍ୟବାଦ ବିରୋଧରେ ଜଣେ ଯୋଦ୍ଧା ସଂଗ୍ରାମ କରି ଚାରି ଦଶନ୍ଧିକାଳ କାରାବରଣ କରିବା ଭାରତ ଇତିହାସରେ ବିରଳ। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗର ସଂପାଦକ ଡ. ଲେନିନ୍ ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଭିଏସ୍ଏସ୍ନଗରର ମୂଳ ସ୍ଥାୟୀ ବାସିନ୍ଦା ଆଦିତ୍ୟ ପ୍ରସାଦ ଦାସ ଏବଂ ବହୁ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ ହେବ କଂଗ୍ରେସ

ଭୁବନେଶ୍ୱର,୨୪/୧ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ବାଲିକୁଦା ଜୋନ ନଂ-୨ ଜିଲ୍ଲା ପରିଷଦ ଆସନ ଅନୁସୂଚିତ ଜାତିବର୍ଗ ପାଇଁ ସଂରକ୍ଷିତ। ଏହି ସଂରକ୍ଷିତ ଆସନରେ ଶାସକ ବିଜୁଜନତା ଦଳ ପକ୍ଷରୁ ଏକ ସାଧାରଣ ବର୍ଗର ଲୋକଙ୍କୁ ପ୍ରାର୍ଥି କରାଯାଇଛି। ଶାସକ ବିଜେଡ଼ି ତରଫରୁ ପ୍ରାର୍ଥି ହୋଇଥିବା ଜଟାଧାରୀ ଦାସଙ୍କ ଜାତି କୈବର୍ତ – ବୈଷ୍ଣବ ଯାହା ଅନୁସୂଚିତ ଜାତି ତାଲିକାରେ ନାହିଁ। କିନ୍ତୁ ଟଂଚକତା କରି ଏକ ସଂରକ୍ଷଣ ବର୍ଗର ପ୍ରାର୍ଥିଙ୍କ ଅଧିକାରକୁ ଛଡ଼ାଇ ନେବା ପାଇଁ ଶାସକ ବିଜୁ ଜନତା ଦଳର ହୀନ ଉଦ୍ୟମ ସଂପୂର୍ଣ୍ଣ ନିନ୍ଦନୀୟ। ପୁନଶ୍ଚ ପ୍ରାର୍ଥି ହୋଇଥିବା ଶ୍ରୀ ଦାସ ଆବେଦନ କରିଥିବା ଜାତି ପ୍ରମାଣ ପତ୍ରକୁ ତହସିଲଦାର ନାକଚ କରିବା ସତ୍ତ୍ୱେ ସେ ବହୁ ପୁରୁଣା ମିଥ୍ୟା ଜାତି ପ୍ରମାଣପତ୍ର ଦାଖଲ କରିଛନ୍ତି ଯାହା ଉପରେ ଦଳ ତରଫରୁ ରିଂଟର୍ଣ୍ଣି ଅଫିସରଙ୍କ ପାଖରେ ଅଭିଯୋଗ କରାଯାଇ ପ୍ରାର୍ଥିପତ୍ର ତୁରନ୍ତ ନାକଚ କରାଯିବାକୁ ଦାବି କରାଯାଇଛି। ଯଦି ରିଂଟର୍ଣ୍ଣି ଅଫିସର ପ୍ରାର୍ଥିତ୍ୱକୁ ନାକଚ ନକରନ୍ତି ଏବଂ ମିଥ୍ୟ ପ୍ରମାଣପତ୍ର ଦାଖଲ କରିଥିବା ଅଭିଯୋଗରେ ଯଦି ସଂପୃକ୍ତ ପ୍ରାର୍ଥିଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାନଯାଏ ତାହାହେଲେ ଦଳ ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହେବ ବୋଲି ଦଳ ତରଫରୁ ପ୍ରଦେଶ କଂଗ୍ରେସ କମିଟର ସାଧାରଣ ସଂପାଦକ ଡ. ଲଲାଟେନ୍ଦୁ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ବିବେକାନନ୍ଦଙ୍କ ସ୍ୱପ୍ନର ଭାରତ ପୁଣି ବିଶ୍ୱଗୁରୁର ସ୍ଥାନ ନେବ: ସ୍ୱାମୀ ସମର୍ପଣାନନ୍ଦ ଗିରି

ଭୁବନେଶ୍ୱର ,୨୪/୧ (ନି.ପ୍ର): ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବଛାତ୍ର ପରିଷଦ ଆନୁକୂଲ୍ୟରେ "ସ୍ୱାମୀ ବିବେକାନନ୍ଦ ଯୁବ ଶକ୍ତିର ପ୍ରେରଣା" ଶୀର୍ଷକରେ ଏକ ବ୍ୟାଖ୍ୟାନମାଳା ଅନୁଷ୍ଠିତ ହୋଇଯାଇଛି। ଏହି ଆଭାସୀ ବ୍ୟାଖ୍ୟାନମାଳାରେ ପ୍ରବକ୍ତା ଭାବରେ ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ୟାସୀ ତଥା ଗୋ-ସେବା ମହୋତ୍ସବ ସମିତିର ସଭାପତି ସ୍ୱାମୀ ସମର୍ପଣାନନ୍ଦ ଗିରି ତାଙ୍କ ବହୁମୂଲ୍ୟ ପ୍ରବଚନ ମାଧମରେ କହିଥିଲେ, ବିବେକାନନ୍ଦଙ୍କ ଭଳି ଭାରତର ଯୁବ ସମାଜ ହୃଦୟରେ ଦେଶପ୍ରେମ, ମମତ୍ୱଭାବ ଭରିଉଠିଲେ ଏକ ଅଭିନ୍ନ ଭାରତ ସୃଷ୍ଟି ହେବ। ଯେତେବେଳେ ଭାରତମାତା କୋଳରେ ଜାତିପ୍ରିୟ, ଧର୍ମପ୍ରିୟ, ସଂସ୍କୃତିପ୍ରିୟ ଓ ସ୍ୱାବଲମ୍ବୀ ବ୍ୟକ୍ତିଟିଏ ଜନ୍ମ ନେବ ଭାରତ ପୁଣି ଉଠିବ। ଆମେ ବିବେକାନନ୍ଦଙ୍କ ଭଳି



ନେତୃତ୍ୱ ନେବା ସହ ଭାରତବର୍ଷର ନବୀନ ଇତିହାସ ରଚନା କରିବା। ବିବେକାନନ୍ଦଙ୍କ ସ୍ୱପ୍ନର ଭାରତ ପୁଣି ବିଶ୍ୱଗୁରୁର ସ୍ଥାନ ନେବ। ସେହିପରି ଏଥିରେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ସଂଗଠନ ସଂପାଦକ ରମାକାନ୍ତ ମହାନ୍ତ କହିଥିଲେ ବିଦ୍ୟାଳୟକୁ ଛାତ୍ରଟିଏ ବିଦ୍ୟା ଅଧ୍ୟୟନ କରିବାର ଲକ୍ଷ୍ୟ ନେଇ ପ୍ରବେଶ କରେ ଏବଂ ସମାଜସେବାର ସଂକଳ୍ପ ନେଇ ପ୍ରସ୍ଥାନ କରିଥାଏ । ଅଧୁନା ଆମର ପୂର୍ବଛାତ୍ରମାନେ ନିଜର ଆଦର୍ଶବତ୍ତା ,ଉଦାତ୍ତ ବ୍ୟକ୍ତିତ୍ୱ, କର୍ତ୍ତବ୍ୟନିଷ୍ଠା ବଳରେ ବିଶ୍ୱର ୭୫ଟି ଦେଶରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଆଜି ଲକ୍ଷାଧିକ ପୂର୍ବଛାତ୍ର ସମାଜର ନେତୃତ୍ୱ ନେଲେଣି। ବିଦ୍ୟାଭାରତୀର ପୂର୍ବଛାତ୍ର ବିଶ୍ୱର ସର୍ବ ବୃହତ ପୂର୍ବଛାତ୍ର ସଂଗଠନ ଭାବେ ଗୌରବ ବହନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବଛାତ୍ର ପରିଷଦର ପ୍ରାନ୍ତ ପ୍ରଭାରୀ ତଥା ଶିକ୍ଷା ବିକାଶ ସମିତି, ଓଡ଼ିଶାର କୋଷାଧକ୍ଷ ସତ୍ୟନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୂର୍ବଛାତ୍ର ପରିଷଦର ଅଧକ୍ଷ ଡକ୍ଟର କୁମାରେଶ ବେହେରା ଅଭିଭାଷଣ ପ୍ରଦାନ କରିଥିଲେ। ପରିଷଦର ଉପାଧକ୍ଷ ଆଦିତ୍ୟ ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।
ପୂର୍ବଛାତ୍ରୀ ସୁଶ୍ରୀ ତନୁଶ୍ରୀ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଏବଂ ପୂର୍ବଛାତ୍ର ମିହିର କୁମାର ପଟ୍ଟନାୟକ ବ୍ୟକ୍ତିଗତ ସଂଗୀତ ଗାନ କରିଥିଲେ। ପରିଷଦର ସଂପାଦକ ଶ୍ରୀଯୁକ୍ତ ବଜରଙ୍ଗ ପ୍ରସାଦ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା। ଏଥିରେ ୯୦ ଜଣ ପୂର୍ବଛାତ୍ର ପ୍ରତ୍ୟକ୍ଷ ଯୋଗଦାନ କରିଥିବା ବେଳେ। ୟୁଟୁବ ଏବଂ ଫେସବୁକ ଲାଇଭରେ ଶତାଧିକ ପୂର୍ବଛାତ୍ର ଯୋଗଦାନ କରିଥିଲେ।

# ରାଜ୍ୟରେ ଆଉ ୫ ଜଣଙ୍କ ଜୀବନ ନେଲା କରୋନା: ସମସ୍ତ ମୃତକ ମହିଳା

ଭୁବନେଶ୍ୱର,୨୪/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାର ସୂଚନା ମିଳିଛି। ସମସ୍ତ ମୃତକ ମହିଳା ବୋଲି ଜଣାଯାଇଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସେହିପରି କରୋନାରେ ପ୍ରାଣ ହରାଇଥିବା ଆଉ ୫ ଜଣ ଲୋକଙ୍କ ସଂପର୍କରେ ସୂଚନା ଦେଇଛନ୍ତି ସରକାର। ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮୫୨୫କୁ ବୃଦ୍ଧି ପାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ୫ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, ସୁନ୍ଦରଗଡ଼, ବାଲେଶ୍ୱର, କେନ୍ଦୁଝର ଓ କଟକ ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ରହିଛନ୍ତି। ଏମାନେ ସମସ୍ତେ ମହିଳା ବୋଲି ଜଣାଯାଇଛି। ଖୋର୍ଦ୍ଧା ଜିଲ୍ଲାର ମୃତକଜଣକ ଭୁବନେଶ୍ୱରର ୪୫ ବର୍ଷୀୟା ମହିଳା । ଠିକ୍ ସେହିପରି ବାଲେଶ୍ୱରର ଜଣେ ୫୭ ବର୍ଷୀୟା ମହିଳା ପ୍ରାଣ ହରାଇଥିବା ବେଳେ କେନ୍ଦୁଝରର ଜଣେ ୭୮ ବର୍ଷୀୟା ମହିଳା, ସୁନ୍ଦରଗଡ଼ ଜିଲ୍ଲାର ଜଣେ ୩୫ ବର୍ଷୀୟା ମହିଳାଙ୍କ ଜୀବନ ଯାଇଛି। ଅପରପକ୍ଷରେ କଟକର ଜଣେ ୧୩ ବର୍ଷୀୟା ନାବାଳିକା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

# ନେତାଜୀଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରି ଜୟନ୍ତୀ ପାଳିଲା ଭୁବନେଶ୍ୱର ଓକିଲ ସଂଘ

ଭୁବନେଶ୍ୱର,୨୪/୧ (ନି.ପ୍ର): ଭୁବନେଶ୍ୱର ଉପ ଜିଲ୍ଲାପାଳ ସମ୍ମୁଖରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଅବହେଳିତ ପ୍ରର୍ତିମୂର୍ତ୍ତିକୁ ସଫେଇ କରି ଜୟନ୍ତିରେ ଶ୍ରଦ୍ଧାଞ୍ଜଳି ଜଣାଇଲା ଭୁବନେଶ୍ୱର ଓକିଲ ସଂଘ । ପୂର୍ବାହ୍ନରେ ସଂଘର ସମ୍ପାଦକ ରାଜ କିଶୋର ଦାସ ଓ ଆଇନଜୀବୀ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ନେତାଜୀଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରାଯାଇଥିଲା । ପରେ ସଂଘ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ନେତାଜୀଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଉପ ଜିଲ୍ଲାପାଳ ଦେବବ୍ରତ ସାହୁ, ସଂଘର ସମ୍ପାଦକ ରାଜ୍ କିଶୋର ଦାସ, ଉପସଭାପତି ଦେବୀଦତ ବାରକ୍, ସଂଘଠନ ସମ୍ପାଦକ ଅଶୋକ ବଡ଼ପଣ୍ଡା, କୋଷାଧକ୍ଷ ଲିଙ୍ଗରାଜ ମହାରଣା, କାର୍ଯ୍ୟକାରୀ ସଭ୍ୟ ଅଭିଜିତ୍ ମିଶ୍ର, ସୁରେଶ ଦାସ, ନାରାୟଣ ଜେନା, ସବ୍ୟସାଚି ସୂତାର ସମେତ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀମାନେ ସାମିଲ ହୋଇଥିଲେ ।

# ରାଜ୍ୟରେ ସଂକ୍ରମଣ ତଳମୁହାଁ ହୋଇଛି ବୋଲି କହି ହେବ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୪/୧ (ନି.ପ୍ର): ଦେଶର ମେଟ୍ରୋ ସହରଗୁଡ଼ିକରେ ଗୋଷ୍ଠୀ ସଂକ୍ରମଣ ଅଛି, ହେଲେ ଆମ ରାଜ୍ୟରେ ଆରମ୍ଭ ହୋଇନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।
ସେ ଆହୁରି କହିଛନ୍ତି, ଏବେ କିନ୍ତୁ ଗୋଷ୍ଠୀ ସଂକ୍ରମଣ ଓଡ଼ିଶାକୁ ମୁହାଁଇଛି। ଗୋଷ୍ଠୀ ସଂକ୍ରମଣ ହୋଇଛି ଅର୍ଥ ସ୍ଥାନୀୟ ଅଞ୍ଚଳରେ ଓମିକ୍ରନ ସଂଖ୍ୟା ବଢ଼ିଛି। ଆମ ରାଜ୍ୟରେ କେତେ ପ୍ରତିଶତ ସଂକ୍ରମଣ ହେଲାଣି ତାହାକୁ ଜାଣିବା ପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ। କିଛି ଦିନ ତଳେ ହୋଇଥିବା ଜେନମ ସିକ୍ୱେନସିଂ ଅନୁସାରେ ୬୦ ପ୍ରତିଶତ ଥିଲା। ଏବେ ନିଶ୍ଚୟ ବଢିଥିବ। ବାହାର ଦେଶର ଯାତ୍ରୀଙ୍କ ଆଗମନ ବିନା ଯଦି ଗୋଟିଏ ସ୍ଥାନରେ ରୋଗ ଓ ରୋଗୀ ସଂଖ୍ୟା ବଢ଼ୁଛି, ତାର ଅର୍ଥ ଗୋଷ୍ଠୀ ସଂକ୍ରମଣ ହୋଇଛି। ଅନ୍ୟ ଦେଶରେ ଏହା ହେବା ଆମେ ଦେଖିଛେ। ଆଉ କିଛି ଦିନରେ ଭାରତରେ ବି ଗୋଷ୍ଠୀ ସଂକ୍ରମଣ ହୋଇଯିବ।
ଏବେ ରାଜ୍ୟରେ ବହୁତ କମ ସଂକ୍ରମିତ ହସ୍ପିଟାଲରେ ଆଡମିଟ ହେଉଛନ୍ତି। ମାତ୍ର ୨ ପ୍ରତିଶତରୁ କମ୍ ଆଡମିଟ ହୋଇଛନ୍ତି। ଯଦି ସାମାନ୍ୟ ଲକ୍ଷଣ ରହୁଛି ତା'ହେଲେ ଟେଷ୍ଟ କରନ୍ତୁ, ଟେଷ୍ଟ ନ କଲେ ଅସୁବିଧା ଅଛି, ଘରେ ସମସ୍ତଙ୍କୁ ହୋଇଯିବ । ଏଯାଏଁ ରାଜ୍ୟରେ ଜଣେ ବି ଓମିକ୍ରନ ରୋଗୀଙ୍କର ମୃତ୍ୟୁ ହୋଇନି।
ଏଯାଏଁ ରାଜ୍ୟରେ ସଂକ୍ରମଣ ତଳ ମୁହାଁ ହୋଇଛି ବୋଲି କହି ହେବନାହିଁ। ଆମକୁ ଆହୁରି କିଛିଦିନ ଅପେକ୍ଷା କରିବାକୁ ହେବ।

# ମେଡିକାଲ ନାମଲେଖା ମେଧା ତାଲିକା ଆଜି: ସିଟ୍ ସଂଖ୍ୟାକୁ ନେଇ ଦ୍ୱନ୍ଦ୍ୱରେ ଛାତ୍ରଛାତ୍ରୀ, ଅଭିଭାବକ

ଭୁବନେଶ୍ୱର,୨୪/୧ (ନି.ପ୍ର): ରାଜ୍ୟର କେଉଁ ମେଡିକାଲ କଲେଜରେ ଏଥର ନାମଲେଖା ହେବ କେତେସଂଖ୍ୟକ ଏମ୍‌ବିବିଏସ୍ ଓ ବିଡିଏସ୍ ସିଟରେ ନାମଲେଖା କରାଯିବ ଗତବର୍ଷ ତୁଳନାରେ ଏଥର ସଂଖ୍ୟା ବଢ଼ିବ ନା ଯାହା ଥିଲା ତାହା ରହିବ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ନାମଲେଖା ହେବ ତ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ସମେତ ଦୁଇଟି ଘରୋଇ ମେଡିକାଲ କଲେଜର ଏମ୍‌ବିବିଏସ୍ ଓ ବିଡିଏସ୍ ସିଟ୍‌ରେ ନାମଲେଖା ପ୍ରକ୍ରିୟା ଚାଲିଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ି ଚାଲିଛି। ସୋମବାର ସନ୍ଧ୍ୟାରେ ପ୍ରୋଭିଜନାଲ୍ ମେରିଟ୍ ଲିଷ୍ଟ ପ୍ରକାଶ ପାଇବାକୁ ଥିବା ବେଳେ ଏପର୍ଯ୍ୟନ୍ତ ସିଟ୍ ସଂଖ୍ୟା ପ୍ରକାଶ କରାଯାଇନାହିଁ। ଏମିତିକି ଚଏସ୍ ଫିଲିଂ ଓ ଲକିଂ କେବେ କରାଯିବ, ତାହା ବି ସ୍ପଷ୍ଟ ହୋଇନାହିଁ।
ସେପଟେ ଓଡ଼ିଶାରୁ ୨୦ହଜାରରୁ ଅଧିକ ଛାତ୍ରଛାତ୍ରୀ ନିଟ୍(ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ)ରେ କୃତକାର୍ଯ୍ୟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମାତ୍ର ୪୭୦୦ ପିଲା ମେଡିକାଲ ନାମଲେଖା ଲାଗି ନାମ ପଞ୍ଜୀକରଣ କରିଛନ୍ତି। ଗତ ୧୨ରୁ ୧୮ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପଞ୍ଜୀକରଣରେ ବହୁ ଛାତ୍ରଛାତ୍ରୀ ଭାଗ ନେଇ ନଥିବା ଜଣାପଡ଼ିଛି। ସିଟ୍ ସଂଖ୍ୟା ସ୍ଥିର ହୋଇ ନଥିଲେ ମଧ୍ୟ ଏଥର ପାଖାପାଖି ୧୫୬୩ ସିଟ୍‌ରେ ନାମଲେଖା ହେବାର ସମ୍ଭାବନା ରହିଛି। ସେଥିମଧ୍ୟରୁ ଏମ୍‌ବିବିଏସ୍‌ରେ ୧୪୦୦ ଓ ବିଡିଏସରେ ୧୬୩ ସିଟ୍ ରହିଛି। ୨୦୨୧-୨୨ ଶିକ୍ଷାବର୍ଷରେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ନାମଲେଖା ହେବ। ଏଥିସହ ଏକ ଘରୋଇ ମେଡିକାଲ କଲେଜରେ ଆଉ ୫୦ ସିଟ୍ ବଢ଼ିବ ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି। ମାତ୍ର ଡିଏମ୍ଇଟି କିମ୍ବା ଓଜେଇଇ ପକ୍ଷରୁ ଏପର୍ଯ୍ୟନ୍ତ ସିଟ୍ ସଂଖ୍ୟା ବୃଦ୍ଧି ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।
କରୋନା ଭଳି ମହାମାରୀ ସମୟରେ ମେଡିକାଲଗୁଡ଼ିକରେ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଛି। ଆବଶ୍ୟକ ଡାକ୍ତର ନ ଥିବାରୁ ଚିକିତ୍ସା ସେବା ବି ପ୍ରଭାବିତ ହେଉଛି। ତେଣୁ ସିଟ୍‌ସଂଖ୍ୟା ଆହୁରି ବୃଦ୍ଧି କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଯୁକ୍ତି ବାଢ଼ିଛନ୍ତି। ସେମାନଙ୍କ କହିବା କଥା ହେଉଛି ଯେ ଆବଶ୍ୟକ ଡାକ୍ତର ନ ଥିବାରୁ ସବୁ ମେଡିକାଲରେ ରୋଗୀମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ଅଧରେ ରୋଗୀ ଚିକିତ୍ସା ସେବା ପାଇପାରୁ ନାହାନ୍ତି। ଏମିତି ଅନେକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି ଯେଉଁଠାରେ ଫର୍ମାସିଷ୍ଟରେ କାମ ଚାଲୁଛି। ସେଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରାଯିବାର ଆବଶ୍ୟକତା ବହୁତ ରହିଛି। ଗତ କିଛି ବର୍ଷ ମଧ୍ୟରେ ବିଭିନ୍ନ ମେଡିକାଲ କଲେଜର ଏମ୍‌ବିବିଏସ ସିଟ୍ ବଢ଼ାଯାଇଛି। ପୁରାତନ ମେଡିକାଲ କଲେଜ ଏସ୍‌ସିବି, ଏମ୍‌କେସିଜି ଓ ଭିମସାର ମେଡିକାଲ କଲେଜର ସିଟ୍ ବଢ଼ିଛି। ଏମିତିକି ମାତ୍ର କିଛି ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା କୋରାପୁଟ ଓ ବାରିପଦା ମେଡିକାଲ କଲେଜର ସିଟ୍ ସଂଖ୍ୟା ୧୨୫ରେ ପହଞ୍ଚିଛି। ତା'ପରେ ବି ଆବଶ୍ୟକତା ରହିଥିବାରୁ ବଲାଙ୍ଗୀର ଓ ବାଲେଶ୍ୱର ମେଡିକାଲ କଲେଜର ଭିତ୍ତିଭୂମି ବିକାଶ ସହ ସିଟ୍ ବଢ଼ାଇବାର ଆବଶ୍ୟକତା ରହିଛି।

# ଦେଶରେ ଓମିକ୍ରନ୍‌ର ଗୋଷ୍ଠୀ ସଂକ୍ରମଣ

ଭୁବନେଶ୍ୱର ,୨୪/୧ (ନି.ପ୍ର): ଭାରତୀୟ ସାର୍ସ-କୋଭ-୨ ଜିନୋମିକ୍ସ କୋର୍ସୋଟିୟମ(ଆଇଏନ୍ଏସ୍ଏସିଓଜି) ପକ୍ଷରୁ ରବିବାର ଦିନ ଦେଶରେ ଓମିକ୍ରନ୍‌ର ଗୋଷ୍ଠୀ ସଂକ୍ରମଣ ହୋଇଥିବା ଏକ ବୁଲେଟିନ୍‌ରେ କୁହାଯାଇଛି। ଏ ଦୃଷ୍ଟିରୁ ଓଡ଼ିଶାରେ ବି କରୋନାର ଓମିକ୍ରନ୍ ପ୍ରଜାତିର ଗୋଷ୍ଠୀ ସଂକ୍ରମଣ ହୋଇଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ନିକଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କମ୍ୟୁନିଟି ବା ଗୋଷ୍ଠୀ ସ୍ତରରୁ ଜିନୋମ ସିକ୍ୱେନ୍ସିଂ ହୋଇଥିବା ନମୁନାରେ ୬୦ ପ୍ରତିଶତ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଆହୁରି କିଛି ନମୁନାର ସିକ୍ୱେନ୍ସିଂ ଚାଲିଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ୩୪୯ଜଣ ଓମିକ୍ରନ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ଅଧିକ ନମୁନାର ଜିନୋମ ସିକ୍ୱେନ୍ସିଂ କରାଗଲେ ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ରାଜ୍ୟରେ ଗତ ୪ଦିନ ହେଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ରବିବାର ୮୫୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୮୫୧୪ଜଣ ସୁସ୍ଥ ହୋଇଛନ୍ତି। ରବିବାର ୬ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିଲେ ହେଁ ଏବେବି ଦୈନିକ ୮ହଜାରରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଟିପିଆର ସାମାନ୍ୟ କମି ୧୨.୮୯%ରେ ପହଞ୍ଚିଛି। ଗତ କିଛି ଦିନ ହେଲା କୋଭିଡ୍ ପରୀକ୍ଷା ୭୦ ହଜାର ଉପରେ ରହୁଥିଲା ବେଳେ ଶନିବାର ୬୮,୬୨୫ଜଣଙ୍କର କୋଭିଡ ପରୀକ୍ଷା ହୋଇଛି। ଏବେବି ବହୁ ଜିଲ୍ଲାରେ ଟିପିଆର ୧୦% ଉପରେ ରହିଛି। ଖୋର୍ଦ୍ଧାରେ ଟିପିଆର ସର୍ବାଧିକ ୨୭.୮୭% ଥିବା ବେଳେ ସୁନ୍ଦରଗଡ଼ରେ ୨୦.୬୫%, ସୋନପୁରରେ ୧୨.୩୮%, ରାୟଗଡ଼ାରେ ୧୫.୩୬%, ନୂଆପଡ଼ାରେ ୧୮.୦୯%, ନୟାଗଡ଼ରେ ୧୧.୩୯%, ନବରଙ୍ଗପୁରରେ ୧୦.୨୧%, କଳାହାଣ୍ଡିରେ ୧୫.୬୧%, କଟକରେ ୧୩.୯୨%, ବୌଦ୍ଧରେ ୧୧.୦୬%, ବଲାଙ୍ଗୀରରେ ୧୨.୨୮%, ବାଲେଶ୍ୱରରେ ୧୦% ଟିପିଆର୍ ଅଛି।

# ରାଜ୍ୟରେ ୭,୨୯୧ ଜଣ କରୋନା ପଜିଟିଭ ଚିହ୍ନଟ: ୧୮ ବର୍ଷରୁ କମ୍ ବର୍ଗର ୯୫୪ ସଂକ୍ରମିତ

ଭୁବନେଶ୍ୱର,୨୪/୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୭,୨୯୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୨୨୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୩୦୬୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୯୫୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୭୦୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୮୩ ଜଣ, ବାଲେଶ୍ୱରରୁ ୩୪୩ ଜଣ, ବରଗଡ଼ରୁ ୧୩୦ ଜଣ, ଭଦ୍ରକରୁ ୯୭ ଜଣ, ବଲାଙ୍ଗୀରରୁ ୨୧୮ ଜଣ, ବୌଦ୍ଧ ଜିଲ୍ଲାରୁ ୫୫, କଟକରୁ ୫୬୧ ଜଣ, ଦେବଗଡ଼ରୁ ୬୨ ଜଣ, ଢେଙ୍କାନାଳରୁ ୯୬ ଜଣ, ଗଜପତିରୁ ୯୫, ଗଞ୍ଜାମରୁ ୫୦ ଜଣ, ଜଗତସିଂହପୁରରୁ ୧୨୧ ଜଣ, ଯାଜପୁରରୁ ୨୦୩ ଜଣ, ଝାରସୁଗୁଡ଼ାରୁ ୮୩ ଜଣ, କଳାହାଣ୍ଡିରୁ ୧୭୩ ଜଣ, କନ୍ଧମାଳରୁ ୯୮ ଜଣ, କେନ୍ଦ୍ରାପଡ଼ାରୁ ୧୦୯ ଜଣ, କେଉଁଝରରୁ ୧୩୨ ଜଣ, ଖୋର୍ଦ୍ଧାରୁ ୧୭୦୫ ଜଣ, କୋରାପୁଟରୁ ୧୧୧ ଜଣ, ମାଲକାନଗିରିରୁ ୫୭ ଜଣ, ମୟୂରଭଞ୍ଜରୁ ୨୨୯ ଜଣ, ନବରଙ୍ଗପୁରରୁ ୧୪୮, ନୟାଗଡ଼ରୁ ୧୯୨ ଜଣ, ନୂଆପଡ଼ାରୁ ୧୬୦ ଜଣ, ପୁରୀରୁ ୧୧୬ ଜଣ, ରାୟଗଡ଼ାରୁ ୨୯୫ ଜଣ, ସମ୍ବଲପୁରରୁ ୧୭୬ ଜଣ, ସୋନପୁରରୁ ୨୮୨, ସୁନ୍ଦରଗଡ଼ରୁ ୬୪୬ ଜଣ ଓ ଷ୍ଟେଟ ପୁଲରୁ ୩୬୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୧୧,୯୫୧୧୪୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୧,୨୧, ୬୦୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୮୧, ୭୬୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସୂଚନାଯୋଗ୍ୟ, ଗତକାଲି ୮,୫୨୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜାନୁଆରି ୨୨ରେ ୮,୮୪୫ ଜାନୁଆରି ୨୧ ତାରିଖରେ ୯,୮୩୩, ଜାନୁଆରି ୨୦ ତାରିଖରେ ୧୦,୩୬୮ଜଣ, ଜାନୁଆରି ୧୯ ତାରିଖରେ ୧୧,୬୦୭ ଜଣ, ଜାନୁଆରି ୧୮ରେ ୧୧,୦୮୬, ଜାନୁଆରି ୧୭ରେ ୧୦,୪୮୯, ୧୬ ତାରିଖରେ ୧୧,୧୭୭, ୧୫ ତାରିଖରେ ୧୦,୮୫୬, ଜାନୁଆରି ୧୪ରେ ୧୦,୨୭୩ , ଜାନୁଆରି ୧୩ରେ ୧୦,୦୫୯ ଜଣ, ଜାନୁଆରି ୧୨ରେ ୮୭୭୮, ୧୧ରେ ୭୦୭୧, ୧୦ରେ ୪୮୨୯, ଜାନୁଆରି ୯ ତାରିଖରେ ୪୭୧୪ ଜଣ , ଜାନୁଆରି ୮ ତାରିଖରେ ୩୬୭୯ ଜଣ , ଜାନୁଆରି ୭ ତାରିଖରେ ୨୭୦୩ ଜଣ, ଜାନୁଆରି ୬ ତାରିଖରେ ୧୮୯୭ ଜଣ, ଜାନୁଆରି ୫ ରେ ୧୨୧୬, ଜାନୁଆରି ୪ ରେ ୬୮୦, ଜାନୁଆରି ୩ ରେ ୪୨୪, ଜାନୁଆରି ୨ରେ ୪୨୪, ଜାନୁଆରି ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ଡିସେମ୍ବର ୩୦ରେ ୨୨୫, ଡିସେମ୍ବର ୨୯ରେ ୨୨୧ ଓ ଡିସେମ୍ବର ୨୮ରେ ୧୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ।

# ପାଇକ ବିଦ୍ରୋହର ମୁଖ୍ୟ କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ

ଭୁବନେଶ୍ୱର,୨୪/୧ (ନି.ପ୍ର): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ମିଳିତ ପାଇକ ସଂଗଠନ ପକ୍ଷରୁ ସ୍ଥାନୀୟ କଳ୍ପନା ଛକସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ୧୯୩ତମ ଶ୍ରାଦ୍ଧ ତଥା ବଳିଦାନ ଦିବସ ଅବସରରେ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ କହିଥିଲେ ଯେ, ପାଇକ ବିଦ୍ରୋହର ମହାନ ଯୋଦ୍ଧା, ଅଦମ୍ୟ ସାହସୀ, ମହାନ୍ ଦେଶପ୍ରେମୀ ତଥା ମୁଖ୍ୟ କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ। ସମଗ୍ର ପାଇକ ଜାତିକୁ ଏକତ୍ରିତ କରି ଯୋଜନା ସହ ଉତ୍ତମ ରଣକୌଶଳ ପ୍ରଦର୍ଶନ ପୂର୍ବକ ଇଂରେଜମାନଙ୍କୁ ଭୟଭୀତ କରାଇବା ସହିତ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଳିତ ପାଇକ ସଂଗଠନ ପକ୍ଷରୁ ଦିଲ୍ଲୀପ ଶ୍ରୀଚନ୍ଦନ, ଅଭିଯାନର ସଂଯୋଜକ ନାରାୟଣ ଓଝା, ରୋହିତ କୁମାରଙ୍କ ସହିତ ପାଇକ ସଂଗଠନର ଦାୟାଦ ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହିବା ସହିତ ସ୍ମୃତିଚାରଣ କରିବା ସହିତ ୧୮୧୭ ମସିହା ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ରାଜନୈତିକ ଦଳମାନଙ୍କ ପାଇଁ ନିର୍ବାଚନୀ ବୈଠକ



ଭଦ୍ରକ, ୨୪/୦୧ (ନି.ପ୍ର): ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାର୍ଥୀ ଓ ଦଳମାନଙ୍କ ଦ୍ୱାରା ପ୍ରଚାର ବ୍ୟବସ୍ଥା, ଭୋଟ ଗଣତି, ଭୋଟଦାନ ପାଇଁ ବୁଥ ସଂଖ୍ୟା, ଆଦର୍ଶ ଆଚରଣ ବିଧି, ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ଖର୍ଚ୍ଚ ସୀମା ଆଦି ବାବଦରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଅବଗତି ପାଇଁ ଆଜି ଜିଲ୍ଲା ପ୍ରଶାସନ ତରଫରୁ ସଦ୍‌ଭାବନା ସଭାଗୃହରେ ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ସତ୍ୟନାରାୟଣ ଦାସ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ରମେଶ କୁମାର ପାତ୍ର, ଡ଼ି.ଆର୍.ଡ଼ି.ଏ.ର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଏସ୍.ପି. ଯତୀନ୍ କୁମାର ପଣ୍ଡା, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ ପ୍ରମୁଖ ଯୋଗ ଦେଇ ଆନୁଷଙ୍ଗିକ ପ୍ରସଙ୍ଗରେ ଆଲୋଚନା ରଖିଥିଲେ । ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ମତେ ଭଦ୍ରକ ଜିଲ୍ଲାରେ ୫ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ଫେବୃୟାରୀ ୧୬ରେ ହେବାକୁ ଥିବା ୧ମ ପର୍ଯ୍ୟାୟରେ ଭଦ୍ରକ ଓ ବନ୍ତ ବ୍ଲକ୍‌ରେ ସମୁଦାୟ ୭ଟି ଜୋନ୍‌ରେ ୬୧ଟି ଗ୍ରାମ ପଞ୍ଚାୟତରେ ୮୩୮ଟି ବୁଥ୍‌ରେ ଭୋଟଦାନ ଗ୍ରହଣ କରାଯିବ । ଏଥି ମଧ୍ୟରେ ଭଦ୍ରକ ବ୍ଲକ୍‌ର ୨୫ ରୁ ୨୮, ୪ ଟି ଜୋନ୍‌ର ୩୬ଟି ଗ୍ରାମ ପଞ୍ଚାୟତ ପାଇଁ ୫୦୦ଟି ବୁଥ୍ ଓ ବନ୍ତ ବ୍ଲକ୍‌ର ୩ଟି ଜୋନ୍‌ର ୨୫ଟି ଗ୍ରା.ପ. ପାଇଁ ୩୩୮ଟି ବୁଥରେ ଭୋଟ ନିଆଯିବ । ସେହିପରି ୨ୟ ପର୍ଯ୍ୟାୟ ୧୮.୨.୨୨ରେ ଭଣ୍ଡାରିପୋଖରୀର ୩ଟି ଜୋନ୍‌ର ୨୩ଟି ଗ୍ରା.ପ. ପାଇଁ ୩୧୬ଟି ବୁଥ ଓ ଚାନ୍ଦବାଲି ବ୍ଲକ୍‌ର ୫ଟି ଜୋନ୍‌ର ୩୬ଟି ଗ୍ରା.ପ. ପାଇଁ ୪୭୬ଟି ବୁଥରେ ଭୋଟ ଗ୍ରହଣ କରାଯିବ । ୨୦.୨.୨୨ରେ ୩ୟ ପର୍ଯ୍ୟାୟରେ କେବଳ ତିହିଡ଼ି ବ୍ଲକ୍‌ରେ ୪ଟି ଜୋନ୍‌ର ୩୧ଟି ଗ୍ରା.ପ. ପାଇଁ ୫୩୬ଟି ବୁଥ୍‌ରେ, ୨୧.୨.୨୨ରେ ୪ର୍ଥ ପର୍ଯ୍ୟାୟରେ ବାସୁଦେବପୁର ବ୍ଲକ୍‌ର ୫ଟି ଜୋନ୍‌ର ୩୬ଟି ଗ୍ରା.ପ. ପାଇଁ ୪୮୫ଟି ବୁଥ, ୨୪.୨.୨୨ରେ ୫ଟି ଜୋନ୍‌ର ୩୧ଟି ଗ୍ରା.ପ.ର ୪୦୫ଟି ବୁଥରେ ଭୋଟ ଗ୍ରହଣ କରାଯିବ । ଜିଲ୍ଲାର ସମୁଦାୟ ୭ଟି ବ୍ଲକ୍‌ର ୨୮ଟି ଜୋନ୍‌ର ୨୧୮ ଗ୍ରା.ପ.ର ୩୦୫୬ଟି ବୁଥରେ ଭୋଟ ଗ୍ରହଣ ପାଇଁ ବ୍ୟବସ୍ଥା କରାଯାଇଛି । ଫେବୃୟାରୀ ୨୬,୨୭ ଓ ୨୮ ତିନିଦିନ ଧରି ବ୍ଲକ ସଦର ମହକୁମାରେ ଭୋଟ ଗଣତି କାର୍ଯ୍ୟ କରାଯିବ । ୩ଟି ଜୋନ୍ ପାଇଁ ଗୋଟିଏ ଗଣତି କେନ୍ଦ୍ର ଓ ଯେଉଁ ବ୍ଲକ୍‌ରେ ୩ଟି ରୁ ଅଧିକ ଥିବା ଜୋନ୍ ପାଇଁ ୨ଟି ଗଣତି କେନ୍ଦ୍ର କରାଯିବ । ଜୋନ୍ ଅନୁଯାୟୀ ଗଣତି ହେବ । ସକାଳ ୮ଟା ରୁ ଗଣତି ଆରମ୍ଭ ହୋଇ ଜୋନ୍ ଅନୁଯାୟୀ ଶେଷ ହେବା ପର୍ଯ୍ୟନ୍ତ ଗଣତି ହେବ । ସାଧାରଣ ପର୍ଯ୍ୟବେକ୍ଷକ ୧୧-୧-୨୨ରୁ ୨୮-୨-୨୨ରିଖ ପର୍ଯ୍ୟନ୍ତ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ସମ୍ବନ୍ଧରେ ସୂଚନା ଦେବା ସହ ଏହାର ଅନୁପାଳନ ଦିଗରେ ପ୍ରଶାସନ, ପ୍ରାର୍ଥୀ, ଦଳ ଓ କର୍ମଚାରୀମାନଙ୍କର ସହଯୋଗ ନେଇ ପରାମର୍ଶ ଦେଇଥିଲେ । ପ୍ରଚାର, ଭୋଟଦାନ ଆଦି କାର୍ଯ୍ୟରେ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ସମ୍ବନ୍ଧରେ ମଧ୍ୟ ବୁଝାଇଥିଲେ । ୯୪୩୮୩୨୩୫୪୯ରେ ସାଧାରଣ ପର୍ଯ୍ୟବେକ୍ଷକ ଓ ୯୪୩୮୩୦୫୩୫୯ରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଯୋଗାଯୋଗ କରାଯାଇପାରିବ ନେଇ ସୂଚନା ଦିଆଯାଇଥିଲା । ପୋଲିସ ବିଭାଗ ସଂକ୍ରାନ୍ତୀୟ ଯାବତୀୟ ଅଭିଯୋଗ ପାଇଁ ଟୋଲ ଫ୍ରି ନମ୍ବର ୧୧୨କୁ ଯୋଗାଯୋଗ ନେଇ ଅତିରିକ୍ତ ଏସ୍.ପି. ସୂଚନା ଦେଇଥିଲେ । ପ୍ରାର୍ଥୀମାନଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚ ହିସାବ ପରିଚାଳନା, ପ୍ରଚାର ପାଇଁ ଯାନବାହନ ବ୍ୟାବହାର ନେଇ ବିଧି ବିଧାନ ସମ୍ବନ୍ଧରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୂଚନା ଦେବା ସହ ୩ଟି ପର୍ଯ୍ୟାୟରେ ସେ ସମସ୍ତ ବ୍ଲକ୍‌କୁ ଗସ୍ତ କରି ଏ ବାବଦରେ ତଦନ୍ତ କରିବା ନେଇ ଜଣାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପଞ୍ଚାୟତ ମଇଦାନ ସରଗରମ....

ଦୁଇ ନମ୍ବର ସ୍ଥାନକୁ ଆସିଥିଲା ଦଳ । ତେଣୁ ଏବେ କେଉଁ ନେତୃତ୍ୱ ସମଗ୍ର ରାଜ୍ୟବାସୀଙ୍କୁ ପ୍ରଭାବିତ କରିପାରିବ ତାକୁ ନେଇ ଉଠିଛି ପ୍ରଶ୍ନ । ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟ ବିଜେପିର ପୋଷ୍ଟର ବୟ କୁହାଯାଉଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବେ ଗୁରୁତ୍ୱପୂର୍ଣ୍ଣ ୟୁପି ନିର୍ବାଚନରେ ପ୍ରଭାରୀ ଦାୟିତ୍ୱ ତୁଲାଉଛନ୍ତି । ତେଣୁ ଓଡିଶା ପଞ୍ଚାୟତ ନିର୍ବାଚନ ପାଇଁ ସମୟ ବାହାର କରିବା ଏକ ପ୍ରକାର ଅସମ୍ଭବ ମନେ ହୁଏ । ଅଶ୍ୱିନୀ ବୈଷ୍ଣବ । ବିଜେଡି ସହାୟତାରେ ରାଜ୍ୟସଭା ଯିବା ପରେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଥିବା ଏହି ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ଓଡିଶା ସରକାରଙ୍କ ପ୍ରତି ଆଭିମୁଖ୍ୟ କଣ ତାହା ଏବେ ବି ଅସ୍ପଷ୍ଟ । ବିଶ୍ୱେଶ୍ୱର ଟୁଡୁ । ୨୦୧୭ ପଞ୍ଚାୟତ ନିର୍ବାଚନରେ ମୟୁରଭଂଜରେ ଶାସକ ବିଜେଡିକୁ ଏକ ପ୍ରକାର ମୂଳପୋଛ କରିଦେଇଥିଲା ବିରୋଧୀ ବିଜେପି । ଆଉ ୨୦୧୯ ସାଧାରଣ ନିର୍ବାଚନରେ ମୟୁରଭଂଜ ଲୋକସଭା ଆସନରୁ ଜିତି ମନ୍ତ୍ରୀପଦ ହାତେଇଥିଲେ ବିଶ୍ୱେଶ୍ୱର । କିନ୍ତୁ ଅଫିସରଙ୍କୁ ମାଡ ମାରିବା ଅଭିଯୋଗ ପରେ ଏବେ ସେ ମଧ ଦିଲ୍ଲୀରେ ଡେରା ପକାଇଛନ୍ତି । ଏହାରି ଭିତରେ କିନ୍ତୁ ଏହି ପ୍ରମୁଖ ଚେହେରାଙ୍କ ବିନା ତୃଣମୂଳ ସ୍ତରର ନେତା ଓ କର୍ମୀଙ୍କ ଉପରେ ଭରସା କରି ପଂଚାୟତ ନିର୍ବାଚନ ବୈତରଣୀ ପାର ହେବାକୁ ଅଣ୍ଟା ଭିଡିଛି ଦଳ ।

### ବଢି ବଢି ଚାଲିଛି ଋଷ-ୟୁକ୍ରେନ୍ ....

ସୀମାରେ ଋଷ ଯୁଦ୍ଧ ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଛି । କେବଳ ନିଜ ଦୂତାବାସ ହିଁ ନୁହେଁ ୟୁକ୍ରେନ୍‌ରେ ଥିବା ଅନ୍ୟ ସମସ୍ତ କାର୍ଯ୍ୟାଳୟକୁ ଖାଲି କରାଯାଇ, କର୍ମଚାରୀଙ୍କୁ ମସ୍କୋ ଡକାଇ ସାରିଛନ୍ତି ରାଷ୍ଟ୍ରପତି ପୁଟିନ । ଆଉ ୟୁକ୍ରେନ୍ ଉପରେ କେତେବେଳେ ବି ଆକ୍ରମଣ କରିପାରେ ଋଷ । ଗତ ବର୍ଷ ଏପ୍ରିଲରେ ଋଷ ସେନା ୟୁକ୍ରେନ୍ ସୀମା ନିକଟରେ ଯୁଦ୍ଧାଭାସ କଲା । ଯାହାକୁ ବିରୋଧ କଲା ୟୁକ୍ରେନ୍ । ଏହାକୁ ନେଇ ବିବାଦ ତେଜିବାରୁ ଯୁଦ୍ଧାଭାସକୁ ବନ୍ଦ କଲା ଋଷ । ହେଲେ ସୀମାରେ ନିଜ ସୈନ ବଳ ବଢାଇବାରେ ଲାଗିଲା । ଆଉ ଏବେ ପରିସ୍ଥିତି ଏପରି ହୋଇଛି ଯୁଦ୍ଧ ହେବା ଯେପରି ଏକପ୍ରାକର ନିଶ୍ଚିତ । ଆଉ ଯଦି ଯୁଦ୍ଧ ହୁଏ, ତାହାଲେ ମହାବିନାଶ ହେବା ଏକ ପ୍ରକାର ସ୍ପଷ୍ଟ ।

### ଉତରଭାରତରେ ପ୍ରବଳ ତୁଷାରପାତ....

ତୁଷାତପାତ ଦେଖିବାକୁ ମିଳିଛି । ବାବା ବଦ୍ରିନାଥଙ୍କ ମନ୍ଦିର ବରଫର ଦଳା ଚାଦର ଭିତରେ ଘୋଡେଇ ରହିଛି । ସେହିପରି ପ୍ରବଳ ତୁଷାରପାତ ଯୋଗୁଁ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ଜାତୀୟ ରାଜପଥ କୁ ବନ୍ଦ କରିଦିଆ ଯାଇଛି । ରାଜ୍ୟରେ ଲଗାତାର ଜାରି ରହିଥିବା ବରଫ ବର୍ଷା ରାଜ୍ୟ ବାସିଙ୍କ ସମସ୍ୟା ବଢାଇଛି । ପ୍ରଚଣ୍ଡ ଶୀତ ଲହରରେ କାମ୍ପି ଉଠିଛନ୍ତି ସହରବାସି । ପ୍ରବଳ ଥଣ୍ଡା ଯୋଗୁଁ ସାଧାରଣ ଜୀବନ ଅସ୍ତବ୍ୟସ୍ତ କରି ଦେଇଛି । ଥଣ୍ଡା ରୁ ବଂଚିବା ପାଇଁ ଲୋକେ ବିଭିନ୍ନ ଉଦ୍ୟମ କରୁଛନ୍ତି । ସେପଟେ ରାଜ୍ୟରେ ପ୍ରବଳ ବର୍ଷାର ପୁର୍ବାନୁମାନ କରି ସର୍ତକ ସୂଚନା ଜାରି କରିଛି ଆଂଚଳିକ ପାଣିପାଗ ବିଭାଗ । ସେପଟେ ଲଗତାର ତିନିଦିନ ଧରି ଜାରି ରହିଥିବା ବର୍ଷା ସହର ବାସିଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । ଆସନ୍ତା ୨୫ ଓ ୨୬ ତାରଖ ଯାଏଁ ବର୍ଷା ଜାରି ରହିବ ବୋଲି ପାଣି ପାଗ ବିଭାଗ ପୁର୍ବାନୁମାନ କରିଛି ।

## ଜଳେଶ୍ୱର ବିଜେଡିରେ ଗୋଷ୍ଠି ବିବାଦ : ସମାଧାନ ଲାଗି ବରିଷ୍ଠ କର୍ମକର୍ତ୍ତାଙ୍କ ଉଦ୍ୟମ

ଜଳେଶ୍ୱର, ୨୪/୧(ନିପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଜଳେଶ୍ୱର ବିଜେଡିର କନ୍ଦଳ ଥିବାର ଜଣାଯାଇଛି । କେତେକ ଅସନ୍ତୁଷ୍ଟ ନେତା ନିର୍ବାଚନ ରଣାଙ୍ଗନରେ ନାମାଙ୍କନ କରିଥିବାରୁ ଦଳରେ ଅସୁବିଧା ସୃଷ୍ଟି ହୋଇଥିବା ବେଳେ ଖୋଦ୍ ବ୍ଲକ ସଭାପତି ଅସନ୍ତୁଷ୍ଟ ଭାବେ ନାମାଙ୍କନ ଦାଖଲ କରିଥିବାରୁ ତାଙ୍କୁ ମନାଇବା ପାଇଁ ଦଳର ବରିଷ୍ଠ ନେତୃମଣ୍ଡଳୀ ପ୍ରୟାସ ଜାରି ରଖିଛନ୍ତି । ଘଟଣାରୁ ପ୍ରକାଶ ଜଳେଶ୍ୱରର ୩୫ଟି ପଂଚାୟତ ମଧ୍ୟରେ ଖୁଲୁଡା, ନଛିମପୁର, କୋଟସାହି, ଶ୍ୟାମନଗର, ରାଇବଣିଆ ଇତ୍ୟାଦି ପଂଚାୟତରେ ଶାସକ ବିଜେଡି ଦଳର କର୍ମୀଙ୍କ ମଧ୍ୟରେ ବିବାଦ ଥିବାର ପରିଲକ୍ଷିତ ହୋଇଛି । ଖୁଲୁଡା ପଂଚାୟତରେ ଜ୍ୟୋତିମୟ ଆଚାର୍ଯ୍ୟ ସରପଂଚ ପ୍ରାର୍ଥୀ ହୋଇଥିବା ବେଳେ ସେହି ଦଳର ବ୍ଲକ ସଭାପତି ଭୂପତି ମିର୍ଦ୍ଧା ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନଛିମପୁର ପଂଚାୟତରେ ପ୍ଲକର ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଓ ସୁଗୋ ପଂଚାୟର ପୂର୍ବତନ ସରପଂଚ ଦିନେଶ କୁମାର ଜେନା ସମିତି ସଦସ୍ୟ ପଦବୀଲାଗି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କୋଟ ସାହି ପଂଚାୟତର ବ୍ରଜମୋହନ ପ୍ରଧାନ ଓ ରାଧାଶ୍ୟାମ ନାଥ ପ୍ରତିଦ୍ୱନ୍ଦିତା ଲାଗି ରଣାଙ୍ଗନକୁ ଓହ୍ଲାଇଛନ୍ତି । ଶ୍ୟାମନଗରରେ ଗିରିଜା ସାସମଲ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ବିରୋଧ କରି ଅନ୍ୟ ଜଣେ ପ୍ରାର୍ଥୀ ହେବା ତଥା ରାଇବଣିଆରୁ ସନ୍ଦିପ କୁମାର ଘୋଷ ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟଜଣେ ପ୍ରାର୍ଥୀ ହେବା ବରିଷ୍ଠ କର୍ମକର୍ତ୍ତାଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି । ଏହା ବ୍ୟତିତ ବରିଷ୍ଠ ନେତା ମାନସ କୁମାର ଜେନା, ମଧୁସୂଦନ ସେନାପତି, ମମତା ହୁଇ, ବ୍ରିଜେଶ କୁମାର ରଣା ମଧ୍ୟ ନିଜ ପଂଚାୟତରେ ସଂରକ୍ଷଣ ଯୋଗୁଁ ପ୍ରାର୍ଥୀ ହୋଇପାରିନଥିବା ବେଳେ ମାନସ କୁମାର ଜେନା ଝାଡପିମ୍ପଳରେ ସମିତି ସଦସ୍ୟ ପ୍ରାର୍ଥୀ ହୋଇଛନ୍ତି । ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ଲାଗି ଚେଷ୍ଟା ଅବ୍ୟାହତ ରହିଛି ଓ ସମାଧାନ ହେବ ବୋଲି ଆଶାବାଦି ରହିଛନ୍ତି ।

## ବିଧାୟକ ଅଶ୍ୱିନୀ ପାତ୍ରଙ୍କ ମା' ଗୁରୁତର : ଆଇ.ସିୟୁରେ ଭର୍ତ୍ତି

ଜଳେଶ୍ୱର, ୨୪/୧(ନିପ୍ର): ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ମା ବାସନ୍ତୀ ପାତ୍ର ବାର୍ଦ୍ଧକ୍ୟ ଜନୀତ ରୋଗରେ ପିଡିତ ଥାଇ ଗୁରୁତର ହୋଇଛନ୍ତି । ତାଙ୍କୁ ୯୨ବର୍ଷ ହୋଇଥିବା ବେଳେ ସେ ଠିକ୍‌ଭାବେ ଚଳପ୍ରଚଳ ହୋଇ ପାରୁନଥିଲେ । ଆଜି ଶ୍ରୀ ପାତ୍ର ମାଙ୍କୁ ବାଲେଶ୍ୱରସ୍ଥିତ ଫକୀରମୋହନ ମେଡିକାଲ କଲେଜ ଡାକ୍ତରଖାନାରେ ଚିକିତ୍ସାଲାଗି ଆଇସିୟୁରେ ଭର୍ତ୍ତି କରିଛନ୍ତି । ତାଙ୍କର ଆଶୁ ଆରୋଗ୍ୟ କାମନା କରି ଜଳେଶ୍ୱରର କେତେକ ବ୍ୟକ୍ତି, ଅନୁଷ୍ଠାନ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି ।

## ସ୍ୱାମୀ ଘର ସାମନାରେ ସ୍ତ୍ରୀର ଧାରଣା

ବସ୍ତା,୨୪/୦୧ (ନି.ପ୍ର): ବାଲେଶ୍ୱର ଜିଲା ସିଂଲା ଥାନା ନାବରା ଗ୍ରାମରେ ସ୍ତ୍ରୀ କୁ ସ୍ୱାମୀଙ୍କ ପରିବାର ଲୋକେ ଘରେ ପୁରାଇ ନ ଦେବାରୁ ନ୍ୟାୟ ପାଇଁ ସ୍ୱାମୀ ହରିପଦ ଦେ ଙ୍କ ଘର ଆଗରେ ଆଠ ବର୍ଷର ପୁଅକୁ ନେଇ ସ୍ତ୍ରୀ ଶୁଭସ୍ମିତା ଓ ତାଙ୍କ ମାଆ ସୋମବାର ଧାରଣାରେ ବସିଛନ୍ତି।ପ୍ରକାଶ ଯେ ଶୁଭସ୍ମିତା କୁ ତା ଶାଶୁ ଘର ଲୋକେ ଯୌତୁକ ନିର୍ଯ୍ୟା।ତନା ଦେଇ ଘରୁ ବାହାର କରିଦେଇଥିଲେ।ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।କୋର୍ଟ ତାଙ୍କୁ ନ୍ୟାୟ ଦେଇଥିଲେ। ତଦାନଯାୟୀ ସେ ସ୍ୱାମୀ ଘରକୁ ପ୍ରବେଶ ପାଇଁ ଆସିଥିବା ବେଳେ ଶାଶୁ ଘର ଲୋକେ କବାଟ ବନ୍ଦ କରି ଦେଇଥିଲେ।ମାତ୍ର ଖବର ଲେଖା ପର୍ଯ୍ୟନ୍ତ ଶୋଭସ୍ମିତା ପୁଅ ଓ ମା ସହ ଧାରଣା ରେ ବସିଛନ୍ତି।

## ନିରଂଜନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କୋଭିଡ ସଂକ୍ରମିତ ହୋଇଥିବା ବିଷୟରେ ଅବଗତ ହେଲି। ତାଙ୍କର ଆଶୁଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି।

## ସରକାର ବାବାଙ୍କ ଜନ୍ମଦିନରେ ମେଗା ରକ୍ତଦାନ ଶିବିର



ବାଲେଶ୍ୱର,୨୪/୦୧ (ନି.ପ୍ର): ଭଦ୍ରକ ଜିଲାର ଧର୍ମଗୁରୁ ସୟଦ ଓ୍ୱାସିମ୍ ଅଖତର କାଦ୍ରି ବା ଛୋଟ ସରକାର ବାବାଙ୍କ ଜନ୍ମ ଦିବସ ଅବସରରେ ଅଖିଳ ଭାରତୀୟ ଦୁଃଖୀ ସମାଜ, ବାଲେଶ୍ୱର ଶାଖା ପକ୍ଷରୁ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଦରଘା ମୈଦାନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦୁଃଖୀ ସମାଜର ବାଲେଶ୍ୱର ଶାଖା ସଭାପତି ଶେଖ ଆୟୁବ ଓ ବାଲେଶ୍ୱର ଶାଖା ସମ୍ପାଦକ ନାତିକ ଖାନ, ଭଦ୍ରକ ଶାଖାର ବରିଷ୍ଠ ଉପଦେଷ୍ଟା ଶେଖ ଅଲାଉଦ୍ଦିନ, ମହମ୍ମଦ ହୁମାୟୁନ, ସମ୍ପାଦକ ରିଜାଇ ରସୁଲ, ସହ-ସମ୍ପାଦକ ଆବୁ ହୁସେନ ଖାନ ପ୍ରମୁଖଙ୍କ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ଛୋଟେ ସରକାରଙ୍କ ଜନ୍ମଦିବସରେ ଏହି ଭଳି ସମାଜସେବା ମୂଳକ କାର୍ଯ୍ୟ ପ୍ରତିବର୍ଷ ଆୟୋଜିତ ହେଉଛି। ଏବେ ବାଲେଶ୍ୱର, ଭଦ୍ରକ ଓ ସୋର ପ୍ରଭୃତି ସ୍ଥାନରେ ଜାରି ରହିଥିବା ବେଳେ ଆଗାମୀ ଦିନଦରେ ସମଗ୍ର ଦେଶରେ ଏହିଭଳି ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବାଲେଶ୍ୱର ଶାଖା ସଭାପତି ଶେଖ ଆୟୁବ ସୂଚନା ଦେଇଥିଲେ। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ସମାଜସେବୀ ସୁବାସିନୀ ଜେନା, ପୂର୍ବତନ ପୌରପାଳ ଆଲୋକ ସାହୁ, ସତ୍ୟରଂଜନ ଦାସ, ବିକ୍ରମ ପଣ୍ଡା, ସାହିରୁଲ ହକ, ସଲିମ ରେଜା, ଶାନ୍ତନୁ ଦାସଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଶିବିରରେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଦୁଃଖୀ ସମାଜର ସମାଜସେବା ମୂଳକ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ବାଲେଶ୍ୱରରେ ରକ୍ତର ଅଭାବ ପୂରଣରେ ଏହି ଶିବିର ବେଶ ସହାୟକ ହୋଇପାରିଛି ବୋଲି ସେମାନେ କହିଥିଲେ। ବାଲେଶ୍ୱର ରକ୍ତଭଣ୍ଡାରର ୨୩ ଜଣିଆ ଟିମ ଓ କଟକ ବଡ଼ ଡାକ୍ତରଖାନାର ୧୮ ଜଣିଆ ଟିମ ଏହି ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଛୋଟେ ସରକାରଙ୍କ ଜନ୍ମ ଦିବସ ଅବସରରେ ରକ୍ତଦାନ ସାଙ୍ଗକୁ ସହରର ରାସ୍ତାଘାଟ ସଫେଇ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ପାଇକ ବିଦ୍ରୋହର ମୁଖ୍ୟ କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ମିଳିତ ପାଇକ ସଂଗଠନ ପକ୍ଷରୁ ସ୍ଥାନୀୟ କଳ୍ପନା ଛକସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ୧୯୩ତମ ଶ୍ରାଦ୍ଧ ତଥା ବଳିଦାନ ଦିବସ ଅବସରରେ ପ୍ରତିମୂର୍ତ୍ତି ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତିଚାରଣ ପୂର୍ବକ କହିଥିଲେ ଯେ, ପାଇକ ବିଦ୍ରୋହର ମହାନ ଯୋଦ୍ଧା, ଅଦମ୍ୟ ସାହସୀ, ମହାନ୍ ଦେଶପ୍ରେମୀ ତଥା ମୁଖ୍ୟ କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ। ସମଗ୍ର ପାଇକ ଜାତିକୁ ଏକତ୍ରିତ କରି ଯୋଜନା ସହ ଉତମ ରଣକୌଶଳ ପ୍ରଦର୍ଶନ ପୂର୍ବକ ଇଂରେଜମାନଙ୍କୁ ଭୟଭୀତ କରାଇବା ସହିତ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଳିତ ପାଇକ ସଂଗଠନ ପକ୍ଷରୁ ଦିଲ୍ଲୀପ ଶ୍ରୀଚନ୍ଦନ, ଅଭିଯାନର ସଂଯୋଜକ ନାରାୟଣ ଓଝା, ରୋହିତ କୁମାରଙ୍କ ସହିତ ପାଇକ ସଂଗଠନର ଦାୟାଦ ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ରହିବା ସହିତ ସ୍ମୃତିଚାରଣ କରିବା ସହିତ ୧୮୧୭ ମସିହା ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହା ସହିତ ବକ୍ସିଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

## ଆଜି ସୁଦ୍ଧା ଦିଆଗଲାଣି ୫.୫୬ କୋଟି ଟିକା

ଭୁବନେଶ୍ୱର , ୨୪/୦୧ (ନି.ପ୍ର): କରୋନା ବିରୋଧି ଟୀକାକରଣ ଅଭିଯାନରେ ଆଜି ସୁଦ୍ଧା ରାଜ୍ୟରେ ସମୁଦାୟ ୫ କୋଟି ୫୬ ଲକ୍ଷ ୬୨ ହଜାର ୫୪୯ ସଂଖ୍ୟାରେ ଟିକା ଦିଆଗଲାଣି । ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅନୁସାରେ ସୋମବାର ସକାଳ ସୁଦ୍ଧା ରାଜ୍ୟରେ ସମୁଦାୟ ଦିଆ ଯାଇଥିବା ଟିକାରୁ ପ୍ରଥମ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୧୬ ଲକ୍ଷ ୫୬ ହଜାର ୨୨୧ ଜଣ ଥିବା ବେଳେ ଦ୍ୱିତିୟ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୨କୋଟି ୩୬ ଲକ୍ଷ ୬୨ ହଜାର ୩୪୯ ଜଣ । ଏହା ସହିତ ବୁଷ୍ଟର ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ ଲକ୍ଷ ୪୩ ହଜାର ୯୭୯ ଜଣ । ଜିଲ୍ଲା ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରେ ସମୁଦାୟ ୪୯ ଲକ୍ଷ ୭୧ ହଜାର ୬୩୭ ଜଣଙ୍କୁ ଟିକା ଦିଆଯାଇଛି ଯାହା ସବୁ ଜିଲ୍ଲା ମାନଙ୍କଠାରୁ ଆଗରେ ଅଛି ବୋଲି ସୂଚନା ଦିଆଯାଇଛି ।

## ମାର୍ଚ୍ଚ ୨୯ରେ ପାଇକ ରେଜିମେଂଟ ଗଠନ ଦାବିରେ ୧ ଲକ୍ଷ ପାଇକଙ୍କ ଜନଗର୍ଜନ ସମାବେଶ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧୋତ୍ସବରେ ପାଇକ ରେଜିମେଂଟ ଗଠନ, ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଦାବି, ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ସ୍ଥାନକୁ ହସ୍ତାନ୍ତର କରିବା ପାଇଁ ଆଜି ଓଡ଼ିଶା ପାଇକ ଏକାଡ଼େମୀ ପକ୍ଷରୁ ଭୁବନେଶ୍ୱର କଳ୍ପନାଛକ ନିକଟସ୍ଥ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତି ନିକଟରେ ଏକ ସଭା, ଘୋଡ଼ା ତଥା ପାଇକ ଆଖଡ଼ା ସହ ଶୋଭାଯାତ୍ରା, ଶପଥ ଉତ୍ସବ ଓ ସଂଗ୍ରାମ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଓଡ଼ିଶା ପାଇକ ଏକାଡ଼େମୀର ସଭାପତି ଡଃ ଦିଲ୍ଲୀପ ଶ୍ରୀଚନ୍ଦନ କହିଲେ ଯେ, ଓଡ଼ିଶା ପାଇକ ରେଜିମେଂଟ ଗଠନ ହେଲେ ଓଡ଼ିଶାର ହଜାର ହଜାର ଯୁବକ କର୍ମନିଯୁକ୍ତି ପାଇବା ସହ ଦେଶମାତୃକାର ସେବା ପାଇଁ ନିଜକୁ ଉତ୍ସର୍ଗ କରିପାରିବେ। ପଞ୍ଜାବ ରେଜିମେଂଟ, ଗୁର୍ଖା ରେଜିମେଂଟ, ଆସାମ ରେଜିମେଂଟ ଆଦି ଗଠନ ହୋଇଥିବା ବେଳେ ଓଡ଼ିଶା ପାଇକ ରେଜିମେ ଗଠନ ନହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ତେଣୁ ଓଡ଼ିଶା ପାଇକ ରେଜିମେଂଟ ଗଠନ ପାଇଁ ଆଜିଠାରୁ ସଂଗ୍ରାମ ଅଭିଯାନ ଆରମ୍ଭ ହେଲା ଓ ମାର୍ଚ୍ଚ ମାସ ୨୯ ତାରିଖ ଦିନ ଭୁବନେଶ୍ୱରର ରାଜରାସ୍ତାରେ ଏକଲକ୍ଷ ପାଇକଙ୍କ ଜନଗର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଜନତା ମଇଦାନରେ ଏକ ପ୍ରତିବାଦ ସଭା ଆୟୋଜନ କରାଯିବ। ସେହିପରି ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଦାବି ଓ ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ସ୍ଥାନକୁ ଯଥାଶୀଘ୍ର ହସ୍ତାନ୍ତର କରିବା ପାଇଁ ମଧ ଦାବି ରହିବ।

## ଜୋର ଧରିଲା ମୟୂରଭଞ୍ଜକୁ କେନ୍ଦ୍ର ଶାସିତ ଅଂଚଳ ଘୋଷଣା ଦାବି



ବାରିପଦା,୨୪/୦୧ (ନି.ପ୍ର): ସମଗ୍ର ଓଡିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ସାମଗ୍ରୀକ ବିକାଶଦିଗରେ ମୟୂରଭଞ୍ଜର ବିଶେଷ ଅବଦାନ ରହିଥିବା ବେଳେ, ମିଶ୍ରଣ ପରେ ମୟୂରଭଞ୍ଜର ବିକାସଦ ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉଦାସୀନ ରହିଛନ୍ତି । ଏଣୁ ମୟୂରଭଞ୍ଜ କୁ କେନ୍ଦ୍ରସାଶିତ ଅଂଚଳ ଭାବରେ ଘୋଷଣା କରିବାକୁ ଜିଲ୍ଲାର ଅଗ୍ରଣୀ ସଂଗଠନ 'ଭଞ୍ଜସେନା' ବାରିପଦା ଠାରେ ତା'ର ୨୪ ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଡିଭାଇନ ଇଂଜିନିୟରିଂ କଲେଜ ପରିସର ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେରେ ଦୃଢ ଦାବୀ ଉପସ୍ଥାପନ କରିବା ସହ ଏନେଇ ଜୋରଦାର ଲଢେଇ କରିବା ସହିତ ଆଗାମୀ ୨୫ ତମ ପ୍ରତିଷ୍ଠା ଦିବସରେ ଅନୁନ୍ୟ ୨୫ ହଜାର ଯୁବକ ଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଆୟୋଜନ ପୂର୍ବକ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚେତାଇ ଦିଆଯିବ ବୋଲି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି । ଏହି ଅବସର ରେ ଆଜି ସକାଳେ ପ୍ରଥମେ ଭଞ୍ଜସେନାର ସମସ୍ତ ନେତୃମଣ୍ଡଳୀ ବିଭିନ୍ନ ଦେବାଦେବୀ ମନ୍ଦିର ରେ ପୂଜାର୍ଚ୍ଚନା କରିବା ସହିତ ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ଅବସରରରେ ତାଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରିବା ସହିତ ସହୀଦ ବିର୍ଷା ମୁଣ୍ଡା, ଗୋପବନ୍ଧୁ, ମହାତ୍ମା ଗାନ୍ଧୀ ଏବଂ ସମସ୍ତ ମହାରାଜାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଭଞ୍ଜସେନା ମହିଳା ଶାଖା ତରଫରୁ ପଣ୍ଡିତ୍ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ତ ଥା ଜିଲ୍ଲାର ବିଭିନ୍ନ ହସପିଟାଲରେ ଫଳ ଓ ବିସ୍କୁଟ୍ ବଣ୍ଟନ କରାଯାଇଥିଲା । ପ୍ରତିଷ୍ଠା ଦିବସ ଅବସରରେ ମୟୂରଭଞ୍ଜ ମାଟି ପାଇଁ ଗାରିମା ସୃଷ୍ଟି କରିଥିବା ମହାନ୍ ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଉଦ୍ଦେଶ୍ୟ ରେ ଭଞ୍ଜସେନା ତରଫରୁ ବରିଷ୍ଠ ସିନେ କଳାକାର ଉତମ ମହାନ୍ତି, ବରିଷ୍ଠ ସାମ୍ବାଦିକ ଦିବଂଗତ ଅମରେନ୍ଦ୍ର ଲାଲ୍ ବୋଷ୍, ବରିଷ୍ଠ ନାଟ୍ୟକାର ଦିବଂଗତ ଆନନ୍ଦ ଶଙ୍କର ଦାସ, ବିଶିଷ୍ଟ ସମାଜସେବୀ ଦିବଂଗତ ସେବକଶ୍ରୀ କଂଗ୍ରେସ ଭାଇ, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଦିବଂଗତ ବାଚୁ ମୁଖାର୍ଜୀ, ବିଶିଷ୍ଟ ଶିକ୍ଷା ସଂସ୍ଥାପକ ଓ ସମାଜସେବୀ ଜୟଚନ୍ଦ୍ର ପତ୍ରୀ, ମହାନ୍ ବିପ୍ଳବୀ ନେତା ଦିବଂଗତ ଗିରିଶ ଚନ୍ଦ୍ର ରାୟ, ଝୁମର ବିଶାରଦ ଦିବଂଗତ ଗିରିଶ ଚନ୍ଦ୍ର ମହାନ୍ତ, ବରିଷ୍ଠ ଛଉ ନୃତ୍ୟ ଶିଳ୍ପୀ ଦିବଂଗତ ମଦନ ମୋହନ ଲେଙ୍କା, ବରିଷ୍ଠ ଗୀତିକାର ନିମାଇଁ ମହାନ୍ତି, ବରିଷ୍ଠ ସଂଗ୍ରାମୀ ନେତା କିଶୋର ଦାସ୍, ବିଶିଷ୍ଟ ରାଜନେତା ଦିବଂଗତ ପ୍ରସନ୍ନ କୁମାର ଦାଶ, ବରିଷ୍ଠ ଫୋଟଚିତ୍ର ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ବିଶିଷ୍ଟ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ଦିବଂଗଚ ରାଧାକୃଷ୍ଣ ଭଞ୍ଜ, ଦକ୍ଷ ପ୍ରଶାସକ ଦିବଂଗତ ରାଧାଗୋବିନ୍ଦ ଦାସ, ବିଶିଷ୍ଟ ସଙ୍ଗୀତଜ୍ଞ ଦିବଂଗତ ଶାନ୍ତନୁ ମହାପାତ୍ର, ବିଶିଷ୍ଟ ସଙ୍ଗୀତଜ୍ଞ ଦିବଂଗତ ସରୋଜ ପଟ୍ଟନାୟକ, ଅଲଚିକି ଲିପିର ସ୍ରଷ୍ଟା ଦିବଂଗତ ପଣ୍ଡିତ ରଘୁନାଥ ମୁର୍ମୁ, ବିଶିଷ୍ଟ ଆଦିବାସୀ ନେତା ଦିବଂଗତ ସୁନାରାମ ସୋରେନ ପ୍ରମୁଖଙ୍କୁ ଭୂମିପୁତ୍ର ସମ୍ମାନ ପ୍ରଦାନ କରାଯାଇ ଥିଲା ଏବଂ ଭଞ୍ଜସେନା ରକ୍ତ ଭଣ୍ଡାର ଶାଖାକୁ ସୁପରିଚାଳନା କରିଥିବା ସରକାରୀ ରକ୍ତ ଭଣ୍ଡାରର ସମସ୍ତ କର୍ମୀଙ୍କୁ ସାଧୁବାଦ ସହ ସମ୍ମାନ ପ୍ରଦର୍ଶନ କରାଯାଇ ଥିଲା । ପରେ ପରେ ଭଞ୍ଜସେନା ଅଭିଯୋଗ ବାକ୍ସର ଶୁଭ ଉଦ୍ଘାଟନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କରିଥିଲେ । ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଜିଲ୍ଲାର ସ୍ୱାଭିମାନକୁ ପାଥେୟ କରି ନିର୍ମିତ ହୋଇଥିବା ଭଞ୍ଜସେନାର ନିଜସ୍ୱ ମ୍ୟୁଜିକ୍ ଭିଡିଓ ଶୁଭ ମୁକ୍ତିଲାଭ କରିଛି । ଆଜିର ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ଶୃଙ୍ଖଳା କମିଟି ଅଧକ୍ଷ ସତ୍ୟସ୍ୱରୂପ ଦାସ, କାର୍ଯ୍ୟକାରୀ ଅଧକ୍ଷ ରାକେଶ ସିଂ, ଉପାଧକ୍ଷ ନିମାଇଁ ତ୍ରିପାଠୀ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଆଦିବାସୀ ସେଲ ସଭାପତି ବାଜୁନ ହାଁସଦା, ଓବିସି ସେଲ ସଭାପତି ରାକେଶ ବେହେରା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ମହିଳା ଶାଖା ସଭାପତି ଚନ୍ଦନା ଦାସ, ଯୁବ ସଭାପତି ମାନସ ବେହେରା, ଜିଲ୍ଲା ମୁଖପାତ୍ର ଏବଂ ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଛାତ୍ର ସଭାପତି ସୌମ୍ୟରଂଜନ ମିଶ୍ର, ଯୁବ ଛାତ୍ର ସଂଯୋଜକ ଏସ.କେ. ରାଜା ଖାନ, ଉପସଭାପତି ରାକେଶ ମହାନ୍ତି, ସନାତନ ସାହୁ, ପ୍ରଶାନ୍ତ ମହାକୁଡ଼, ଜିତୁ ଶିବାନନ୍ଦ, ସହର ସଭାପତି ପ୍ରୀତମ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ, ବାରିପଦା ଉପଖଣ୍ଡ ଉପସଭାପତି ବିରେନ୍ଦ୍ର ନାଥ, ଜିଲ୍ଲା ସାଂଗଠନିକ ସମ୍ପାଦକ ଗଣେଶ ମହାନ୍ତି, ସୂର୍ଯ୍ୟକାନ୍ତ ବସା, ପ୍ରଶାନ୍ତ ଦାସ, ସମ୍ପାଦକ ସତ୍ୟବ୍ରତ ଧଳ, ଦେବାଶିଷ ଦାସ, ସାଫଲ୍ୟ ମିଶ୍ର, ପଙ୍କଜ କରନ୍ ?, ଦୀପକ ସୋ ପ୍ରମୁଖ ଉପସ୍ଥିତ ଥିଲେ ।

## ପୈତୃକ ସଂପତ୍ତି ଉପରେ ଜୁଲୁମ ! ଥାନାରେ ଗୁହାରି ଜଣାଇଲେ ମହିଳା

ନୀଳଗିରି, ୨୪/୦୧ (ନି.ପ୍ର): ନିଜର ପୈତୃକ ସଂପତି ଉପରେ ତାଙ୍କର ପଡ଼ୋଶୀ ଜୋର ଜବରଦସ୍ତ ବାଡ଼ ଘେରି ଘର ନିର୍ମାଣ କରୁଥିବା ବେଳେ ଏହାକୁ ପ୍ରତିବାଦ କରିବାରୁ ପାଲଟା ସ୍ୱାମୀ, ସ୍ତ୍ରୀ ଙ୍କୁ ଗାଳି ଗୁଲଜ କରିବା ସହ ସଂପତିକୁ ଦେବେ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ । ଶେଷର ନିରୁପାୟ ହୋଇ ମହିଳା ଜଣକ ନୀଳଗିରି ଥାନାରେ ଅଭିଯୋଗ କରିଥିବାର ଜଣାପଡ଼ିଛି । ସୂଚନାଥାଉକି ନୀଳଗିରି ଥାନା ଅଧିନସ୍ଥ ସଜନାଗଡ଼ ପଂଚାୟତର ରାଜେନ୍ଦ୍ରପୁର ଗାଁର ପ୍ରଦୀପ କୁମାର ଜେନା ରାଜେନ୍ଦ୍ରପୁରରେ ଥିବା ନିଜର ପୈତୃକ ସଂପତି ଖାତା ନଂ.୨୫୦, ପ୍ଲଟ ନଂ.୫୬୧ରେ ୫୧ଡି. ଘର ଓ ବାରି ଥିବା ବେଳେ ଏହାକୁ ବଳପୂର୍ବକ ନିଜର ଦାଦା ପୁଅମାନେ ଅକ୍ତିଆର କରି ଘର କରୁଥିବା ନେଇ ପ୍ରଦୀପର ସ୍ତ୍ରୀ ଝୁନୁମଣୀ ଜେନା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ପ୍ରଦୀପର ବାପା ପୂର୍ଣ୍ଣଚନ୍ଦ୍ର ଜେନା ବହୁ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ସ୍ତ୍ରୀ ମଧ ମୃତ୍ୟୁବରଣ କରିଥିଲେ। ବାପା ମା ମଲା ପରେ ପ୍ରଦୀପ ବେସାହାରା ହୋଇ ଅନ୍ୟ ଦୋକାନ ଗୁଡ଼ିକରେ କାମ କରି ଜୀବନ ବିତାଇଥିଲେ। ଇତି ମଧ୍ୟରେ ପ୍ରଦୀପ ବିବାହ କରିଥିଲା ବେଳେ ଏକ ପୁତ୍ର ସନ୍ତାନ ର ଜନକ ମଧ ହୋଇଥିଲେ । ଅର୍ଥାଭାବରୁ ନିଜର ପୈତୃକ ସଂପତିରେ ଘର ଖଣ୍ଡିଏ କରି ନ ପାରି ପର ଘରେ ରହୁଥିଲା । ଇତିମଧରେ ତାର କକା ପୁଅ ମାନେ ପୈତୃକ ସଂପତି ଉପରେ ଜୁଲୁମ ଦେଖି ନିରୀହ ସ୍ୱାମୀ-ସ୍ତ୍ରୀ ନିରୁପାୟ ହୋଇ ଶେଷରେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ପ୍ରଦୀପଙ୍କ ଆଧାରକାର୍ଡ ଓ ଫୋଟ ପରିଚୟ ପତ୍ରରେ ବାପା ପୂର୍ଣ୍ଣଚନ୍ଦ୍ର ଜନୋଙ୍କ ନାମ ଉଲ୍ଲେଖ ଥିବା ବେଳେ ତାର କକା ପୁଅମାନେ ସଂପତି ହାତେଇବା ଆଳରେ ପୂର୍ଣ୍ଣଚନ୍ଦ୍ର ଜେନା ଅବିବାହିତ ବୋଲି ଅଭିଯୋଗ କରିଛନ୍ତି । ତେବେ ଘଟଣାକୁ ନୀଳଗିରି ଆଇ.ଆଇ.ସି. ତଦନ୍ତ କରୁଥିବାର ଜଣାପଡ଼ିଛି ।

ବାଲେଶ୍ୱର, ମଙ୍ଗଳବାର, ୨୫ ଜାନୁଆରୀ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଗୋଟିଏ ଦିନରେ ୭୨୯୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୨୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୧୧୯୫୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୯୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୨୧ ହଜାର ୦୬୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୧୭୬୫ ରହିଛି । ଆଜି ଚିହ୍ନଟ ହୋଇଥିବା ୭୨୯୧ ଜଣଙ୍କ ମଧ୍ୟରୁ ୪୨୨୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୦୬୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୯୪୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୮୩, ବାଲେଶ୍ୱର ଜିଲ୍ଲାରୁ ୩୪୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୫୫ , କଟକରୁ ୫୬୧ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୯୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୯୫, ଗଂଜାମ ଜିଲ୍ଲାରେ ୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨୧, ଯାଜପୁରରୁ ୨୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୮୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୯୮ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ବିକାଶ ଅପହଞ୍ଚ

### ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବିକାଶଦେଇପୁରବାସୀ



ବାଲେଶ୍ୱର,୨୪/୦୧ (ନି.ପ୍ର): ସାଧାରଣ ଜୀବନଯାପନରେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ବାଲିଆପାଳ ବ୍ଲକ ସାଉଡ଼ି ପଞ୍ଚାୟତର ବିଶିକାଦେଇପୁର ଗ୍ରାମବାସୀମାନେ ଜିଲାପାଳଙ୍କଠାରେ ସୋମବାର ଫେରାଦ ହୋଇଛନ୍ତି। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ସେମାନଙ୍କ ଗ୍ରାମକୁ ରାସ୍ତାଟିଏ ନଥିବା ଗ୍ରାମବାସୀମାନେ ଆରୋପ ଉଠାଇଛନ୍ତି। ବିଲ ହିଡ଼ରେ ପିଲାଠାରୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ସମସ୍ତେ ଯାତାୟାତ କରିଥାନ୍ତି। ସବୁଠାରୁ ବଡ଼କଥା ହେଲା ବର୍ଷା ଦିନରେ ହଡ଼ି ବୁଡ଼ିଯିବା ସମୟରେ ଏହି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଥାଏ ବୋଲି ଗ୍ରାମବାସୀମାନେ କହିଛନ୍ତି। ଏହି ଗାଁ ମୁଖ୍ୟ ରାସ୍ତାରୁ ମାତ୍ର ଦୁଇ କିଲୋମିଟର ଦୂର ହୋଇଥିବା ବେଳେ ପ୍ରତିଟି କ୍ଷେତ୍ରରେ ଗ୍ରାମବାସୀ ଅବହେଳାର ଶିକାର ହୋଇ ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ବିଭିନ୍ନ ଲୋକଭିମୁଖୀ ଯୋଜନା କାର୍ଯ୍ୟକାରୀ ହେଉଥିଲେ ବି ଏହି ଗାଁ ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ନିର୍ମାଣ ହୋଇ ନ ପାରିବା ଦୁର୍ଭାଗ୍ୟର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ନିର୍ବାଚନ ବେଳେ ପ୍ରଚାର ପାଇଁ ଆସୁଥିବା ନେତା ପ୍ରାର୍ଥୀ ପ୍ରତିଶ୍ରୁତିର ପାହାଡ଼ ଛିଡ଼ା କରାଉଥିବା ବେଳେ ନିର୍ବାଚନ ପରେ ସବୁ ଭୁଲିଯା'ନ୍ତି। ଏନେଇ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ବାରମ୍ବାର ଗୁହାରୀ କଲେ ବି ଫଳ କିଛି ନହେବାରୁ ଶେଷରେ ଚଳିତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ନିଷ୍ପତ୍ତି ନିଆଯାଇଥିବା ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ଅତ୍ୟାଧୁନିକ ଗିରି ପେ-ଫୋନ ଓ ଇଲେକ୍‌ଟ୍ରୋନିକ୍ସ ସୋରୁମ୍ ଉଦ୍‌ଘାଟିତ

ନୀଳଗିରି, ୨୪/୦୧ (ନି.ପ୍ର): ନୀଳଗିରିରେ ବେଶ୍ ପରିଚିତ ଗିରି ପେ-ଫେନ୍ ର ସତ୍ୱାଧିକାରୀ ଚନ୍ଦ୍ରଶେଖର ଗିରି ଆଜି ନୀଳଗିରି ବସ୍ ଷ୍ଟାଣ୍ଡ ନିକଟରେ ନୂତନ ଅତ୍ୟାଧୁନିକ ମୋବାଇଲ ଦୋକାନ ସହ ଇଲେକ୍ଟ୍ରୋନିକ୍ସ ସୋରୁମ୍‌କୁ ନୀଳଗିରିର ସମାଜସେବୀ ଗଣେଶ ଖୁଂଟିଆ ଆନୁଷ୍ଠାନିକ ଭାବେ ଫିତା କାଟି ନୂତନ ସୋରୁମ୍‌କୁ ଶୁଭ ଉଦ୍‌ଘାଟନ କରିଛନ୍ତି । ନୂତନ ଶୋରୁମ୍‌ରେ ସମସ୍ତ କମ୍ପାନୀର ମୋବାଇଲ , ଏଲ.ଇ.ଡି. ଫ୍ରିଜ, ଏ.ସି. ସମେତ ବହୁ ଇଲେକ୍‌ଟ୍ରୋନିକ ସାମଗ୍ରୀ ଗ୍ରାହକଙ୍କୁ ବେଶ ଆକୃଷ୍ଟ କରିଥିଲା । ଉକ୍ତ ସୋରୁମରେ ଗ୍ରାହକମାନଙ୍କ ପାଇଁ ଫାଇନାନ୍‌ସର ବ୍ୟବସ୍ଥା ଥିବାର ମାଲିକ ଶ୍ରୀଗିରି ସୂଚନା ଦେଇଛନ୍ତି।

## ଜଳେଶ୍ୱର ବ୍ଲକରେ ଛତୁଆ ବଣ୍ଟନରେ ବିଭ୍ରାଟ

### ସିଡିପିଓଙ୍କ କାରନାମା ବିରୋଧରେ ମହାସଂଘ ପକ୍ଷରୁ ବ୍ଲକ ସମ୍ମୁଖରେ ଗଣଧାରଣା

ଜଳେଶ୍ୱର, ୨୪/୦୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନରେ ଥିବା ଅଂଗନୱାଡି ଗୁଡିକରେ ଛତୁଆ ବଣ୍ଟନ ନେଇ ଅସନ୍ତୋଷ ଦୀର୍ଘମାସ ଧରି ମହାସଂଘର ସ୍ୱୟଂସହାୟକ ଗୋଷ୍ଠି ମଧ୍ୟରେ ବଢି ଆସୁଛି । ଏଥିରେ ସିଡିପିଓଙ୍କ ତ୍ରୁଟିଯୋଗୁଁ ଛତୁଆ ତିଆରି ଜଳେଶ୍ୱରରେ ନ ହୋଇ ଭୋଗରାଇ ବ୍ଲକରେ ହେଉଥିବାରୁ ମହାସଂଘ କ୍ଷୁବ୍ଧ ହୋଇ ଆସୁଛି । ସୂଚନା ଅନୁଯାୟୀ ସିଡିପିଓ ସମସ୍ୟାର ସମାଧାନ କରୁନଥିବାରୁ ଆଜି ୩୫ ପଂଚାୟତର ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇଛି । ଜଳେଶ୍ୱର ବ୍ଲକରେ ସୁବର୍ଣ୍ଣା ମହାସଂଘ ଗଠିତ ହୋଇ ଛତୁଆ ତିଆରୀ ହୋଇ ଆସୁଥିଲା । ନିୟମ ଅନୁଯାୟୀ ପ୍ରତିମାସର ୨୩ ତାରିଖ ଛତୁଆ ମିଶ୍ରଣ ବେଳେ ସିଡିପିଓଙ୍କ ଉପସ୍ଥିତିରେ କାର୍ଯ୍ୟ ଚାଉଳଥିଲା ଓ ପ୍ରତିମାସର ୧ ତାରିଖରେ ତାହା ବଣ୍ଟନ କରାଯାଉଥିଲା । କିନ୍ତୁ ଗତ ୪ ମାସ ପୂର୍ବରୁ ତତ୍‌କାଳୀନ ମହାସଂଘର ସଭାପତି, ସଂପାଦକ ଓ ସଦସ୍ୟ ମାନଙ୍କ ମଧ୍ୟରେ ସମନ୍ୱୟର ଅଭାବରୁ ଗଣ୍ଡଗୋଳ ଘଟିବାରୁ ଏହା ସମ୍ପୂର୍ଣ୍ଣରୂପେ ବନ୍ଦ ହେଲା । ବ୍ଲକର ୩୫ଟି ପଂଚାୟତ ମଧ୍ୟରୁ ଭୋଗରାଇର କାଳିମାତା ଏସ୍.ଏଚ୍.ଜି ୨୫ ପଂଚାୟତରେ ଛତୁଆ ବଣ୍ଟନ କଲାବେଳେ ଜଳେଶ୍ୱରର ସୁବର୍ଣ୍ଣା ମହାସଂଘ ୧୦ଟି ପଂଚାୟତ ଓ ମ୍ୟୁନିସିପାଲଟିର ୧୭ଟି ୱାର୍ଡରେ ବଣ୍ଟନ କରି ଆସୁଥିଲା । ଆଭ୍ୟନ୍ତରିଣ ଗଣ୍ଡଗୋଳ ଯୋଗୁଁ ସୁବର୍ଣ୍ଣା ମହାସଂଘ ଛତୁଆ ତିଆରିରୁ ଅବ୍ୟାହତି ନେବାରୁ କାଳିମାତା ସ୍ୱୟଂସହାୟକ ଗୋଷ୍ଠିକୁ ତିଆରି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଡିସେମ୍ବର, ଜାନୁଆରୀ ମାସରେ ଛତୁଆ ବଣ୍ଟନ ସରିଥିବା ବେଳେ ଫେବୃଆରୀ ମାସଲାଗି ଗତ ଜାନୁଆରୀ ୧୫ ତାରିଖରେ ସିଦ୍ଧାନ୍ତ ହେବା ସହ ୨୦ ତାରିଖରେ ସିଡିପିଓ ମହାସଂଘ ବୈଠକ ଡାକି ସିଦ୍ଧାନ୍ତ ନେଇଥିଲେ । ଛତୁଆ ମେସିନ୍ ନ ଥିବାରୁ ଫେବୃଆରୀମାସ ଲାଗି ଗାୟତ୍ରୀ ଛତୁଆ କେନ୍ଦ୍ରରେ ଜଳେଶ୍ୱର ମହାସଂଘ ଛତଚଆ ତିଆରି ଲାଗି ଚୁକ୍ତିପତ୍ର କରିଥିବା ବେଳେ ସିଡିପିଓ ଗତ ୧୫ ତାରିଖରୁ ଏହି କାର୍ଯ୍ୟ ଭୋଗରାଇର କାଳିମାତାକୁ ପୁଣି ଦେଇଥିବାର ଜଣାଯାଇଥିଲା । ଗତ କାଲି ରବିବାରରେ ଏହା ଜଣାଯିବାପରେ ଜଳେଶ୍ୱର ମହାସଂଘ ପକ୍ଷରୁ ସଭାପତି ପୁଷ୍ପଲତା ଦଓ ଓ ସଂପାଦିକା ବିଣାପାଣି ପାଣିଗ୍ରାହୀ ଓ ବରିଷ୍ଠ ସଦସ୍ୟ ଶାନ୍ତିଲତା ବେହେରା ଅନନ୍ୟ ଉପାୟ ହୋଇ ପ୍ରଶାସନକୁ ଜଣାଇବା ସହିତ ଆଜି ଆନ୍ଦୋଳନ ଡାକରା ଦେଇଥିଲେ । ୩୫ଟି ପଂଚାୟତର ସ୍ୱୟଂ ସହାୟିକା ମାନଙ୍କ କର୍ମକର୍ତ୍ତା ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ ଓ ୨୩ ତାରିଖ ଛତୁଆ ମିଶ୍ରଣ ଲାଗି ୫ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ସେମାନେ ପ୍ରକାଶ କରିଛନ୍ତି । ସିଡିପିଓ_ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁ ନଥିବା ବେଳେ ବିଡିଓ ଅଶ୍ୱିନୀ କୁମାର ଦାସ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଆସନ୍ତା ୨୭ ତାରିଖରେ ସମସ୍ୟାର ସମାଧାନ କରିବାର ପ୍ରତିଶୃତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି । କିନ୍ତୁ ଜଳେଶ୍ୱରରେ ବଣ୍ଟନ ହେବାକୁ ଥିବା ଛତୁଆ ଜଳେଶ୍ୱରେ ପ୍ରସ୍ତୁତି କରାଯାଉବୋଲି ମତପ୍ରକାଶ ପାଇଛି ।

## ରାଜଧାନୀରେ ୨୪ ଘଂଟାରେ ୯୨୫ ପଜିଟିଭ୍

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ଦୀର୍ଘ ଦିନର ବ୍ୟବଧାନ ପରେ ରାଜଧାନୀରେ ଦୈନିକ କରୋନା ସଂକ୍ରମଣ ହଜାରେ ତଳକୁ କମିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ସୋମବାର ଆଉ ୯୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୨୦ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୯୨୫ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୧୩୫୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୧୨୭୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୪୪୪୪୪ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩୨୫୬୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ମୃତକଙ୍କ ସଂଖ୍ୟା ୧୧୧୦ ରେ ପହଂଚିଛି ।

## ଓଡ଼ିଶା ମାଇନୋରିଟି ଆଡଭୋକେଟ ଆସୋସିଏସନ ବୈଠକ

ବାଲେଶ୍ୱର,୨୪/୦୧ (ନି.ପ୍ର): ଓଡ଼ିଶା ମାଇନୋରିଟି ଆଡଭୋକେଟ ଆସୋସିଏସନ, ବାଲେଶ୍ୱର ଶାଖାର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସାଧାରଣ ସମ୍ପାଦକ ଆଇନଜୀବୀ ମହମ୍ମଦ ଇସଲାମ ଏଥିରେ ପୌରୋହିତ୍ୟ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୨୧ ମସିହା ଅଗଷ୍ଟ ମାସ ଅଗଷ୍ଟ ମାସରେ ଏହି ଆସୋସିଏସନ ଗଠିତ ହୋଇଥିବା ବେଳେ ସମ୍ପ୍ରତି ରାଜ୍ୟର ୧୯ ଜିଲାରେ କାର୍ଯ୍ୟକ୍ଷମ ଥିବା ସେ କହିଛନ୍ତି। ସଂଗଠନର ରାଜ୍ୟ ସଭାପତି ଜିଆ ଉଲା ଏଥିରେ ଯୋଗଦେଇ ସଂଖ୍ୟାଲଘୁ ବର୍ଗର ଆଇନଜୀବୀଙ୍କ ମଧ୍ୟରେ ଐକ୍ୟ ଭାବନା ସୃଷ୍ଟି ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନକୁ ଏହି ଆସୋସିଏସନ ଅଧିକ ଗୁରୁତ୍ୱ ଦେବ ବୋଲି କହିଥିଲେ। ଅନ୍ୟପକ୍ଷରେ ଅର୍ଥାଭାବରୁ ମାମଲା ପରିଚାଳନା କରିପାରୁ ନଥିବା ବ୍ୟକ୍ତିଙ୍କୁ ଆଇନ ସେବା ପ୍ରଦାନ ପାଇଁ ସଙ୍ଗଠନ ସହଯୋଗ କରିବ ବୋଲି ସଭାପତି ଜିଆ ଉଲା କହିଥିଲେ। ଏହି ଅବସରରେ ଆସୋସିଲସନର ଏକ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର କାର୍ଯ୍ୟକାରୀ ସଭାପତି ହାଜି ଶେଖ ଅବଦୁଲ ଇସ୍ତାର, ଶେଖ ହାଜିରୁଦ୍ଦିନ, ଶେଖ ଜୁଲଫୁକାର, ସୋହନା ପରିବିନ, ମୀର ଅବଦୁଲ ମଜିଦଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ପୂର୍ବତନ ପୌରପାଳ ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ବିୟୋଗରେ ଶୋକସଭା



ପାରାଦୀପ, ୨୪/୦୧ (ନି.ପ୍ର): ପାରାଦୀପ ପୌରପରିଷଦର ପ୍ରଥମ ନିର୍ବାଚିତ ପୌରପାଳ ରମେଶ ଚନ୍ଦ୍ର ସାମନ୍ତରାୟଙ୍କର ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଥିଲା । ତାଙ୍କ ଆବର୍ତ୍ତମାନରେ ପାରାଦୀପର ଅଠରବାଙ୍କୀ ମାର୍କେଟ ପରିସରରେ ଅଠରବାଙ୍କୀ ବଣିକ ସଂଘ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ବଣିକ ସଂଘ ପକ୍ଷରୁ ଗୋକୁଳାନନ୍ଦ ତରାଇ, କୃପାସିନ୍ଧୁ ଗୋଛାୟତ, ନଗେନ୍ଦ୍ର ରାଉତ, ଚିତ୍ତରଂଜନ ମଲ୍ଲିକ, ଅକ୍ଷୟ ଭୂୟାଁ, ରମାକାନ୍ତ ନାୟକ, ରଂଜନ ବିଶ୍ୱାଳ, ଅଧୀର ବାରିକ ଙ୍କ ସମେତ ବ୍ୟବସାୟୀମାନେ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ସ୍ୱର୍ଗତ ସାମନ୍ତରାୟ ପୌରାଧ୍ୟକ୍ଷ ଥିବା ସମୟରେ ଅଠରବାଙ୍କୀ ଠାରେ ଏକ ସୁନ୍ଦର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଇଥିଲେ । ଯାହାକୁ ସେତେବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ । ତାଙ୍କର ଏହି ଅବଦାନକୁ ବ୍ୟବସାୟୀମାନେ ତାଙ୍କ ଅନୁପସ୍ଥିତିକୁ ଅନୁଭବ କରି ଶୋକବ୍ୟକ୍ତ କରିଥିଲେ ।

## ମୟୂରଭଞ୍ଜକୁ କେନ୍ଦ୍ର ଶାସିତ ଅଞ୍ଚଳ ଘୋଷଣା କରାଯାଉ : ଭଞ୍ଜସେନା




ଉଦଳା, ୨୪/୦୧ (ନି.ପ୍ର): ମୟୂରଭଞ୍ଜକୁ କେନ୍ଦ୍ର ଶାସିତ ଅଞ୍ଚଳ ଘୋଷଣା କରାଯାଉ ବୋଲି ଭଞ୍ଜସେନା ତରଫରୁ ଦାବି କରାଯାଇଛି । ଏବାବଦରେ ଚଳିତ ଜାନୁଆରୀ ୨୩ ତାରିଖ ରବିବାର ଦିନ ଭଞ୍ଜସେନାର ୨୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆଲୋଚନା କରାଯାଇଥିବାର କପ୍ତିପଦା ଉପଖଣ୍ଡ ସଭାପତି ରବିନ୍ ମହାନ୍ତି ଗଣମାଧ୍ୟମକୁ ଜଣାଇଛନ୍ତି । ପ୍ରତିଷ୍ଠା ଦିବସ ପାଳନ ପାଇଁ ସମସ୍ତ ସଦସ୍ୟ ପ୍ରଭାତରେ ସ୍ଥାନୀୟ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ସଫେଇ କାମ କରିଥିଲେ । ଏହାପରେ ପତାକା ଉତ୍ତୋଳନ ସହିତ ସମସ୍ତେ ଏକ ସ୍ୱରରେ ମୟୂରଭଞ୍ଜର ଜାତୀୟ ସଂଗୀତ "ଏଇ ମୋର ଭଞ୍ଜ ଭୂମି ମୋର ମହାରାଜା, ଜନ୍ମେ ଜନ୍ମେ ଏ ଦୁହିଁଙ୍କୁ କରୁଥିବି ମୁଁ ପୂଜା ...." ଗାନ କରିଥିଲେ । ପରେ ସମସ୍ତେ ସ୍ଥାନୀୟ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବିସ୍କୁଟ ବଣ୍ଟନ କରିଥିଲେ । ସନ୍ଧ୍ୟାରେ ପୁଣି ଥରେ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ସମସ୍ତ ସଦସ୍ୟ ଏକତ୍ରିତ ହେବା ସହିତ "ମୟୂରଭଞ୍ଜର ଅତୀତ ଓ ବର୍ତ୍ତମାନ" ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ରର ଆୟୋଜନ କରିଥିଲେ । ଏଥିରେ ସଦସ୍ୟମାନେ ଅଂଶ ଗ୍ରହଣ କରିବା ସହିତ ମୟୂରଭଞ୍ଜର ବିକାଶ ପାଇଁ ଏହା କେନ୍ଦ୍ର ଶାସିତ ଅଞ୍ଚଳ ରୂପେ ଘୋଷିତ ହୋବର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଂପୂର୍ଣ୍ଣ ହେମ୍ବ୍ରମ ସହଯୋଗ କରିଥିବାବେଳେ ଜିଲ୍ଲା ମୁଖ୍ୟ ସଂଯୋଜକ ଜିତେନ୍ଦ୍ର ହେମ୍ବ୍ରମ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୪୩ ଗିରଫ, ୭୬୫ ବାହନ ଜବତ

ଭୁବନେଶ୍ୱର, ୨୪/୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୪୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୬୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୮,୬୨,୬୭୭ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ବାଲେଶ୍ୱରରେ ବାଲାସାହେବ ଠାକରେ ଜୟନ୍ତୀ

ବାଲେଶ୍ୱର,୨୪/୦୧ (ନି.ପ୍ର): ଶିବସେନାର ବାଲେଶ୍ୱର ଶାଖା ପକ୍ଷରୁ ବାଲାସାହେବ ଠାକରେଙ୍କ ୯୬ତମ ଜୟନ୍ତୀ ନୂଆବଜାରସ୍ଥିତ ଜିଲା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲା ସଭାପତି ପଦ୍ମଲୋଚନ ପତି ଏଥିରେ ଅଧ୍ୟକ୍ଷତା କରିବା ସହିତ ବାଲାଠାକରେଙ୍କ ଜୀବନାଦର୍ଶ ଓ ଶିବସେନାର ମୌଳିକ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବସ ମାଲିକ ସଂଘର ସାଧାରଣ ସମ୍ପଦକ ସମାଜସେବୀ ଅଜୟ କୁମାର ବିଶ୍ୱାଳ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାଲେଶ୍ୱରରେ ବାଲା ସାହେବ ଠାକରେଙ୍କ ଜୟନ୍ତୀ ପାଳନ କରୁଥିବା ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ। ଶିବସେନା ଉତ୍ତର ଓଡ଼ିଶା ସମ୍ପର୍କ ପ୍ରମୁଖ ଅକ୍ଷୟ କୁମାର ଦାସ, ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦର୍ଶ ନେତା ବାଲଠାକରେ ସମଗ୍ର ଦେଶ ପାଇଁ ଉଦାହରଣ ହୋଇ ପାରିଛନ୍ତି ବୋଲି କହିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟୁଷରେ ଝାଡ଼େଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ଶ୍ରୀଜଗନ୍ନାଥ ଗୋଶାଳାରେ ଗୋ-ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସଙ୍ଗଠନର ଉପଦେଷ୍ଟା ମନୋରଂଜନ ପରିଡ଼ା, ଅରବିନ୍ଦ ଆଚାର୍ଯ୍ୟ, ସୁଶାନ୍ତ କୁମାର ନାୟକ, ଫୁନା ମହାପାତ୍ର, ସୁରେଶ ଚନ୍ଦ୍ର ରଣା, ଉତ୍ତମ କୁମାର ଜେନା, କମଳାକାନ୍ତ ସ, ମଣ୍ଟୁ ଦାସ, ଅବନ୍ତି ପରିଡ଼ା, ସୀତାରାଣୀ ଜେନା, ପୂଜା ସିଂ, ଗଙ୍ଗାଧର ବିନ୍ଧାଣୀ, ରତନ କୁମାର ପାତ୍ର, ଉମେଶ କମିଳା, ଯୋଗେନ୍ଦ୍ର ଦାସ, ଅନିରୁଦ୍ଧ ସେନାପତି, ଡାକ୍ତର ସୋମନାଥ ଦାସ, ରତ୍ନାକର ସାହୁ, ସନ୍ତୋଷ ସିଂ ପ୍ରମୁଖ ଏଥିରେ ଯୋଗଦେଇ ଦିବସବ୍ୟାପୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବନ୍ଦେ ମାତୃଭୂମି କବିତା ପାଠୋତ୍ସବ ପାଇଁ ପ୍ରସ୍ତୁତି

### ଶୁଭଶଂଖ ସାହିତ୍ୟ ଅନୁଷ୍ଠାନର ଆଭାସୀ ବୈଠକ




ବାରିପଦା,୨୪/୦୧ (ନି.ପ୍ର): ସାଧାରଣତନ୍ତ୍ର ଦିବସ ଅବସରରେ ଶୁଭଶଂଖ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବନ୍ଦେ ମାତୃଭୂମି କବିତା ପାଠୋତ୍ସବ ନିମନ୍ତେ ଏକପ୍ରସ୍ତୁତି ବୈଠକ ଆଭାସୀ ଆଲୋଚନା ଚକ୍ର ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି । ଶୁଭଶଂଖ ସାହିତ୍ୟ ଅନୁଷ୍ଠାନର ସଭାପତି ଡଃ ତରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୌଜନ୍ୟ ସଂପାଦକ ସଞ୍ଜୟ କୁମାର ଚୌଧୁରୀ ଉପସଭାପତି ଡଃ ପୁଷ୍ପାପାତ୍ର, ସଂପାଦନା ମଣ୍ଡଳୀ ସଦସ୍ୟ ଉଷା ଶତପଥୀ ଏବଂ କାର୍ଯ୍ୟ ନିର୍ବାହୀ ସଂପାଦକ ରେଣୁବାଳା ରଥ ଯୋଗ ଦେଇଥିଲେ । ଏହି ଅବସରରେ ଶୁଭଶଂଖ ସାହିତ୍ୟ ଅନୁଷ୍ଠାନର ଆଗାମୀ କାର୍ଯ୍ୟକ୍ରମ ନିମନ୍ତେ ଏକ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତି ପାଇଁ ରୂପରେଖ ଚୂଡାନ୍ତ ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିବା ବେଳେ ଶୁଭଶଂଖର ମୁଖପତ୍ର ସୃଜନର ସୂତ୍ରଧର ଶଂଖକୁ ଅଧିକରୁ ଅଧିକ ଗୁଣଗ୍ରାହୀ ପାଠକଙ୍କ ନିକଟରେ ପହଞ୍ଚାଇବାକୁ ଜାରି ରହିଥିବା ନିରବଚ୍ଛିନ୍ନ ଉଦ୍ୟମକୁ ପ୍ରଶଂସା କରାଯାଇଥିଲା । ଶଂଖ ପତ୍ରିକାକୁ ଏକ ସମ୍ଭ୍ରାନ୍ତ ତଥା ଭିନ୍ନ ସ୍ୱାଦର ପତ୍ରିକା ଭାବେ ଗଢିତୋଳି ଆହୁରି ଲୋକାଭିମୁଖୀ କରି ସମସ୍ତଙ୍କର ମନ ଲାଖି ପତ୍ରିକାଟିଏ କରିବାକୁ ଯେଉଁ ପ୍ରଚେଷ୍ଟା ଆବଶ୍ୟକ ସେଥିପାଇଁ ଅଧିକରୁ ଅଧିକ ପ୍ରୟାସ ଜରୁରି ବୋଲି ମତ ପ୍ରକାଶ ପାଇଥିଲା । ଦୀର୍ଘ ୧୪ବର୍ଷର ବ୍ୟବଧାନ ପରେ ନବକଳେବର ରୂପରେ ଶଂଖର ପୁନଶ୍ଚ ଆବିର୍ଭାବ ପାଠକ ଓ ଲେଖକଙ୍କ ପାଖରେ ତାର ପୂର୍ବ ଲୋକପ୍ରିୟତା ବଜାୟ ରଖିବା ଏକ ଶୁଭସଂକେତ ବୋଲି ସଭାପତି ଡଃ ତରୁଣ କୁମାର ଓଝା କହିଥିଲେ । ଏହି ଅବସରରେ ଚଳିତ ସଂଖ୍ୟାର ପ୍ରଚ୍ଛଦ ପଟ୍ଟ ଏବଂ ଶୁଭଶଂଖର ନୂତନ ସଂକେତ(ଲୋଗୋ) ଆଙ୍କିଥିବା ଶିଳ୍ପୀ ସମରେନ୍ଦ୍ର ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ଅଜସ୍ର ଅଭିନନ୍ଦନ ଜ୍ଞାପନ କରାଯାଇଥିବା ବେଳେ ଶଂଖର ନବକଳେବର ସଂଖ୍ୟା ଯେଉଁ ଶବ୍ଦଶିଳ୍ପୀଙ୍କ ଲେଖନୀ ମୂନରେ ସମୃଦ୍ଧ ହୋଇଛି ସେମାନଙ୍କ ଠାରେ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା । ଏହି ଅବସରରେ ପାଠକଙ୍କ ଗଠନ ମୂଳକ ମତାମତକୁ ଅଧିକ ଗୁରୁତ୍ୱ ଦେଇ ସେ ସବୁକୁ ଆଗାମୀ ସଂଖ୍ୟାରେ ସୁନ୍ଦର ଭାବେ ସେମାନଙ୍କର ଫଟୋ ସହ ପ୍ରକାଶ କରିବାକୁ ଉପସଭାପତି ଡଃ ପୁଷ୍ପା ପାତ୍ରଙ୍କ ପ୍ରସ୍ତାବକୁ ସାଦରେ ଗ୍ରହଣ କରାଯାଇଛି । ସେହିଭଳି ଶୁଭଶଂଖ ସାହିତ୍ୟ ଅନୁଷ୍ଠାନ ମାଧ୍ୟମରେ ସାହିତ୍ୟ ସହିତ ଅଧିକରୁ ଅଧିକ ଜନକଲ୍ୟାଣ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଉଷା ଶତପଥୀଙ୍କ ପ୍ରସ୍ତାବକୁ ମଧ୍ୟ ଗ୍ରହଣ କରାଯାଇ ଆଗାମୀ ଦିନରେ ସେ ସଂପର୍କରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି । ଶଂଖର ଆଗାମୀ ସଂଖ୍ୟା ମୁକ୍ତି ଯୋଦ୍ଧାଙ୍କ ଅମର କାହାଣୀ ଉପରେ ପର୍ଯ୍ୟବସିତ ହେଉଥିବାରୁ ଏଥିପାଇଁ ବିଦ୍ଧିବଦ୍ଧ ଭାବେ ବିଭିନ୍ନ ଅଞ୍ଚଳର ଅନାଲୋଚିତ ଏବଂ ଅଳ୍ପାଲୋଚିତ ମୁକ୍ତିସଂଗ୍ରାମୀଙ୍କ ଏକ ତାଲିକା ପ୍ରସ୍ତୁତ ସହ ସେହି ଅନୁସାରେ ଲେଖା ଆହ୍ୱାନ ପାଇଁ ନିଷ୍ପତ୍ତି ହୋଇଥିଲା । ତେବେ ବର୍ତ୍ତମାନ କରୋନା ମହାମାରୀର ଭୟାବହତାକୁ ଉପଲବ୍ଧି କରି ଆସନ୍ତା ୭୩ତମ ତମ ସାଧାରଣତନ୍ତ୍ର ଦିବସ ଅବସରରେ ରାତି ୭ଟାରେ ବନ୍ଦେମାତୃଭୂମି ଶୀର୍ଷକରେ ଏକ ରାଜ୍ୟସ୍ତରୀୟ ଆଭାସୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି କବିତା ପାଠୋତ୍ସବକୁ ଡଃ ପୁଷ୍ପା ପାତ୍ର ଏବଂ ଉଷା ଶତପଥୀ ସଂଯୋଜନା କରିବେ ।

## ସ୍ୱାଧୀନ ପ୍ରାର୍ଥୀ ନୁହେଁ ! ମୁଁ ବିଜେପି ସମର୍ଥୀତ ପ୍ରାର୍ଥୀ : ବୈଦ୍ୟନାଥ ସିଂ

ନୀଳଗିରି, ୨୪/୦୧ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଭିନ୍ନ ଦଳ ଓ ସ୍ୱାଧୀନପ୍ରାର୍ଥୀ ମାନେ ନିଜନିଜର ନାମାଙ୍କନ ପତ୍ର ଦାଖଲ କରିସାରିଥିବା ବେଳେ ନୀଳଗିରି ବ୍ଲକର ଗରଡିହି ପଂଚାୟତର ସରପଂଚ ପ୍ରାର୍ଥୀ ଭାବେ ବିଜେପି ସମର୍ଥୀତ ବୈଦ୍ୟନାଥ ସିଂ ସଠିକ ସମୟରେ ନିଜର ନାମାଂକନ ପତ୍ର ଦାଖଲ କରିଥିଲେ । କିଛି ଗଣମାଧ୍ୟମରେ ବୈଦନାଥ ସିଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଉକ୍ତ ପଂଚାୟତର ନାମାଂକନ ପତ୍ର ଦାଖଲ କରିଥିବାର ପ୍ରକାଶିତ ହୋଇଥିଲା । ଏକପ୍ରେସ ଇସ୍ତାହାରରେ ବୈଦ୍ୟନାଥ ସିଂ ଏହାକୁ ଖଣ୍ଡନ କରି କହିଛନ୍ତି ଯେ ମୁଁ ସ୍ୱାଧୀନ ଭାବେ ପ୍ରାର୍ଥୀ ପତ୍ର ଦାଖଲ କରି ନ ଥିଲେ । ବିଜେପି ଦଳ ସମର୍ଥନରେ ଗରଡିହି ପଂଚାୟତର ସରପଂଚ ପ୍ରାର୍ଥୀ ନାମାକଂନ ଦାଖଲ କରିଥିବାରେ ପ୍ରେସ ଇସ୍ତାହାରରେ କହିଛନ୍ତି । ମୁଁ ବିଜେପି ଦଳର ଜଣେ ସକ୍ରିୟ କର୍ମୀ ଥିବା କହିଛନ୍ତି ।

## ପାରାଦୀପ ବନ୍ଦର ପକ୍ଷରୁ ଅନାଥ ଆଶ୍ରମରେ ଶୁଖିଲା ଖାଦ୍ୟ ବଣ୍ଟନ



ପାରାଦୀପ, ୨୪/୦୧ (ନି.ପ୍ର): ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ସାରା ଦେଶ ଆଜାଦି କି ଅମୃତ ମହୋତ୍ସବ ପାଳନ କରୁଛି । ଏହି କାର୍ଯ୍ୟକ୍ରମ ଅଧିନରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପାରାଦୀପ ବନ୍ଦର ପକ୍ଷରୁ ଅଠରବାଙ୍କୀ ବାଲିଝରାସ୍ଥିତ ମାଆ ସନ୍ତୋଷୀ ଜରା ନିବାସର ଅନ୍ତେବାସୀଙ୍କୁ ସାହାଯ୍ୟର ହାତ ବଢାଯାଇଛି । ସୋମବାର ଦିନ ଏହି ଅବସରରେ ପାରାଦୀପ ବନ୍ଦରର ଅଧକ୍ଷ ପି.ଏଲ୍.ହାରନାଦ୍‌ଙ୍କ ତତ୍ୱାବଧାନରେ ଏକ ଟିମ୍ ସେଠାରେ ପହଂଚିଥିଲେ । ଏହି ଟିମ୍‌ରେ ପାରାଦୀପ ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀ, ବନ୍ଦରର ଉପାଧକ୍ଷ ଏ.କେ.ବୋଷ, ସଚୀବ ଡ.ପି.ଏନ୍.ବାହେକର, ପାରାଦୀପ ସାକ୍ଷରତା ସମିତିର ସଂପାଦକ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ବନ୍ଦରର ବହୁ ଅଧିକାରୀ ଯୋଗ ଦେଇ ଜରାନିବାସର ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ, ପୋଷାକ,ମାସ୍କ, ସାନିଟାଇଜର୍ ବଣ୍ଟନ କରିଥିଲେ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ । ପାରାଦୀପ ବନ୍ଦର ଅସହାୟ ମଣିଷଙ୍କ ପାଖରେ ପହଂଚି ସେମାନଙ୍କର ଆବଶ୍ୟକତାକୁ ପୂରଣ ପାଇଁ ସବୁ ବେଳେ ଲକ୍ଷ୍ୟ ରଖିଥବା ପାରାଦୀପ ବନ୍ଦର ଅଧକ୍ଷ ଶ୍ରୀ ହାରନାଦ କହିଥିବା ନେଇ ବନ୍ଦର ଲୋକସଂପର୍କ ବିଭାର ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo